
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୫ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 05 MAY 2021
Vol.No. 32 ■ No. 114 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ
ରଥ ସଂଖ୍ୟା .....
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ସାରା ରାଜ୍ୟରେ ୧୪ ଦିନିଆ ଲକ୍‌ଡାଉନ୍ ଆଜିଠୁ

## ସକାଳ ୬ରୁ ୧୨ଟା ଯାଏଁ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହିବ, ଜାରି ରହିବ ଟିକାକରଣ



ଭୁବନେଶ୍ୱର,୦୪/୦୫ (ନି.ପ୍ର): କୋଭିଡ ସଂକ୍ରମଣ ଲଗାତାର ବଢ଼ୁଥିବାରୁ ଆସନ୍ତାକାଲିଠାରୁ ସାରା ରାଜ୍ୟରେ ଆରମ୍ଭ ହେବ ୧୪ ଦିନିଆ ଲକ୍ ଡାଉନ୍। ମେ ୧୯ ତାରିଖ ପର୍ଯ୍ୟନ୍ତ ଲକ୍ ଡାଉନ୍ ଜାରି ରହିବ। ଏହି ସମୟ ମଧ୍ୟରେ ସ୍ୱାସ୍ଥ୍ୟ ଓ ଜରୁରୀ ସେବା ଜାରି ରହିବ । ଘରଠୁ ୫୦୦ମିଟର ଦୂରତା ଭିତରେ ଚାଲି ଚାଲି ସକାଳ ୬ରୁ ମଧ୍ୟାହ୍ନ ୧୨ଟା ଭିତରେ ଅତ୍ୟାବଶ୍ୟକ ସାମଗ୍ରୀ କିଣିପାରିବେ ଲୋକେ। ଲକଡାଉନ ଅବଧି ମଧ୍ୟରେ ପୂର୍ବ ପରି ଶନିବାର ଓ ରବିବାର ସପ୍ତାହାନ୍ତ ସଟଡାଉନ୍ ବଳବତର ରହିବ। ଲକଡାଉନ ସମୟରେ ଟିକାକରଣ ଜାରି ରହିବା ସହ କୋଭିଡ ପରୀକ୍ଷା ପାଇଁ ଅନୁମତି ମିଳିବ। ହସ୍ପିଟାଲ, କ୍ଲିନିକ, ନର୍ସିଂହୋମ, ଟେଲି ମେଡିସିନ ସେବା ଜାରି ରହିବ ବୋଲି ରାଜ୍ୟ ସରକାର ସୂଚନା ଦେଇଛନ୍ତି। ଲକଡାଉନ ସମୟରେ ରବିବାର ବ୍ୟତୀତ ଅନ୍ୟ ଦିନ ମାନଙ୍କରେ ଟିକାକରଣ ଜାରି ରହିବ। ଲୋକେ ନିଜର କୋଭିଡ ପରୀକ୍ଷା କରାଇପାରିବେ। ରାଜ୍ୟ ଭିତରେ ଓ ବାହାରେ ଆମ୍ବୁଲାନଅବାଧରେ ଚଳାଚଳ କରିବ। ବ୍ୟାଙ୍କ ଓ ଏଟିଏମ ସେବା ଜାରି ରହିବ । ଲୋକେ ହୋଟେଲ ବା ରେଷ୍ଟୋରାଁରେ ବସି ଖାଇ ପାରିବେ ନାହିଁ , କେବଳ ପାର୍ସଲ ନେବାକୁ ଅନୁମତି ଦିଆଯିବ। ଲକଡାଉନ ଓ ସଟଡାଉନ ସମୟରେ ଅନଲାଇନ ଡେଲିଭରୀ ଓ ହୋମ ଡେଲିଭରୀକୁ ଅନୁମତି ରହିଛି। ସମସ୍ତ ପ୍ରକାରର ଔଷଧ ଦୋକାନ ଖୋଲା ରହିବ। କ୍ଷୀର, ମାଛ, ମାଂସ ଓ ଅଣ୍ଡା ଦୋକାନ ଖୋଲା ରହିବ। କିନ୍ତୁ ଦୋକାନ ମଧ୍ୟରେ ୩୦ଫୁଟ ଦୂରତା ରହିବ। ଗ୍ୟାରେଜ ଓ ଗାଡ଼ି ମରାମତି ଦୋକାନ ଖୋଲା ରହିବ। ସେହିପରି ସକାଳ ୫ଟାରୁ ୮ଟା ପର୍ଯ୍ୟନ୍ତ ଖବରକାଗଜ ବିତରଣ ହେବ। ▶▶ପୃଷ୍ଠା ୭

## ଭାରତରେ ପ୍ରଥମଥର ପଶୁଙ୍କ ଦେହରେ ଚିହ୍ନଟ ହେଲା କରୋନା ଭୂତାଣୁ

### ହାଇଦ୍ରାବାଦ ଚିଡିଆଖାନାରେ ୮ ସିଂହ କରୋନା ସଂକ୍ରମିତ



ହାଇଦରାବାଦ୍,୦୪/୦୫: ସମ୍ଭବତଃ ଏହା ଭାରତର ପ୍ରଥମ ଘଟଣା । ମଣିଷ ପରେ ଭାରତରେ କରୋନାରେ ସଂକ୍ରମିତ ହେଉଛନ୍ତି ପଶୁ । ହାଇଦ୍ରାବାଦର ନେହେରୁ ପ୍ରାଣୀ ଉଦ୍ୟାନରେ ୮ ଟି ସିଂହ ଦେହରେ କରୋନା ଭୂତାଣୁ ଚିହ୍ନଟ ହୋଇଛି । ▶▶ପୃଷ୍ଠା ୭

# ମନୋଜ ଦାସଙ୍କ ସ୍ମୃତିରେ ଅନ୍ତର୍ଜାତୀୟ ପୁରସ୍କାର ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୦୪/୦୫(ନି.ପ୍ର): ଯଶସ୍ୱୀ ସାରସ୍ୱତ ସାଧକ ସ୍ୱର୍ଗତ ମନୋଜ ଦାସଙ୍କର ସ୍ମୃତିରେ 'ମନୋଜ ଦାସ ଆନ୍ତର୍ଜାତୀୟ ସାହିତ୍ୟ ପୁରସ୍କାର' ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ଇଂରାଜୀ ଭାଷାରେ ସୃଜନାତ୍ମକ ସାହିତ୍ୟ ସୃଷ୍ଟି କରୁଥିବା ଓଡିଆ ସାହିତ୍ୟିକ ମାନଙ୍କୁ ଏହି ପୁରସ୍କାର ଓଡିଶା ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ଦିଆଯିବ। ପୁରସ୍କାର ରାଶି ବାବଦକୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ । ଯୁବପୀଢ଼ି ମଧ୍ୟରେ ଉଭୟ ଇଂରାଜୀ ଓ ଓଡିଆ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି ନିମନ୍ତେ ପ୍ରତିବର୍ଷ ହାଇସ୍କୁଲ ସ୍ତରରେ ଇଂରାଜୀ ଓ ସାହିତ୍ୟରେ ମୌଳିକ ରଚନା ପାଇଁ 'ମନୋଜ-କିଶୋର ସାହିତ୍ୟ ପ୍ରତିଭା ସମ୍ମାନ' ପ୍ରଦାନ କରାଯିବ। ଏଥିନିମନ୍ତେ ଉଭୟ ଓଡ଼ିଆ ଓ ଇରାଜୀ ଭାଷା ରେ ଗୋଟିଏ ଗୋଟିଏ ପୁରସ୍କାର ପ୍ରଦାନ କରାଯିବ । ପୁରସ୍କାର ବାବଦ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯିବ । ସେହିପରି ମନୋଜ ଦାସଙ୍କ ପରିବାର ସଦସ୍ୟ ମାନଙ୍କ ପ୍ରସ୍ତାବ କ୍ରମେ ରାଜ୍ୟ ସରକାର ତାଙ୍କର ଜନ୍ମସ୍ଥାନ ବାଲେଶ୍ୱର ଜିଲ୍ଲା ଶଂଖାରୀ ଗ୍ରାମରେ ଥିବା ତାଙ୍କର ପୈତୃକ ବାସଭବନକୁ ହାତକୁ ନେବେ ▶▶ପୃଷ୍ଠା ୭

## ସ୍ଥଗିତ ରହିଲା ଜେଇଇ-ମେନ ପରୀକ୍ଷା



ଭୁବନେଶ୍ୱର,୦୪/୦୫(ନି.ପ୍ର): ସ୍ଥଗିତ ହେଲା ଜେଇଇ ମେନ ପରୀକ୍ଷା । କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି କେନ୍ଦ୍ର ଶିକ୍ଷା ବିଭାଗ ଏହି ନିଷ୍ପତି ନେଇଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିଆଲ ଟୁଇଟ କରି ଏହି ସୂଚନା ଦେଇଛନ୍ତି । ନ୍ୟାସନାଲ ଟେଷ୍ଟିଙ୍ଗ ଏଜେନ୍ସି ଏ ସମ୍ପର୍କରେ ନୋଟିସ ଜାରି କରିଛି । ଏନଟିଏ କହିଛି ଫେବୃଆରୀ ଓ ମାର୍ଚ୍ଚରେ ଜେଇଇ ମେନ ୨୦୨୧ର ଦୁଇଟି ଅଧିବେଶନ ପରୀକ୍ଷା ହେବାର ଥିଲା । ତେବେ ▶▶ପୃଷ୍ଠା ୭

# ଅକ୍ସିଜେନ ଅଭାବ ନେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଲେ ଦିଲ୍ଲୀ ହାଇକୋର୍ଟ




ନୂଆଦିଲ୍ଲୀ,୦୪/୦୫: ରାଜଧାନୀ ଦିଲ୍ଲୀରେ କରୋନା ସଂକ୍ରମଣ ଦୈନିକ ରେକର୍ଡ ଭାଙ୍ଗୁଥିବା ବେଳେ ଚିକିତ୍ସା ପାଇଁ ଅକ୍ସିଜେନ୍ ସାଜିଛି ବାଧକ । ଏନେଇ ଦିଲ୍ଲୀ ସରକାରଙ୍କ ପକ୍ଷରୁ କୋର୍ଟରେ ଦାଖଲ ହୋଇଥିବା ମାମଲା ଉପରେ ଆଜି ଶୁଣାଣି କରିଛନ୍ତି ଦିଲ୍ଲୀ ହାଇକୋର୍ଟ । ଶୁଣାଣି ବେଳେ କୋର୍ଟ ପୁଣିଥରେ କେନ୍ଦ୍ର ସରକାରଙ୍କୁ ଭତ୍ସନା କରିଛନ୍ତି । ଶୁଣାଣି ବେଳେ କୋର୍ଟ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ କହିଛନ୍ତି କି ଦିଲ୍ଲୀର ଅକ୍ସିଜେନ ଅଭାବ ନେଇ ତୁମେ ଆଖି ବନ୍ଦ କରିପାର ହେଲେ ଆମେ କରିପାରିବୁ ନାହିଁ । ହାଇକୋର୍ଟଙ୍କୁ ଆମିକସ୍ କ୍ୟୁରି ସୂଚନା ଦେଇଛନ୍ତି କି ଅକ୍ସିଜେନ ଅଭାବରୁ ଦିଲ୍ଲୀରେ ଦୈନିକ ଲୋକଙ୍କର ମୃତ୍ୟୁ ହେଉଛି । ହାଇକୋର୍ଟ କେନ୍ଦ୍ରସରକାରଙ୍କୁ ଉପଦେଶ ଦେଇ କହିଛନ୍ତି କି ବର୍ତମାନ ମହାରାଷ୍ଟ୍ରରେ ଅକ୍ସିଜେନର ଆବଶ୍ୟକତା ଠାରୁ ଅଧିକ ଗଚ୍ଛିତ ଅଛି , ତେଣୁ ସେଠାରୁ କିଛି ଅକ୍ସିଜେନ ଟ୍ୟାଙ୍କର ଦିଲ୍ଲୀକୁ ଯୋଗାଇ ଦିଆଯିବା ଦରକାର । ଅନ୍ୟପଟେ କେନ୍ଦ୍ର ତରଫରୁ କୁହାଯାଇଛି କି ଆଜି ସୁପ୍ରିମକୋର୍ଟରେ କେନ୍ଦ୍ର ତାର ଅନୁପାଳନ ରିପୋର୍ଟ ଦାଖଲ କରୁଛି । ଅନ୍ୟପଟେ ଆମିକସ୍ କ୍ୟୁରୀ କହିଛନ୍ତି କି କିଛି ସ୍ଥାନରେ ଅକ୍ସିଜେନ ଷ୍ଟୋର କରାଯାଇପାରିବ, ଯାହାଦ୍ୱାରା ଅଭାବ ବେଳେ ତାହାକୁ ବ୍ୟବହାର କରାଯାଇ ଲୋକଙ୍କ ଜୀବନ ବଞ୍ଚାଯାଇ ପାରିବ । କହିରଖୁ କି ଦିଲ୍ଲୀ ସରକାର ହାଇକୋର୍ଟରେ ଅଭିଯୋଗ କରିଥିଲେ କି, କେନ୍ଦ୍ର ସରକାରଙ୍କ ପକ୍ଷରୁ ଅକ୍ସିଜେନ ଯୋଗାଣ ଓ ଟ୍ୟାଙ୍କରର ସଠିକ୍ ବିନିଯୋଗ କରାଯାଉ ନାହିଁ । ଏହା ଉପରେ ଶୁଣାଣି କରି କୋର୍ଟ ଏଭଳି ରାୟ ଶୁଣାଇଛନ୍ତି ।

## କ୍ରିକେଟ ଉପରେ ପୁଣି କରୋନା କୋପ : ସ୍ଥଗିତ ରହିଲା ଚଳିତ ବର୍ଷର ଆଇପିଏଲ

ନୂଆଦିଲ୍ଲୀ,୦୪/୦୫: କରୋନା ଭିତରେ ସବୁଠୁ ବଡ଼ ଖବର ସ୍ଥଗିତ ରହିଲା ଚଳିତ ବର୍ଷର ଆଇପିଏଲ । ଅତ୍ୟଧିକ ଖେଳାଳୀ କରୋନା ପଜିଟିଭ ବାହାରିବା ପରେ ୧୪ତମ ସଂସ୍କରଣକୁ ସ୍ଥଗିତ ରଖିଗଲା । ଏନେଇ ଏଏନଆଇ ଖବର ସରବରାହକୁ ସୂଚନା ଦେଇଛନ୍ତି ବିସିସିଆଇ ଉପସଭାପତି ରାଜୀବ ସୁକ୍ଲା । ତେବେ ଫଟାଫଟ କ୍ରିକେଟ ଉପରେ ପୁଣି କରୋନା କାଳ । ଚେନ୍ନାଇ ସୁପରକିଙ୍ଗର ଦୁଇଜଣ ସଦସ୍ୟ କରୋନାରେ ସଂକ୍ରମିତ ହେବା ଯୋଗୁଁ ବୁଧବାର ହେବାକୁ ଥିବା ମ୍ୟାଚ ସ୍ଥଗିତ ରଖାଯାଇଥିଲା । ବୋଲିଂ କୋଚ ଲକ୍ଷ୍ମୀପତି ବାଲାଜୀ ଓ ଅନ୍ୟଜଣେ ସଦସ୍ୟ କରୋନାରେ ଆକ୍ରାନ୍ତ ଥିବା ସ୍ପଷ୍ଟ ହେବା ପରେ ଏହି ନିଷ୍ପତି ଗ୍ରହଣ କରାଯାଇଥିଲା । ସଂକ୍ରମିତ ଖେଳାଳୀଙ୍କ ସହ ଅନ୍ୟ ଖେଳାଳୀ ସଂସ୍ପର୍ଶରେ ଆସିଥିବା ଯୋଗୁଁ ସେମାନଙ୍କୁ ସଂଗରୋଧରେ ପଠାଯାଇଛି । ସେପଟେ ବୁଧବାର ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ରାଜସ୍ଥାନ ରୟାଲର୍ସ ଓ ଚେନ୍ନାଇ ସୁପରକିଙ୍ଗ ମଧ୍ୟରେ ଖେଳ ଆୟୋଜନ କରାଯାଇଥିଲା । ▶▶ପୃଷ୍ଠା ୭

### ସ୍କୁଲ ମିଶ୍ରଣକୁ ନେଇ ସରକାରଙ୍କୁ ବଡ ଝଟକା

# ୨୦ରୁ କମ୍ ଉପସ୍ଥାନ ଥିବା ସ୍କୁଲର ମିଶ୍ରଣ ନେଇ ସରକାରଙ୍କ ବିଜ୍ଞପ୍ତିକୁ ରଦ୍ଦ କଲେ ହାଇକୋର୍ଟ



ଭୁବନେଶ୍ୱର,୦୪/୦୫(ନି.ପ୍ର): ରାଜ୍ୟରେ ଶତାଧିକ ସରକାରୀ ସ୍କୁଲକୁ ବନ୍ଦ କରିବା ଓ ଅନ୍ୟ ସ୍କୁଲ ସହିତ ମିଶ୍ରଣ କରିବା ପାଇଁ ରାଜ୍ୟ ସରକାର ଗ୍ରହଣ କରିଥିବା ନିଷ୍ପତ୍ତିକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ରଦ୍ଦ କରିଛନ୍ତି । ଡକ୍ଟର ଜଷ୍ଟିସ ବି.ଆର.ଷଡଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ମାମଲା ଗୁଡିକର ଏକତ୍ର ଶୁଣାଣି କରି ଆଜି ରାୟ ପ୍ରକାଶ କରିଛନ୍ତି । ସ୍କୁଲ ମିଶ୍ରଣ ସଂପର୍କିତ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି । ପ୍ରକାଶ ଯେ ୨୦ରୁ କମ୍ ସଂଖ୍ୟାର ଛାତ୍ରଛାତ୍ରୀ ଥିବା ସ୍କୁଲ ଗୁଡ଼ିକୁ ନିକଟବର୍ତ୍ତୀ ପ୍ରମୁଖ ସ୍କୁଲରେ ମିଶ୍ରଣ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ । ଏ ନେଇ ୨୦୨୦, ମାର୍ଚ୍ଚ ୧୧ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାପରେ ବିଭିନ୍ନ ଜିଲ୍ଲାରେ ଏ ନେଇ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏପରି କମ୍ ସଂଖ୍ୟକ ଛାତ୍ରଛାତ୍ରୀ ଥିବା ସ୍କୁଲ ଗୁଡିକୁ ନିକଟସ୍ଥ ▶▶ପୃଷ୍ଠା ୭

## ପଶ୍ଚିମବଙ୍ଗରେ ଟିଏମସି କର୍ମୀଙ୍କ ହିଂସାକାଣ୍ଡ ବିରୁଦ୍ଧରେ ବିଜେପିର ପ୍ରତୀକାତ୍ମକ ଧାରଣା

ଭୁବନେଶ୍ୱର,୦୪/୦୫ (ନି.ପ୍ର): ପଶ୍ଚିମବଙ୍ଗ ନିର୍ବାଚନରେ ମମତା ବାନାର୍ଜୀଙ୍କ ପରାଜୟ ଏବଂ ତୃଣମୂଳ କଂଗ୍ରେସର ବିଜୟ ପରେ ସଂଘଠିତ ହିଂସାକାଣ୍ଡ ବିରୁଦ୍ଧରେ ମଙ୍ଗଳବାର ଦିନ ରାଜ୍ୟ ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ଦଳୀୟ ନେତୃବୃନ୍ଦ ସାମାଜିକ ଦୂରତା ରକ୍ଷା କରି ପ୍ରତୀକାତ୍ମକ ଭାବେ ବିରୋଧ ପ୍ରଦର୍ଶନ କରିଛନ୍ତି। ଆସନ୍ତା କାଲି ଦେଶବ୍ୟାପୀ ବିଜେପି ତରଫରୁ ଧାରଣା ଦିଆଯିବ ବୋଲି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ଗୋଲକ ମହାପାତ୍ର ସୂଚନା ଦେଇ କହିଛନ୍ତି। ସେ କହିଛନ୍ତି ଯେ ପଶ୍ଚିମବଙ୍ଗ ହିଂସାକାଣ୍ଡ ଏବଂ ବିଜେପି କାର୍ଯ୍ୟକର୍ତାଙ୍କୁ ହତ୍ୟା ଓ ମାରପିଟ ବିରୁଦ୍ଧରେ ଆସନ୍ତା କାଲି ୫ ଏବଂ ୬ ତାରିଖ ଦିନ ରାଜ୍ୟର ସମସ୍ତ ସାଂଗଠନିକ ମଣ୍ଡଳରେ ଧାରଣା ପ୍ରଦର୍ଶନ କରାଯିବ । ଲକ୍‌ଡାଉନ ଏବଂ କୋଭିଡ୍ କଟକଣାକୁ ପାଳନ କରାଯାଇ ଭର୍ଚୁଆଲ ମିଟିଂ ଓ ସାମାଜିକ ଗଣମାଧ୍ୟମ ଜରିଆରେ ଏହି ଧାରଣ ଅନୁଷ୍ଠିତ ହେବ । ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ତୃଣମୂଳ ସରକାରରେ ବର୍ତମାନ ସୁଦ୍ଧା ୧୪୦ରୁ ଉର୍ଦ୍ଧ୍ୱ ବିଜେପି କାର୍ଯ୍ୟକର୍ତାଙ୍କ ପ୍ରାଣ ଗଲାଣି ଏବଂ ▶▶ପୃଷ୍ଠା ୭

### ଦିଲ୍ଲୀ ସରକାରଙ୍କ ବଡ ଘୋଷଣା

# ୭୨ ଲକ୍ଷ ଲୋକଙ୍କୁ ୨ ମାସ ମାଗଣା ରାସନ

## ଅଟୋ ଓ ଟ୍ୟାକ୍ସି ଡ୍ରାଇଭରଙ୍କୁ ୫ ହଜାର ଟଙ୍କାର ସହାୟତା ରାଶି



ନୂଆଦିଲ୍ଲୀ,୦୪/୦୫: କରୋନା ମହାମାରୀ କବଳରେ ପୁରା କବଳିତ ଦିଲ୍ଲୀ । କେଉଁଠି ଅକ୍ସିଜେନର ଅଭାବ ତ କେଉଁଠି ମେଡିସିନ୍ ଓ ମେଡିକାଲ ବେଡର ଅଭାବ । ଏହାରି ଭିତରେ ରାଜ୍ୟସରକାରଙ୍କ ପାଖରୁ ଅନେକ କ୍ଷମତା କାଢ଼ି ନେଇ ଉପରାଜ୍ୟପାଳଙ୍କ ହାତରେ ଦେଇଛନ୍ତି କେନ୍ଦ୍ର ସରକାର । ହେଲେ ଏବେ ବି ଲୋକଙ୍କ ପାଇଁ କାମ କରିବାକୁ ପ୍ରତିଶୃତିବଦ୍ଧ ଦିଲ୍ଲୀ ସରକାର । କରୋନା କାଳରେ ଲୋକଙ୍କର ଆର୍ଥିକ ମାନଦଣ୍ଡ ଦୋହଲି ଯାଇଛି । ଏହି ସମୟରେ ଲୋକଙ୍କ ସାହାଯ୍ୟର ଆବଶ୍ୟକତା ରହିଛି । ଏହାକୁ ନଜରରେ ରଖି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଅନେକ ସହାୟତା ଯୋଜନା ଘୋଷଣା କରୁଛନ୍ତି । କେନ୍ଦ୍ର ସରକାର ୨ ମାସର ମାଗଣା ରାସନ ଘୋଷଣା ▶▶ପୃଷ୍ଠା ୭

# ରନ୍ଧନ ତୈଳରୁ ପ୍ରସ୍ତୁତ ପ୍ରଥମ ବାୟୋଡିଜେଲ୍ ଯୋଗାଣର ଶୁଭାରମ୍ଭ

## ବିକଳ୍ପ ଇନ୍ଧନ ପ୍ରସ୍ତୁତ କରି ଭାରତର ସ୍ୱଦେଶୀ କ୍ଷମତାକୁ ସୁଦୃଢ଼ କରୁଛନ୍ତି ତୈଳ ବିପଣନ କମ୍ପାନୀ : ଧର୍ମେନ୍ଦ୍ର ପ୍ରଧାନ




ନୂଆଦିଲ୍ଲୀ/ଭୁବନେଶ୍ୱର,୦୪/୦୫ (ନି.ପ୍ର): ଦେଶର ତୈଳ ବିପଣନ କମ୍ପାନୀମାନେ(ଓଏମସି) ବିକଳ୍ପ ଇନ୍ଧନ ପ୍ରସ୍ତୁତ କରି ଭାରତର ସ୍ୱଦେଶୀ କ୍ଷମତାକୁ ନିରନ୍ତର ସୁଦୃଢ଼ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତ କଳ୍ପନାକୁ ପ୍ରୋତ୍ସାହନ ଦେଉଛନ୍ତି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମଙ୍ଗଳବାର ଇଣ୍ଡିଆନ ଅଏଲର ଦିଲ୍ଲୀ ଟିକରୀକଲାନ ଟର୍ମିନାଲରୁ ବ୍ୟବହୃତ ରନ୍ଧନ ତୈଳ(ୟୁସିଓ)ରୁ ପ୍ରସ୍ତୁତ ବାୟୋ ଡିଜେଲ ମିଶ୍ରିତ ପ୍ରଥମ ହାଇସ୍ପିଡ ଡିଜେଲ ଯୋଗାଣର ଶୁଭାରମ୍ଭ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । ୨୦୧୯ରେ ବିଶ୍ୱ ଜୈବ ଇନ୍ଧନ ଦିବସ ଅବସରରେ ବ୍ୟବହୃତ ରନ୍ଧନ ତୈଳରୁ ଉତ୍ପାଦିତ ବାୟୋ-ଡିଜେଲର ସଂଗ୍ରହ ପାଇଁ ଇଓଆଇ(ଏକ୍ସପ୍ରେସନ ଅଫ୍ ଇଂଟ୍ରେଷ୍ଟ) ଯୋଜନା ଆରମ୍ଭ କରାଯାଇଥିଲା । ଏ ଦିଗରେ ଆଜି ବାୟୋ ଡିଜେଲ ▶▶ପୃଷ୍ଠା ୭

# ଗୋଟିଏ ଦିନରେ ୮୨୧୬ କରୋନା ଆକ୍ରାନ୍ତ ଚିହ୍ନଟ



ଭୁବନେଶ୍ୱର,୦୪/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୨୧୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୭୯୭୫୨ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୪୦୪୦୬୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୭୩୫୪୮ ରହିଛି। ଆଜି ଚିହ୍ନଟ ହୋଇଥିବା ୮୨୧୬ ଜଣଙ୍କ ମଧ୍ୟରୁ ୪୬୮୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୫୩୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୨୭୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୩୯୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୦୨ ଜଣ, ବରଗଡ଼ରୁ ୩୭୫ ଜଣ, ଭଦ୍ରକରୁ ୬୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀରରୁ ୩୦୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୯୮, କଟକରୁ ୪୪୭ ଜଣ, ଦେବଗଡ ଜିଲ୍ଲାରୁ ୯୮ ଜଣ, ଢେଙ୍କାନାଳ ଜିଲ୍ଲାରୁ ୪୭ ଜଣ, ଗଜପତି ଜିଲ୍ଲାରୁ ୧୨୧, ଗଞ୍ଜାମରୁ ୬୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୦୬ ଜଣ, ଯାଜପୁରରୁ ୩୪୭ ଜଣ, ଝାରସୁଗୁଡ଼ାରୁ ୩୧୬ ଜଣ, କଳାହାଣ୍ଡିରୁ ୨୩୮ ଜଣ, କନ୍ଧମାଳ ଜିଲ୍ଲାରୁ ୭୭ ଜଣ. କେନ୍ଦ୍ରାପଡ଼ାରୁ ୮୭ ଜଣ, କେନ୍ଦୁଝରରୁ ୧୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୨୭୧ ଜଣ, କୋରାପୁଟରୁ ୧୩୩ ଜଣ ସଂକ୍ରମିତ ହୋଇଛନ୍ତି ।

## ସ୍କୁଲ ଓ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ମଦ ଦୋକାନ ନଖୋଲିବାକୁ ଦାବି

କେନ୍ଦ୍ରାପଡ଼ା, ୪/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଅନ୍ତର୍ଗତ ରାମନଗର ଠାରେ ଏକ ନୂତନ ମଦ ଦୋକାନ ଖୋଲିବା ପାଇଁ ସରକାରଙ୍କ ପକ୍ଷରୁ ଲାଇସେନ୍ସ ଦିଆଯାଇଛି । ମଦ ଦୋକାନ ଖୋଲା ଯାଉଥିବା ସ୍ଥାନ ନିକଟରେ ଅଙ୍ଗନୱାଡି କେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟ, ଘରୋଇ ଇଂରାଜୀ ବିଦ୍ୟାଳୟ, ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର, ହନୁମାନ ମନ୍ଦିର, ହାଇସ୍କୁଲ ଗୁଡିକ ରହିଛି । ମଦ ଦୋକାନ ପାଇଁ ନିର୍ମାଣ ହେଉଥିବା ଜାଗାଟି ଅନାବାଦି ଜାଗା ରହିଛି । ବିଦ୍ୟାଳୟ ଓ ସ୍ୱାସ୍ଥ୍ୟସେବା ନିକଟରେ ମଦ ଦୋକାନ ଖୋଲିବା ପାଇଁ ଯଦି ଜିଲ୍ଲା ପ୍ରଶାସନ ଅନୁମତି ଦିଏ ତାହାହେଲେ ଉକ୍ତ ସ୍ଥାନର ପରିବେଶ ସଂପୂର୍ଣ୍ଣ ନଷ୍ଟ ହୋଇଯିବ । ତେଣୁ ଏହି ମଦ ଦୋକାନର ଅନୁମତିକୁ ବାତିଲ କରିବା ପାଇଁ ସରୋଜିନୀ ଦାସ, ଶାନ୍ତିଲତା ଦାସ, ଅଲିପ ସ୍ୱାଇଁ, ପ୍ରସନ୍ନ କୁମାର ସେଠୀ ପ୍ରମୁଖ ଦାବି କରିଛନ୍ତି ।

## ପୁରୀ ସମୁଦ୍ରକୂଳ ଛାଡି ଓଟ ବ୍ୟବସାୟୀମାନେ ଏବେ ଗାଁ ଗହଳିରେ

କଣାସ, ୪/୫ (ନି.ପ୍ର): କରୋନାର ଦ୍ୱିତୀୟ ଲହରରେ ସଂକ୍ରମିତଙ୍କ ସଂଖ୍ୟା ଦୃତଗତିରେ ବୃଦ୍ଧି ପାଉଥିବାରୁ ପୁରୀ ସହରକୁ ସଟ୍‌ଡାଉନ୍ କରାଯିବା ଓ କରୋନା କଟକଣାକୁ କଡାକଡି କରାଯିବାରୁ ପର୍ଯ୍ୟଟକ ମାନେ ଆସୁନଥିବାରୁ ପୁରୀ ସମୁଦ୍ରକୂଳରେ ଓଟମାନଙ୍କ ଉପରେ ବସାଇ ସମୁଦ୍ର ବେଳାଭୂମି ପର୍ଯ୍ୟଟମାନଙ୍କୁ ବୁଲାଇ ପେଟପୋଷୁ ଥିବା ଓଟ ବ୍ୟବସାୟୀମାନେ ବର୍ତ୍ତମାନ ଗାଁ ମୁହାଁ ହୋଇଛନ୍ତି । ଏବେ ଓଟ ବ୍ୟବସାୟୀମାନେ ବର୍ତ୍ତମାନ ନିରୁତ୍ସାହିତ ହୋଇପଡି ପୁରୀ ସହର ଛାଡି କଣାସ ବ୍ଲକର ବିଭିନ୍ନ ଗ୍ରାମରେ ଓଟମାନଙ୍କୁ ବୁଲାଇ ପିଲାମାନଙ୍କୁ ବସାଇ ସ୍ୱଳ୍ପ ପଇସା ନେଇ ଭ୍ରମଣ କରୁଥିବା ଦେଖିବାକୁ ମିଳିଛି । ପୁରୀ ସମୁଦ୍ରକୂଳରେ ଜଣେ ପର୍ଯ୍ୟଟକୁ ଓଟ ଉପରେ ବସାଇ ଭ୍ରମଣ କରିବା ପାଇଁ ୫୦ରୁ ୧୦୦ଟଙ୍କା ନେଉଥିବା ବେଳେ ଗାଁ ଗହଳିରେ ମାତ୍ର ୧୦ଟଙ୍କା ନେଇ ଛୋଟ ପିଲା ଓ ଜନସାଧାରଣଙ୍କୁ ବସାଇ ବୁଲୁଥିବା ଦେଖିବାକୁ ମିଳୁଛି । ଜଣେ ଓଟ ମାଲିକ ରାମଚନ୍ଦ୍ରଙ୍କୁ ପଚାରିବାରୁ ସେ କୁହନ୍ତି, ସମୁଦ୍ରକୂଳକୁ ପର୍ଯ୍ୟଟକ ଆସୁନଥିବାରୁ ଓଟ ଏବଂ ମୋ ପରିବାର ଦିନେ ଖାଇଲେ ଦିନେ ଉପବାସ ରହୁଛୁ । ସରକାର ଆମ ପାଇଁ କିଛି ବ୍ୟବସ୍ଥା ନ କରିବାରୁ ବାଧ୍ୟ ହୋଇ ଗାଁ ଗହଳିକୁ ଆସି କିଛି ପଇସା ରୋଜଗାର କରିପାରୁଛୁ ।

## 'ରଙ୍ଗରାଗ' ପକ୍ଷରୁ ସାହିତ୍ୟିକ ମନୋଜ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାସୁଦେବପୁର, ୪/୫ (ନି.ପ୍ର): ରଙ୍ଗରାଗ ସାହିତ୍ୟ ସଂସ୍କୃତ ପରିଷଦ ପକ୍ଷରୁ ଓଡ଼ିଶାର ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କ ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା ବରଣ୍ଡୁଆ ଗ୍ରାମର ଝରଣା ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସମସ୍ତ କବିବନ୍ଧୁ ସ୍ୱର୍ଗତ ମନୋଜ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଉତ୍କଳମଣି ଗୋପବନ୍ଧୁ ଜୟନ୍ତୀ କମିଟିର ସଭାପତି ଡକ୍ଟର ରଘୁନାଥ ମହାନ୍ତି, ଆମଗାଁ ସାହିତ୍ୟ ପତ୍ରିକାର ସଂପାଦକ କବି ରତ୍ନାକର ପଣ୍ଡା, ଶିକ୍ଷକ ପ୍ରଫୁଲ୍ଲ ବେହେରା, ଶ୍ୟାମ ସୁନ୍ଦର ଧଳ, କବି ଶିବ ପ୍ରସାଦ ସାହୁ, ସମାଜସେବୀ ଶ୍ରୀକାନ୍ତ ମହାନ୍ତି, ରତିକାନ୍ତ ସାହୁ, ଇଂ.ଦିପ୍ତୀକାନ୍ତ ମହାନ୍ତି, ଶିକ୍ଷକ ଗୌରହରି ମହାପାତ୍ର, ଚିତ୍ରଶିଳ୍ପୀ ସୁବାସ ଚନ୍ଦ୍ର ପ୍ରଧାନ, କବି ବିଦ୍ୟାଧର ନାୟକ ପ୍ରମୁଖ ଯୋଗ ଦେଇ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖକ ମନୋଜ ଦାସଙ୍କ ସାହିତ୍ୟ ଓ ଦର୍ଶନ ସଂପର୍କରେ ଆଲୋଚନା କରିଥିଲେ । ଲକ୍ଷ୍ମୀର ଅଭିସାର, ଶେଷ ବସନ୍ତର ଚିଠି, ମନୋଜ ପଞ୍ଚବିଂଶତି, ମନୋଜ ଦାସଙ୍କ କଥା ଓ କାହାଣୀ, ଅମୃତଫଳ ପ୍ରଭୃତି ପୁସ୍ତକ ସଂପର୍କରେ ଆଲୋକପାତ କରାଯାଇଥିଲା । ଶ୍ରୀମା ଅରବିନ୍ଦଙ୍କ ଦର୍ଶନରେ ଅନୁପ୍ରାଣୀତ ହୋଇଥିବା ବିଶିଷ୍ଟ ଲେଖକ ମନୋଜ ଦାସଙ୍କ ସାରସ୍ୱତ ସୃଷ୍ଟି ବିଶ୍ୱ ସାହିତ୍ୟକୁ ନୂତନ ଦିଗଦର୍ଶନ ଦେଇପାରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ଶେଷରେ ରଙ୍ଗରାଗର ସଂପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡିଶା କୃଷି ଶିଳ୍ପ ନିଗମ ତରଫରୁ କୋଭିଡ୍ ପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ୨୦ ଲକ୍ଷ ଟଙ୍କା ପ୍ରଦାନ

ବାରିପଦା, ୪/୫ (ନି.ପ୍ର): କୋଭିଡ୍ ମୁକାବିଲା ଦିଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ପଦକ୍ଷେପକୁ ସାରା ବିଶ୍ୱ ଆଜି ପ୍ରଶଂସା କରୁଛି । ବିଭିନ୍ନ ରାଜ୍ୟକୁ ଅକ୍ସିଜେନ୍ ଯୋଗାଣ ହେଉ କିମ୍ବା ଓଡିଶାରେ କୋଭିଡ୍ ପରିଚାଳନା ହେଉ, ସବୁଥିରେ ଓଡିଶା ଆଜି ଭାରତବର୍ଷ ପାଇଁ ପଥ ପ୍ରଦର୍ଶକ ସାଜିଛି । ମୁଖ୍ୟମନ୍ତ୍ରୀ ନବୀନ ମେ' ପହିଲାରୁ ରାଜ୍ୟର ୧୮ ରୁ ୪୫ ବର୍ଷର ସମସ୍ତ ବ୍ୟକ୍ତିଙ୍କୁ ମାଗଣାରେ କୋଭିଡ୍ ଟିକା ଦିଆଯିବ ବୋଲି ଘୋଷଣା କରିଛନ୍ତି ଏବଂ ଏ ବାବଦରେ ୨ ହଜାର କୋଟି ଟଙ୍କାର ଖର୍ଚ୍ଚ ମଧ ରାଜ୍ୟ ସରକାର ବହନ କରିଛନ୍ତି । ଓଡ଼ିଶା କୃଷି ଶିଳ୍ପ ନିଗମ କୋଭିଡ଼ ପରିଚାଳନା ଏବଂ ମାଗଣା କୋଭି ଟୀକାକରଣ କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ଆଜି ଲୋକସେବା ଭବନ ଠାରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କୁ ୨୦ ଲକ୍ଷ ଟଙ୍କାର ଚେକ୍ ଓଡିଶା କୃଷି ଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି ଏବଂ ପରିଚଳନା ନିର୍ଦ୍ଦେଶକ ସଦାନନ୍ଦ ନାୟକ ପ୍ରଦାନ କରିଛନ୍ତି । ୫ଟି ଚିନ୍ତାଧାରାରେ କାର୍ଯ୍ୟକରି ନିଗମ ଗତ ଆର୍ଥିକ ବର୍ଷରେ ୫୦୫, ୧୮ କୋଟି ଟଙ୍କାର କାରବାର କରିଅଛି । ନିଗମ ଅତୀତରେ ୧୦.୦୫.୨୦୧୯ରେ ଫନି ବାତ୍ୟାର ପୁନର୍ବିନ୍ୟାସ ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ୧ କୋଟି, ୦୮.୦୫.୨୦୨୦ କୋଭିଡ୍ ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ୧୦ ଲକ୍ଷ ଟଙ୍କା, ୧୧.୧୨.୨୦୨୦ରେ କୋଭିଡ୍ ମୁକାବିଲା ତଥା ପ୍ରସମନ ନିମନ୍ତେ ଓଏସଡ଼ିଏମଏ ଜରିଆରେ ୧ କୋଟି ଟଙ୍କା ପ୍ରଦାନ କରାଯାଇଥିଲା ବୋଲି ନିଗମ ଅଧ୍ୟକ୍ଷ ଶ୍ରୀମହାନ୍ତି ପ୍ରକାଶ କରିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର କୋଭିଡ଼ ପରିଚାଳନା ଦିଗରେ ବିଭିନ୍ନ ଐତିହାସିକ ପଦକ୍ଷେପ ଏକ ଉଦାହରଣ ସୃଷ୍ଟି କରିଛି ବୋଲି କହିଛନ୍ତି ।

## ପ୍ୟାନ କାର୍ଡ କ୍ଲବ୍ସ କମ୍ପାନୀର ଠକାମୀ ବିରୋଧରେ ଧାରଣା ଦେବେ ନିବେଶକ

କେନ୍ଦ୍ରାପଡ଼ା, ୪/୫ (ନି.ପ୍ର): ମୁମ୍ବାଇର ପ୍ୟାନ କାର୍ଡ କ୍ଲବ୍ସ ଲିମିଟେଡ କମ୍ପାନୀ ଜମାକାରୀଙ୍କ ଅର୍ଥ ଫେରସ୍ତ କରୁ ନଥିବାରୁ ଜମାକାରୀ ମାନେ ଚଳିତ ମାସ ୨୧ ତାରିଖରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିବେ ବୋଲି ସୂଚନା ଦେଇଛନ୍ତି । ଜିଲ୍ଲା ପ୍ରଶାସନ ଏହି କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିବେଶକଙ୍କ ଅର୍ଥ ଫେରସ୍ତ ପାଇଁ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରାଯାଇଛି । ଅଭିଯୋଗ ମୁତାବକ ୧୯୯୭ ମସିହା ଠାରୁ ଏହି କମ୍ପାନୀ ଭିନ୍ନ ଭିନ୍ନ ସ୍କିମରେ ହଲିଡେ ପ୍ୟାକେଜ ବିକ୍ରି କରି କେନ୍ଦ୍ରାପଡାର କିଛି ଲୋକଙ୍କ ଠାରୁ ଅର୍ଥ ସଂଗ୍ରହ କରିଥିଲା । ୨୦୧୬ ମସିହା ଠାରୁ ପ୍ୟାକେଜର ଲାଭ ଓ ଅର୍ଥ ଫେରସ୍ତ ନକରି ପ୍ରତାରିତ କରିଛି ବୋଲି କେନ୍ଦ୍ରାପଡାର ସୁବାଷ ଚନ୍ଦ୍ର ସୁତାର, ମହେଶ୍ୱର ପ୍ରଧାନ, ବିରେନ୍ଦ୍ର ସାମଲ, ଅକ୍ଷୟ ପ୍ରଧାନ, ପ୍ରତୀରଞ୍ଜନ ସାମଲ, ଜ୍ୟୋସ୍ନାରାଣୀ ଖିଲାର, ମନ୍ମଥ ମଲିକ, ସୁକାନ୍ତୀ ପଣ୍ଡା, ଡଲି ମଲିକ ପ୍ରମୁଖ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

## ସରକାରୀ ସଙ୍ଗରୋଧ କେନ୍ଦ୍ରରୁ ୩୨ ପଶ୍ଚିମବଙ୍ଗ ଫେରନ୍ତା ଚମ୍ପଟ : ଜିଲ୍ଲା ପ୍ରଶାସନର କୋଭିଡ଼ ପରିଚାଳନା ଉପରେ ପ୍ରଶ୍ନବାଚୀ

ବାରିପଦା, ୪/୫ (ନି.ପ୍ର): ପଶ୍ଚିମବଙ୍ଗ ରାଜ୍ୟରେ କରୋନା ଉଗ୍ର ରୂପ ଧାରଣ କରିଛି । ପ୍ରତ୍ୟେକ ଦୁଇ ଜଣରୁ ଜଣେ କରୋନା ପଜିଟିଭ ରହିଥିବାର କୁହାଯାଉଥିବା ସମୟରେ ଟ୍ରିପଲ ମ୍ୟୁଟାଂଟ ଷ୍ଟ୍ରେନ ଚିହ୍ନଟ ହୋଇଛନ୍ତି । ପଶ୍ଚିମବଙ୍ଗ ପଟୁ ଓଡ଼ିଶା ପ୍ରତି ମହାବିପତି ମାଡ଼ିଆସିବାର ଯଥେଷ୍ଟ ସମ୍ଭାବନାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ପକ୍ଷରୁ କଡ଼ା ଅଭିମୁଖ୍ୟ ଗ୍ରହଣ କରାଯାଇଛି । କେବଳ ମାଲ ପରିବହନକୁ ବାଦ ଦେଇ ଅନ୍ୟସମସ୍ତ ଗାଡ଼ି ମୋଟର ଯାତାୟତ ଉପରେ କଟକଣା ଲଗାଇବା ସହ ଆନ୍ତଠ ରାଜ୍ୟ ବସ ଚଳାଚଳକୁ ମଧ ବାତିଲ କରିଦିଆଯାଇଛି । ପଶ୍ଚିମବଙ୍ଗ ପଟୁ ରାଜ୍ୟକୁ ପ୍ରବେଶ କରୁଥିବା ପ୍ରବାସୀମାନଙ୍କର ସୀମାରେ କୋଭିଡ଼ ପରୀକ୍ଷା କରାଇବା ସହ ଯେଉଁମାନେ କୋଭିଡ଼ ଟୀକା ନେଇଛନ୍ତି ଓ ଆଂଟିଜେନ ପରୀକ୍ଷା କରାଇଛନ୍ତି ସେମାନଙ୍କର ପ୍ରମାଣପତ୍ର ଯାଂଚ କରି ଗୃହ ସଙ୍ଗରୋଧ କେନ୍ଦ୍ରରେ ରହିବାକୁ ପରାମର୍ଶ ଦେବା ସହିତ ଯେଉଁମାନଙ୍କର ଗୃହ ସଙ୍ଗରୋଧରେ ରହିବାରେ ଅସୁବିଧା ରହିଛି ସେମାନଙ୍କୁ ସରକାରୀ ସଙ୍ଗରୋଧରେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୟରେ ପ୍ରତ୍ୟେକ ଦିନ ପଶ୍ଚିମବଙ୍ଗରୁ ଓଡ଼ିଶା ମୁହାଁ ହେଉଛନ୍ତି ଶହ ଶହ ପ୍ରବାସୀ ଓ ମୁର୍ଶିଦାବାଦ ମିସ୍ତ୍ରୀ ଓ ଶ୍ରମିକମାନେ । ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ପଶ୍ଚିମବଙ୍ଗ ସୀମାନ୍ତ ଆନ୍ତଃରାଜ୍ୟ ପ୍ରବେଶ ପଥ ଜାମଶୋଳା, ହାତୀବାରୀ ମୟୂରଭଞ୍ଜ ଭିତରକୁ ପ୍ରବେଶ କରୁଥିବା ପ୍ରବାସୀ ଓଡ଼ିଆ ଏବଂ ପଶ୍ଚିମବଙ୍ଗ ରାଜ୍ୟର ଲୋକମାନଙ୍କୁ ଝାରପୋଖରୀଆ ଥାନା ଅଧୀନ ସୀମାନ୍ତ ମହାବିଦ୍ୟାଳୟର ଛାତ୍ରାବାସଗୁଡ଼ିକରେ ଖୋଲାଯାଇଥିବା କ୍ଲଷ୍ଟରସ୍ତରୀୟ ଟିଏମସି ସେଣ୍ଟରରେ ୭ ଦିନ ରହିବାର ବ୍ୟବସ୍ଥା କରାଯାଇଛି । ମାତ୍ର ସାରସକଣା ବିଡ଼ିଓ ସଂଗ୍ରାମ ଭୋଳ ପଶ୍ଚିମବଙ୍ଗ ଫେରନ୍ତାମାନଙ୍କୁ କ୍ଲଷ୍ଟରସ୍ତରୀୟ ଟିଏମସି ସେଣ୍ଟରରେ ରଖିବା ବଦଳରେ ସେମାନଙ୍କୁ ଆନ୍ତଃରାଜ୍ୟ ସୀମାନ୍ତରେ ଧମକ ଚମକ ଦେଇ ଫେରାଇ ଦେଉଥିବା ବିଷୟ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଗତ ଶୁକ୍ରବାର ୨ ଜଣ ପଶ୍ଚିମବଙ୍ଗ ଫେରନ୍ତା ଟିଏମସି ସେଣ୍ଟରରୁ ଫେରାର ହୋଇଯାଇଥିଲେ ମଧ ଏବିଷୟରେ ବିଡ଼ିଓ ଶ୍ରୀଭୋଳ ମୟୂରଭଞ୍ଜ ଜିଲ୍ଲାପ୍ରଶାସନଙ୍କୁ କୌଣସି ସୂଚନା ଦେଇ ନଥିବାର ଜଣାପଡ଼ିଥିଲା । ଗଣମାଧମର ଖୋଳତାଡ଼ ପରେ ବିଡ଼ିଓ ଏବିଷୟରେ ଝାରପୋଖରୀଆ ଥାନାରେ ଲିଖିତ ଜଣାଇଥିବାର ସୂଚନା ମିଳିଛି । ସେହିପରି ଏହି ଘଟଣାକୁ ୨୪ ଘଂଟା ନପୁରୁଣୁ ସୀମାନ୍ତ ମହାବିଦ୍ୟାଳୟର କ୍ଲଷ୍ଟର ଟିଏମସି ସେଂଟରରୁ ୩୨ ଜଣ ଅନ୍ତେବାସୀ ଠିକ୍ ସମୟରେ ଖାଦ୍ୟ ଓ ପିଇବାକୁ ପାଣି ଆଦି ଯୋଗାଇ ଦିଆଯାଉନଥିବା କାରଣରୁ ଟିଏମସି ସେଣ୍ଟରରୁ ଫେରାର ହେବାକୁ ବାଧ ହୋଇଥିଲେ ବୋଲି ସ୍ଥାନୀୟ ଅଂଚଳରେ ହେଉଥିବା ଚର୍ଚ୍ଚାରୁ ଜଣାପଡ଼ିଛି । ଟିଏମସି ସେଂଟରରୁ ଅନ୍ତେବାସୀମାନଙ୍କର ଏହି ଫେରାର ହେବା ଘଟଣା କ୍ଲଷ୍ଟର ଦାୟିତ୍ୱରେ ରହିଥିବା ଅଧିକାରୀ ଓ ବିଡ଼ିଓଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରାଇଛି । ଏବିଷୟରେ ବିଡ଼ିଓ ଶ୍ରୀ ଭୋଳଙ୍କୁ ଗଣମାଧମର ପ୍ରତିନିଧିମାନେ ଯୋଗାଯୋଗ କରିବାରୁ ପିଡ଼ିଙ୍କ ଫୋନ ଆସିଛି ବୋଲି କହି ଫୋନ କଟାଇ ଦେଇଥିବାର ଜଣାପଡ଼ିଛି । ଏବିଷୟରେ ପିଡ଼ି ୩୨ ଜଣ ଅନ୍ତେବାସୀ ଫେରାର ହେବା ବିଷୟ ତାଙ୍କ ନଜରକୁ ଆସିଛି ଏବଂ ଏହାକୁ ନେଇ ଥାନାରେ ଅଭିଯୋଗ କରିବାକୁ ବିଡ଼ିଓଙ୍କୁ କହିଥିଲେ ବୋଲି ପ୍ରକାଶ କରିଥିଲେ । ତେବେ ଫେରାର ହୋଇଯାଇଥିବା ଅନ୍ତେବାସୀମାନଙ୍କର କୋଭିଡ଼-୧୯ ରିପୋର୍ଟ ନଗେଟିଭ ଅଥବା ପଜିଟିଭ ରହିଥିଲା ତାହାକୁ ନେଇ ପ୍ରଶ୍ନ ଉଠିଛି । ଯଦି, ସେମାନଙ୍କ ଭିତରୁ କୌଣସି ବ୍ୟକ୍ତିଙ୍କର ପଜିଟିଭ ରହିଥିଲେ ସେ ଅନ୍ୟମାନଙ୍କ ପାଇଁ ବିପଦର କାରଣ ପାଲଟିବେ । ପୁଣି ସୀମାନ୍ତ ମହାବିଦ୍ୟାଳୟର ଛାତ୍ରାବାସରେ ହୋଇଥିବା କ୍ଲଷ୍ଟର ସ୍ତରୀୟ ଟିଏମସି ସେଣ୍ଟରରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ମଧ ପ୍ରଶ୍ନ ଉଠିଥିବା ବେଳେ ଜିଲ୍ଲା ପ୍ରଶାସନର କୋଭିଡ଼-୧୯ ପରିଚାଳନା ଉପରେ ମଧ ପ୍ରଶ୍ନବାଚୀ ସୃଷ୍ଟି କରାଇଛି ।

## ସାମ୍ବାଦିକଙ୍କୁ ସମ୍ମୁଖ କରୋନା ଯୋଦ୍ଧା ଘୋଷଣା ପରେ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଦେଲେ ସାମ୍ବାଦିକ

କନ୍ଧମାଳ, ୪/୫ (ନି.ପ୍ର): ଦେଶ ତଥା ରାଜ୍ୟରେ କରୋନାର କରାଳ କାୟା ବିସ୍ତାର ଜାରୀ ରହିଥିବାବେଳେ ଏଥିରେ ଅନେକଙ୍କ ଜୀବନ ଯାଇଛି । ଏଥିରେ ସାମ୍ବାଦିକ ମାନେ ମଧ୍ୟ ସେମାନଙ୍କ କାର୍ଯ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବାବେଳେ କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡିଛି । ଏଥିପାଇଁ ଓଡିଶାର ପ୍ରମୁଖ ସାମ୍ବାଦିକ ସଂଗଠନ ଓୟୁଜେ ଦିର୍ଘ ଦିନ ହେଲା ସାମ୍ବାଦିକ ମାନଙ୍କୁ କରୋନା ଯୋଦ୍ଧା ଭାବରେ ଘୋଷଣା କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବୀ କରିଆସିଛି । ଶେଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାମ୍ବାଦିକମାନଙ୍କୁ ସମ୍ମୁଖ ଯୋଦ୍ଧା ଭାବରେ ଘୋଷଣା କରିଛନ୍ତି । ଏହାସହିତ କରୋନାରେ ମୃତ୍ୟୁବରଣ କରିଥିବା ସାମ୍ବାଦିକ ମାନଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର ଅନୁକମ୍ପା ରାଶୀ ପ୍ରଦାନ କରାଯିବା ବୋଲି ମଧ୍ୟ କହିଛନ୍ତି । ଏହି ଘୋଷଣାପରେ ଫୁଲବାଣୀ ତଥା ସମଗ୍ର କନ୍ଧମାଳ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକ ମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାଧୁବାଦ ଦେଇଛନ୍ତି । ଏହାଦ୍ୱାରା ନିରବଛିନ୍ନ ଭାବରେ ସମାଜର ହୀତରେ କାର୍ଯ୍ୟ କରୁଥିବା ସାମ୍ବାଦିକ ମାନଙ୍କର ମନୋବଳ ବୃଦ୍ଧି ହେବା ସହିତ ସେମାନଙ୍କର ପରିବାର ମଧ୍ୟ ସୁରକ୍ଷିତ ହେବ ବୋଲି କୁହାଯାଇଛି । କନ୍ଧମାଳ ଜିଲ୍ଲା ଓୟୁଜେ ପକ୍ଷରୁ ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ବେହେରା, ସମ୍ପାଦକ ବ୍ରଜମୋହନ ନାୟକ, କାର୍ଯ୍ୟକାରୀ ସଭାପତି ଅସିତ କୁମାର ବେହେରା, ଉପସଭାପତି ବଳଦେବ ବେହେରା, ଅଶୋକ କୁମାର ମହାନ୍ତି, ଆଦିତ୍ୟ ପ୍ରସାଦ ତ୍ରିପାଠୀ, ସନ୍ତୋଷ କୁମାର ମିଶ୍ର, ପ୍ରତାପ କୁମାର ବେହେରା, ଅଜିତ କୁମାର ନାୟକ, ପ୍ରଦୀପ କୁମାର ବେହେରା, ପ୍ରବୀଣ କୁମାର ପଟ୍ଟନାୟକ ଏବଂ ସମସ୍ତ ସଦସ୍ୟ ଜିଲ୍ଲା ପ୍ରେସ କ୍ଲବ ସଭାପତି ଶିବପ୍ରସାଦ ତ୍ରିପାଠି, ଉପସଭାପତି ସୁଜିତ କୁମାର ବେହେରା, ସମ୍ପାଦକ ଅଜିତ କୁମାର ମହାରଣା, ସଦାଶିବ ପାତ୍ର, ଏବଂ ଅନ୍ୟ ସଦସ୍ୟ ମାନେ ରାଜ୍ୟ ସରକାରଙ୍କର ଏହି ପଦକ୍ଷେପ ପାଇଁ ଧନ୍ୟବାଦ ଦେଇଛନ୍ତି । ସୂଚନା ଯୋଗ୍ୟ ଓଡିଶା ସାମ୍ବାଦିକ ୟୁନିୟନ ଦୀର୍ଘଦିନ ହେଲା ସାମ୍ବାଦିକ ଗଣତି ସାମ୍ବାଦିକ ସୁରକ୍ଷା ଆଇନ ଆଣିବା ଏବଂ କରୋନାକାଳରେ ସାମ୍ବାଦିକମାନଙ୍କୁ କରୋନା ଯୋଦ୍ଧା ଭାବରେ ଘୋଷଣା କରିବା ସହିତ ସେମାନଙ୍କର କରୋନାରେ ମୃତ୍ୟୁ ହେଲେ ଅନୁକମ୍ପାରାଶି ପ୍ରଦାନ ପାଇଁ ଦାବିକରି ଆସୁଥିଲା । ଏହି ଘୋଷଣା ପରେ ସାମ୍ବାଦିକ ମହଲରେ ଖୁସି ବ୍ୟକ୍ତ କରାଯାଇଛି ।

## ଭାରତୀୟ ଜନତା ପାର୍ଟି କନ୍ଧମାଳ ଯୁବ-ମୋର୍ଚ୍ଚା ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

କନ୍ଧମାଳ, ୪/୫ (ନି.ପ୍ର): କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଫୁଲବାଣୀ ତଥା ସମଗ୍ର କନ୍ଧମାଳ ଜିଲ୍ଲାରେ ରକ୍ତଦାନ ଶିବିରର ଆୟୋଜନ ହୋଇ ନପାରିବା ଯୋଗୁଁ ଫୁଲବାଣୀ ରକ୍ତଭଣ୍ଡାରରେ ରକ୍ତର ଅଭାବ ଦେଖାଦେଇଛି । ସେଥିପାଇଁ କିଛି ସ୍ୱେଚ୍ଛାସେବୀ ମାନେ ରୋଗୀ ମାନଙ୍କୁ ଆବଶ୍ୟକ ବେଳେ ରକ୍ତ ଯୋଗାଡ କରୁଛନ୍ତି ଏବଂ ଅନେକ ରକ୍ତଦାତା ମଧ ରୋଗୀ ମାନଙ୍କର ଆବଶ୍ୟକତାକୁ ଦେଖି ରକ୍ତ ଭଣ୍ଡାରରେ ଆସି ରକ୍ତ ଦାନ କରୁଛନ୍ତି । ଏହି ଅସୁବିଧା ଓ ଅଭାବକୁ ଦୃଷ୍ଟିରେ ରଖି ଆଜି କନ୍ଧମାଳ ଭାରତୀୟ ଜନତା ପାର୍ଟି ଯୁବ ମୋର୍ଚ୍ଚା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଜିଲ୍ଲା ସଭାପତି ଗୋଲଖ ବିହାରୀ କହଁରଙ୍କ ନେତୃତ୍ୱରେ ଫୁଲବାଣୀ ରକ୍ତ ଭଣ୍ଡାରରେ ଆୟୋଜିତ ଏହି ଶିବିରରେ ସ୍ୱେଚ୍ଛାକୃତ ଭାବରେ ଯୁବ ମୋର୍ଚ୍ଚାର ସଦସ୍ୟ ମାନଙ୍କ ସମେତ ଅନ୍ୟମାନେ ମଧ ଆସି ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ । ଏଥିରେ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଜଗନ୍ନାଥ ସାହୁ, ବିଶ୍ୱରଞ୍ଜନ ଦାସ, ମୁକ୍ତିକାନ୍ତ ମହାନ୍ତି, ଫିରିଙ୍ଗିଆ ମଣ୍ଡଳ ସଭାପତି ଗଣେଶ୍ୱର ସାହୁ, ଫୁଲବାଣୀ ମଣ୍ଡଳ ଗ୍ରାମୀଣ ସଭାପତି ଆଦିତ୍ୟ କହଁର, ଫୁଲବାଣୀ ନଗର ସଭାପତି ସୁଶାନ୍ତ ମହାନ୍ତି ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭଗବାନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

## ସ୍ୱାଧୀନତା ସଂଗ୍ରାମୀ ଅନିରୁଦ୍ଧ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବ ପାଳିତ




ବାସୁଦେବପୁର, ୪/୫ (ନି.ପ୍ର): ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଅନିରୁଦ୍ଧ ମହାନ୍ତିଙ୍କ ୩୨ ତମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ବାସୁଦେବପୁର ମିରାକଲ ପବ୍ଲିକ୍ ସ୍କୁଲରେ ପାଳିତ ହୋଇଯାଇଛି । ଏହି ସଭାରେ ସାହିତ୍ୟିକ ଓ ବରିଷ୍ଠ ଆଡଭୋକେଟ୍ ନିର୍ମଳ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ଅତିଥିଭାବେ ଯୋଗ ଦେଇଥିଲେ ଶିକ୍ଷାବିତ୍ ଦୁଃଶାସନ ରାଉତ, ବରିଷ୍ଠ ଆଇନଜୀବୀ ଗୋବର୍ଦ୍ଧନ ବଳ ଓ ଅଧ୍ୟାପକ ବସନ୍ତ ଦାସ । ସମସ୍ତ ଅତିଥି ଓ କବିବନ୍ଧୁ ସଂଗ୍ରାମୀ ଅନିରୁଦ୍ଧ ମହାନ୍ତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ୧୯୧୨ ମସିହା ଜୁଲାଇ ମାସ ୧୨ ତାରିଖରେ ଅନିରୁଦ୍ଧ ବାବୁ ଜନ୍ମଗ୍ରହଣ କରିଥିଲେ ଓ ୧୯୮୯ ମସିହା ମଇ ମାସ ୨ ତାରିଖରେ ଇହଧାମ ତ୍ୟାଗ କରିଥିଲେ । ସ୍ୱାଧୀନତା ସଂଗ୍ରାମରେ ଅନିରୁଦ୍ଧ ବାବୁଙ୍କର ଅନେକ ଅବଦାନ ରହିଥିଲା । ସେ ସମସ୍ତଙ୍କୁ ଖୁବ ଭଲ ପାଉଥିଲେ । ରକ୍ତତୀର୍ଥ ଇରମରେ ଜନ୍ମଗ୍ରହଣ କରିଥିଲେ ଓ ସଦାସର୍ବଦା ବାସୁଦେବପୁର ମାଟିର ଉନ୍ନତି ପାଇଁ ଚେଷ୍ଟା କରିଥିଲେ । ଜାତୀୟ କବି ବାଞ୍ଛାନିଧି ମହାନ୍ତି, ମହାତ୍ମାଗାନ୍ଧୀ, ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଆଦର୍ଶରେ ସେ ଅନୁପ୍ରାଣିତ ହୋଇଥିଲେ । ବାସୁଦେବପୁର ଗାନ୍ଧୀ ଗୌରାଙ୍ଗଚନ୍ଦ୍ର ମହାନ୍ତି, ସଂଗ୍ରାମୀ କମଳା ପ୍ରସାଦ କର, ସଂଗ୍ରାମୀ ଗଣେଶ ପ୍ରସାଦ ତ୍ରିପାଠୀଙ୍କ ସହିତ ଅନିରୁଦ୍ଧ ବାବୁଙ୍କର ଉତ୍ତମ ସଂପର୍କ ରହିଥିଲା । ଶହୀଦ ତୀର୍ଥ ଯାତ୍ରୀ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ସମସ୍ତ ଅତିଥି ଅନିରୁଦ୍ଧ ବାବୁଙ୍କ ସଂଗ୍ରାମୀ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ କବି ନିରଞ୍ଜନ ବିଶ୍ୱାଳ, କବି ତପନ ମିଶ୍ର, ଶିକ୍ଷାବିତ୍ ଦୁର୍ଯ୍ୟୋଧନ ବେହେରା, ଆଡ଼ଭୋକେଟ୍ ସ୍ମୃତିରଂଜନ ପଳିତା, କବି ଗଜେନ୍ଦ୍ର ବେହେରା, କବି ସଦାନନ୍ଦ ପାଣିଗ୍ରାହୀ, କବି ରଂଜନ ନାୟକ, ସାମ୍ବାଦିକ ନୀରଦ ଦାସ, ଶିକ୍ଷକ ପ୍ରଣୟ ମହାପାତ୍ର, କବି ନିରଞ୍ଜନ ସେଠୀ, କବି ବିକାଶ ଶତପଥୀ, ରଙ୍ଗରାଗର ସଂପାଦକ କବି ପ୍ରଦୀପ୍ତ ମହାନ୍ତି, ସାମ୍ବାଦିକ ଅମର ନାରାୟଣ ମହାନ୍ତି, କବି ମାନସ ପାଢ଼ୀ, ଆଡଭୋକେଟ୍ ବିକ୍ରମ ମହାନ୍ତି, ସାମ୍ବାଦିକ ତଥା ବାସୁଦେବପୁର ପ୍ରେସ କ୍ଲବର ସଭାପତି ରମାକାନ୍ତ ବାରିକ, କବି କୈଳାସ ଚନ୍ଦ୍ର ନାଥ, ସାମ୍ବାଦିକ ଦେବାଶିଷ ମହାନ୍ତି ପ୍ରମୁଖ ସଂଗ୍ରାମୀ ଅନିରୁଦ୍ଧ ବାବୁଙ୍କ ସଂଗ୍ରାମ, ସମାଜସେବା ଓ ତ୍ୟାଗ ସମ୍ପର୍କରେ ଆଲୋକପାତ କରିଥିଲେ । ଶହୀଦ ତୀର୍ଥଯାତ୍ରୀ ସଂଘର ପ୍ରତିଷ୍ଠାତା ବୈଲୋଚନ ଜେନା ବାର୍ତ୍ତା ପଠାଇଥିଲେ । ଶେଷରେ ବାଇଚଢ଼େଇର ସଂପାଦକ କବି ବିକାଶ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁପ୍ରିମକୋର୍ଟଙ୍କ ଆଦେଶ ମୁତାବକ ଗରିବ ଲୋକଙ୍କୁ ମାଗଣା ଟିକା ଦିଆଯାଉ

କେନ୍ଦ୍ରାପଡ଼ା, ୪/୫ (ନି.ପ୍ର): ସଂପ୍ରତି ଟିକାର ଭିନ୍ନ ଭିନ୍ନ ମୂଲ୍ୟକୁ ନେଇ ସୁପ୍ରିମ କୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଗରିବ ଲୋକ ପଇସା କେଉଁଠୁ ଆଣିବେ । ସେ ସଂପର୍କରେ ଦେଶରେ କରୋନା ଟିକାର ଭିନ୍ନ ଭିନ୍ନ ମୂଲ୍ୟ ଏବଂ ଘରୋଇ ବ୍ୟବସ୍ଥାରେ ଟିକା କରଣ କାର୍ଯ୍ୟକ୍ରମ ନେଇ ସୁପ୍ରିମ କୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଗରିବ ଲୋକ କେଉଁଠାରୁ ଟିକା କିଣିବା ନିମନ୍ତେ ଟଙ୍କା ଆଣିବେ ସେଥି ନିମନ୍ତେ ପ୍ରଶ୍ନ କରିଛନ୍ତି । ଜାତୀୟ ଟିକା କରଣ ମଡେଲକୁ ଗ୍ରହଣ କରି ସମସ୍ତ ଭାରତୀୟଙ୍କୁ ମାଗଣାରେ ଟିକା ଦେବା ନିମନ୍ତେ ସୁପ୍ରିମ କୋର୍ଟର ବିଚାରପତି ଜଷ୍ଟିସ ଡି. ୱାଇ. ଚନ୍ଦ୍ରଚୁଡ, ଜଷ୍ଟିସ ଏଲ. ନାଗେଶ୍ୱର ରାଓ, ଜଷ୍ଟିସ ରବିନ୍ଦ୍ର ଭଟ୍ଟଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ କୋଭିଡ ଟିକା କ୍ରୟ କ୍ଷତି ଉପରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ, କେନ୍ଦ୍ର ସରକାର ସମସ୍ତ କୋଭିଡ ଟିକା ନିଜେ କାହିଁକି କ୍ରୟ କରୁନାହାଁନ୍ତି । ସୁପ୍ରିମ କୋର୍ଟ ମଧ ଆହୁରି କହିଛନ୍ତି ଯେ ଏବେ ବି ଇଂଟରନେଟ ଦେଶବାସୀଙ୍କ ପାଖରେ ଅପହଂଚ ଏବଂ ସେମାନଙ୍କ ପଞ୍ଜିକରଣ କିପରି ଭାବେ ହେବ ବୋଲି ସୁପ୍ରିମ କୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ୫୯ କୋଟିରୁ ଅଧିକାଂଶ ଭାରତୀୟଙ୍କ ବୟସ ୪୫ ବର୍ଷରୁ କମ୍ ହୋଇଥିବା ବେଳେ ଏବଂ ସେମାନଙ୍କ ମଧ୍ୟରେ ଗରିବ ଓ ଅତି ଗରିବ ଶ୍ରେଣୀର ଲୋକ ଥିବାରୁ ସରକାରଙ୍କ ଘରୋଇ ବ୍ୟବସ୍ଥାରେ ଟିକା କରଣ ନିମନ୍ତେ ସଂପୂର୍ଣ୍ଣ ଅସମର୍ଥ ବୋଲି ସୁପ୍ରିମ କୋର୍ଟ ମତବ୍ୟକ୍ତ କରିଥିବା ଜଣାପଡିଛି । ସୁପ୍ରିମ କୋର୍ଟର ଏପରି ମତବ୍ୟକ୍ତ ଓ ଆଦେଶ ଫଳରେ ଗରିବ ଶ୍ରେଣୀ ଲୋକମାନେ କିପରି ସରକାରୀ ମୂଲ୍ୟରେ ଉପଲବ୍ଧ ଟିକା ପାଇ ପାରିବେ ତାହା ଉପରେ ଦେଶ ସାରା ଆଲୋଚନାର ପ୍ରସଙ୍ଗ ହୋଇଛି । ଏଣୁ ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ଏହି ପରିସ୍ଥିତିରେ ଟିକା କରଣ କିପରି ସଫଳ ଭାବେ ହୋଇ ପାରିବ ଏବଂ ଗରିବ ଲୋକ ମାଗଣାରେ ଯେପରି ଭାବେ ଟିକା ନେଇପାରିବେ ସେଥି ନିମନ୍ତେ ଦୃଷ୍ଟି ଦେବାକୁ କେନ୍ଦ୍ରାପଡା ଜିଲ୍ଲା ସଚେତନ ନାଗରିକ ମଂଚର ଆବାହକ ତଥା ପୂର୍ବତନ ନଗରପାଳ ବିଜୟକୃଷ୍ଣ ସାହୁ ଏକ ପ୍ରେସ ବିଜ୍ଞପ୍ତିରେ ମତ ପ୍ରକାଶ କରିଛନ୍ତି । ଆବଶ୍ୟକ ପଡିଲେ ଜନ ସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏ ସଂପର୍କରେ ଜାତୀୟ ମାନବାଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଶ୍ରୀ ସାହୁ କହିଛନ୍ତି ।

## ମୋଟୁ ଦେଇ ଫେରିଲେଣି ୧୧୧୭୦ ଜଣ ପ୍ରବାସୀ

ମାଲକାନଗିରି, ୪/୫ (ନି.ପ୍ର): ସମଗ୍ର ଦେଶରେ କରୋନା ର ଦ୍ୱିତୀୟ ଲହର ଉଗ୍ର ରୂପ ନେବାରେ ଲାଗିଛି ।ପ୍ରତିଦିନ ଯେତେ ପରିମାଣରେ ସଂକ୍ରମିତ ଚିହ୍ନଟ ହେଉଛନ୍ତି ସେହି ତୁଳନାରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ।ଏଥିରେ ଭୟଭୀତ ହୋଇ ଅନେକ ପ୍ରବାସୀ ଓଡ଼ିଆ ମାନେ ନିଜ ନିଜ ଘରକୁ ଫେରିବାରେ ଲାଗିଛନ୍ତି ।ମାଲକାନଗିରି ଜିଲ୍ଲା ସୀମାନ୍ତ ମୋଟୁ ଠାରେ ଛତିଶଗଡ଼, ଆନ୍ଧ୍ର ଓ ତେଲେଗାନା ରାଜ୍ୟ ସୀମା ଲାଗିରହିଛି ।ବିଶେଷ କରି ମହାରାଷ୍ଟ୍ର, କର୍ଣ୍ଣାଟକ, କେରଳ, ତାମିଲନାଡୁ, ଆନ୍ଧ୍ର ଓ ତେଲେଗାନା ରାଜ୍ୟରେ କାମ କରୁଥିବା ପ୍ରବାସୀ ଓଡ଼ିଆ ଓ ପଶ୍ଚିମବଙ୍ଗ ରାଜ୍ୟ ର ଲୋକ ସୀମାନ୍ତ ମୋଟୁ ଦେଇ ଓଡିଶା କୁ ପ୍ରବେଶ କରୁଛନ୍ତି ।ମୋଟୁ ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ପ୍ରବାସୀଙ୍କ ଭିଡ଼ ଲାଗିରହୁଛି ।ମୋଟୁ ତହସିଲଦାର ଶଶାଙ୍କ କୁମାର ମିଶ୍ର ଙ୍କ ତଦାରଖରେ ପୋଲିସ,ରାଜସ୍ୱ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ମାନେ ଉପସ୍ଥିତ ରହି ଫେରୁଥିବା ପ୍ରବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଜିଲ୍ଲା ମଧକୁ ଛାଡୁଥିବା ଜଣାପଡିଛି ।ଆଜି ସୁଦ୍ଧା ଜିଲ୍ଲା ପ୍ରଶାସନ ସୂଚନା ଅନୁଯାୟୀ ୧୧୧୭୦ଜଣ ପ୍ରବାସୀ ମୋଟୁ ଦେଇ ଆସିଛନ୍ତି ।ସେମାନଙ୍କ ମଧ୍ୟରୁ ୫୫୭୦ଜଣ ମାଲକାନଗିରି ଜିଲ୍ଲାର ଅଟନ୍ତି । ୪୮୧୭ଜଣ ଅନ୍ୟଜିଲ୍ଲାର ହୋଇଥିବାବେଳେ ୭୮୩ ଜଣ ବହାର ରାଜ୍ୟର ।ପ୍ରଶାସନ ପକ୍ଷରୁ ଜିଲ୍ଲାରେ ୧୩ ଟି ଆର ଆର ଟି ଟିମ ନିୟୋଜିତ କରାଯାଇ ଆକ୍ଟିଭ ସର୍ଭିଲେନ୍ସ ଉପରେ ଗୁରୁତ୍ୱ ଦିଆଯାଉଛି ।ଆଜି ସୁଦ୍ଧା ୫୨୧ ଜଣଙ୍କ ସାମ୍ପୁଲ ଟେଷ୍ଟ କରାଯାଇଥିଲା ସେଥିମଧ୍ୟରୁ ୩୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଚିହ୍ନଟଙ୍କ ମଧ୍ୟରେ, ପଡିଆ ବ୍ଲକରୁ ୨୫ ଜଣ, ମାଲକାନଗିରି ପୌରାଂଚଳରୁ ୪୩ଜଣ, ମାଲକାନଗିରି ବ୍ଲକରୁ ୩୫ ଜଣ, ବାଲିମେଳା ବିଜ୍ଞାପିତ ଅଂଚଳରୁ ୧୨ ଜଣ, ମାଥିଲି ବ୍ଲକରୁ ୪୫ଜଣ, ଚିତ୍ରକୋଣ୍ଡା ବ୍ଲକରୁ ୨୭ ଜଣ, କୋରୁକୋଣ୍ଡା ବ୍ଲକରୁ ୩୧ ଜଣ,କାଲିମେଳା ବ୍ଲକରୁ ୫୪ଜଣ ଓ ଖଇରପୁଟ ବ୍ଲକ ରୁ ସର୍ବାଧିକ ୫୫ ଜଣ ଅଛନ୍ତି ।

# ରକ୍ତଚାପକୁ ନିୟନ୍ତ୍ରଣରେ ରଖେ ଓ ହୃଦ୍‌ରୋଗୀଙ୍କ ପାଇଁ ମହୋଷଧି ଏହି ଫଳ



ଆପଣଙ୍କୁ ନଡ଼ିଆ ଖାଇବାକୁ କେମିତି ଲାଗେ ? ଏହି ଫଳ ଖାଇବାର ଅଭ୍ୟାସ ଅଛି ତ ? ଗୋଟାଏ ଫଳ, ହେଲେ ଏହାକୁ ବିଭିନ୍ନ ପ୍ରକାରର ବ୍ୟବହାର କରିପାରିବେ ଆପଣ । ନଡ଼ିଆ କେବଳ ପାଟିକୁ ସୁଆଦ ଲାଗୁଥିବା ପରି ଏକ ଫଳ ନୁହେଁ ବରଂ ଏଥିରେ ଅନେକ ଭଲ ଗୁଣ ରହିଛି, ଯାହାକି ଶରୀର ପାଇଁ ଖୁବ୍ ଉପକାରୀ । ନଡ଼ିଆରେ ପ୍ରଚୁର ପରିମାଣର ପ୍ରୋଟିନ୍ ରହିଛି । ଭିଟାମିନ୍ ବି ମଧ କିଛି ପରିମାଣରେ ରହିଛି ଏଥିରେ । କେତେକ ଗୁରୁତ୍ୱପୂର୍ଣ୍ଣ ମିନେରାଲ୍ ଥିବା ଏହି ଫଳକୁ ଖାଇବା ଦ୍ୱାରା ଶରୀର ଫୁର୍ତ୍ତି ହୋଇଥାଏ ।

ଏଥିରେ ପ୍ରବଳ ମାତ୍ରାରେ ମ୍ୟାଗ୍‌ନେସିୟମ୍ ରହିଛି, ଯାହାକି ହାଡ଼କୁ ଶକ୍ତ କରିବାରେ ସହାୟ ହେବ । ଏଥିରେ କପର ଓ ଆଇରନ୍ ମଧ ରହିଛି । ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ୍ ଆମ ସେଲ୍‌କୁ ସୁରକ୍ଷା ଦେଇଥାଏ । ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ ହୃଦ୍‌ରୋଗୀମାନଙ୍କ ପାଇଁ ନଡ଼ିଆ ଖାଇବା ବହୁତ ଭଲ ହୋଇଥାଏ । ଏହାକୁ ଖାଇବା ଦ୍ୱାରା ହୃଦ୍‌ଘାତର ସମ୍ଭାବନା କମ୍ ରହିଥାଏ ।

ଏହା ପେଟରେ ଥିବା ଅତିରିକ୍ତ ଚର୍ବିକୁ କମ୍ କରିଥାଏ । ଶରୀରରେ ଜମିଥିବା ଅତିରିକ୍ତ ଚର୍ବି ମଧୁମେହ ଓ ହୃଦ୍‌ରୋଗର କାରଣ ହୋଇଥିବାରୁ ନଡ଼ିଆ ଖାଇବା ଦ୍ୱାରା ଏହି ଦୁଇ ରୋଗକୁ ଦୂରେଇ ଦେଇ ହେବ । ନଡ଼ିଆ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ସହ ହଜମ ପ୍ରକ୍ରିୟାକୁ ମଧ ତ୍ୱରାନ୍ୱିତ କରିଥାଏ । ଦୈନିକ ଏହାକୁ ଖାଇଲେ ଅନେକ ରୋଗକୁ ଦୂରେଇ ଦେଇ ହେବ ।

# ଖାଇବାପିଇବା ଉପରେ ଧ୍ୟାନ ଦେଇ କେଶ ଝଡ଼ିବା ସମସ୍ୟାରୁ ମୁକ୍ତି ପାଆନ୍ତୁ



ଜଣେ ଲୋକର ସୌନ୍ଦର୍ଯ୍ୟରେ କେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଉତ୍ତମ କେଶ ଥିଲେ ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇଥାଏ । ମାତ୍ର ଆଜିକାଲି କେଶ ଝଡ଼ିବା ଏକ ସାଧାରଣ ସମସ୍ୟା । ଅତ୍ୟାଧିକ ପ୍ରଦୂଷଣ, ହରମୋନ୍ ପରିବର୍ତ୍ତନ କିମ୍ବା ଭିଟାମିନ୍ ଅଭାବରୁ କେଶ ଝଡ଼ିବା ସମସ୍ୟା ଉପୁଜିଥାଏ । କେଶ ଝଡ଼ିବା ଦୁଃଖରେ ଆମେ ଅନେକ ପ୍ରକାରର ଜିନିଷ କେଶରେ ପ୍ରୟୋଗ କରିଥାଉ । ମାତ୍ର ମନେ ରଖନ୍ତୁ କେଶ ଝଡ଼ିବା ସମସ୍ୟା ଉପରୁ ନୁହେଁ; ବରଂ ଭିତରୁ ହୋଇଥାଏ । ପ୍ରୋଟିନ୍‌ର ଅଭାବରେ ହିଁ କେଶ ଝଡ଼ିଥାଏ । ତେବେ ଚାଲନ୍ତୁ ଜାଣିବା କେଉଁ ସବୁ ଖାଦ୍ୟ ଖାଇଲେ କେଶ ଝଡ଼ିବା ସମସ୍ୟା କମ୍ ହୋଇଥାଏ ।

ଦିନକୁ ଅତି କମ୍‌ରେ ଗୋଟିଏ ପାଚିଲା କଦଳୀ ଖାଆନ୍ତୁ । କଦଳୀରେ ପ୍ରଚୁର ପରିମାଣର ଆଇରନ୍ ରହିଛି । ଆଇରନ୍ ଅଭାବରୁ କେଶ ଝଡ଼ିଥାଏ । ପାରୁଛନ୍ତି ଯଦି ସକାଳେ କିମ୍ବା ସଂଧ୍ୟାରେ ଗୋଟାଏ ସିଝା ଅଣ୍ଡା ଖାଆନ୍ତୁ । ସିଝା ଅଣ୍ଡାରେ ପ୍ରୋଟିନ୍ ରହିଛି । ଶରୀରରେ ପ୍ରୋଟିନ୍ ଭରପୂର ରହିଲେ କେଶ ଝଡ଼ିବା ସମସ୍ୟା ଦୂର ହୋଇଯିବ । ମୌସମୀ ଜୁସ୍ ପିଅନ୍ତୁ । ମୌସୁମୀ ଜୁସ୍ ଉଭୟ କେଶ ଓ ତ୍ୱଚା ପାଇଁ ଭଲ ହୋଇଥାଏ । ଏହି ଜୁସ୍ ପିଇଲେ କେଶ ଝଡ଼ିବା ସମସ୍ୟା କମ୍ ହେବା ସହ ତ୍ୱଚା ବି ଭଲ ରହିଥାଏ । କାଜୁ ବାଦାମ ଖାଇବା ବି କେଶ ପାଇଁ ଭଲ ହୋଇଥାଏ । କାଜୁ ବ୍ୟତୀତ ଆଲମଣ୍ଡ୍, ବାଦାମ, କିସ୍‌ମିସ୍ ଆଦି ଦୈନିକ ଖାଇଲେ କେଶ ଝଡ଼ିବା କମ ହୋଇଥାଏ ।

# ଗର୍ଭାବସ୍ଥା ସମୟରେ ମହିଳାମାନଙ୍କ ପାଇଁ ଲାଭଦାୟକ ହୋଇଥାଏ ଏଭଳି ଖାଦ୍ୟ



ମହିଳାମାନେ ଗର୍ଭବତୀ ସମୟରେ ଅଧିକରୁ ଅଧିକ ସତର୍କ ରହିବା ଉଚିତ ବୋଲି ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି । ବିଶେଷ କରି ଏହି ସମୟରେ ମହିଳାମାନେ ନିଜର ଖାଦ୍ୟ ଉପରେ ଅଧିକ ଗୁରୁତ୍ୱାରୋପ କରିବା ଜରୁରୀ ହୋଇଥାଏ । ଭର୍ଗବତୀ ଥିବା ସମୟରେ ଅରୁଚି ହେଉଥିବା ହେତୁ ମହିଳାମାନେ ଖାଇବାକୁ ନେଇ ଅନେକ କଟକଣା ଲଗାଇଥାଆନ୍ତି । ମାତ୍ର ଗର୍ଭ କାଳରେ କେଉଁ ସବୁ ଖାଦ୍ୟ ଖାଇବା ଜରୁରୀ ଆସନ୍ତୁ ସେ ବିଷୟରେ ଆଲୋଚନା କରିବା ।

ଗର୍ଭ ସମୟରେ ଯେତେ ସବୁ ଫଳ ଖାଇଲେ କୌଣସି ଅସୁବିଧା ନାହିଁ । ମାତ୍ର ଯେଉଁ ଦୁଇଟି ଫଳ ସେ ସମୟରେ ମହିଳାଙ୍କୁ ଖାଇବାକୁ ବାରଣ କରାଯାଇଛି ତାହା ହେଉଛି ଅମୃତଭଣ୍ଡା ଓ ପଣସ । ଏ ସମୟରେ ଯେତେ ଶାଗ ଖାଇଲେ ଭଲ । ସାଗରୁ ବିଭିନ୍ନ ଧରଣର ଭିଟାମିନ ମିଳିବା ସହ



ପିଲାର କେଶ ଘନ ହୋଇଥାଏ । ଗର୍ଭବତୀ ରହିବା ସମୟରେ ପ୍ରୋଟିନ୍ ଜାତୀୟ ଖାଦ୍ୟ ଖାଇବା ଭଲ । ଦୈନନ୍ଦିନ ଖିର ପିଇବା ସହ ସେଥିରେ କେଶର ମିଶାଇ ପିଇଲେ ପିଲାର ରଂଗ ଭଲ ହୋଇଥାଏ । ଏହି ସମୟରେ କାଜୁ, ବାଦାମ ଓ ଆଲମଣ୍ଡ ଖାଇବା ଭଲ । ପିଲାର ମସ୍ତିଷ୍କ ତୀକ୍ଷ୍ଣ ହୋଇଥାଏ ଏପରି ଖାଦ୍ୟ ଖାଇବା ଦ୍ୱାରା । ଦହି, କାକୁଡ଼ି ଆଦି ପ୍ରଚୁର ପରିମାଣରେ ଖାଇବା ଉଚିତ । ପିଲାର ମସ୍ତିଷ୍କ ଥଣ୍ଡା ହେବା ସହ ସୁସ୍ଥ ପିଲା ଜନ୍ମ ନେଇଥାଏ ମାଆ ଏପରି ଖାଦ୍ୟ ଖାଇଲେ ।

# ଫୁଡ୍ ପଏଜନିଂର ଅସୁବିଧା ଦେଖାଯାଉଥିଲେ ଘରୋଇ ଉପାୟରେ କରନ୍ତୁ ଚିକିତ୍ସା








ବେଳେବେଳେ ଏହା ବିଶ୍ୱାସ କରିବା ମୁସ୍କିଲ ହୋଇଯାଏ କି ଆପଣଙ୍କ ପ୍ରିୟ ଖାଦ୍ୟ ଆପଣଙ୍କୁ ରୋଗିଣା କରିଦିଏ । କେବେ କେବେ ଏମିତି ବି ହୋଇଥାଏ କି କିଛି ଭୁଲ୍ ଖାଦ୍ୟ ଖାଇଦେବା କାରଣକୁ ନେଇ କିମ୍ବା ଅତ୍ୟଧିକ ଖାଦ୍ୟ ଖାଇବା ଯୋଗୁଁ ବ୍ୟକ୍ତି ଫୁଡ୍ ପଏଜନିଂର ଶିକାର ହୋଇଥାଏ । ଯେଉଁ କାରଣକୁ ନେଇ ଏହି ସ୍ଥିତି ବହୁତ ଗମ୍ଭୀର ହୋଇଯାଏ । ତେଣୁ ସମୟ ମଧରେ ଏହାର ଚିକିତ୍ସା କରାଯିବା ଆବଶ୍ୟକ ଅଟେ । ତେବେ ଆଜି ଆମେ ଆପଣଙ୍କୁ ଏଥିରୁ ମୁକୁଳିବା ଲାଗି ଏପରି କିଛି ସରଳ ଉପାୟ ବିଷୟରେ କହିବୁ, ଯାହାର ପ୍ରୟୋଗ କରି ଆପଣ ଫୁଡ୍ ପଏଜନିଂ ସମସ୍ୟାରୁ ମୁକ୍ତି ପାଇପାରିବେ ।

**ଦହିର ପ୍ରୟୋଗ :** ଫୁଡ୍ ପଏଜନିଂ ପାଇଁ ଦହି ବହୁତ ଉପକାରୀ ବୋଲି କୁହାଯାଇଥାଏ । ତେଣୁ ଆପଣ ଦହି ମଧରେ କିଛି ମାତ୍ରାରେ ପାଣି ଓ ଚିନି ମିଶାଇ ଲସି ପ୍ରସ୍ତୁତ କରନ୍ତୁ । ଆଉ ଯଦି ଆପଣଙ୍କୁ ମିଠା ଦହି ପସନ୍ଦ ନଥାଏ, ତେବେ ଆପଣ ଏଥିରେ କିଛି ମାତ୍ରାରେ କଳା ଲୁଣକୁ ମିଶ୍ରଣ କରି ମଧ ପିଇପାରନ୍ତି ।

**ଆପଲ୍ ସାଇଡର ଭିନେଗାର :** ତେବେ ସେଓର ସିର୍କା ମଧ ଫୁଡ୍ ପଏଜନିଂ ପାଇଁ ରାମବାଣ ସଦୃଶ କାର ?ୟ୍ୟ କରିଥାଏ । ତେଣୁ ଏହାକୁ ପ୍ରସ୍ତୁତ କରିବା ପାଇଁ ହେଲେ ଆପଣ ଦୁଇ ଚାମଚ ସେଓର ସିର୍କାକୁ ଏକ କପ୍ ଗରମ ପାଣିରେ ମିଶ୍ରଣ କରି ଭୋଜନ ପୂର୍ବରୁ ଏହାର ସେବନ କରନ୍ତୁ ।

**ଲେମ୍ବୁର ପ୍ରୟୋଗ :** ସାଧାରଣତଃ ଲେମ୍ବୁରେ ଆଣ୍ଟି-ଭାଇରାଲ୍ ଗୁଣ ନିହିତ ରହିଥାଏ, ଯାହାକି ଫୁଡ୍ ପଏଜନିଂରେ ବ୍ୟାକ୍ଟେରିଆକୁ ଦୂର କରି ଆପଣଙ୍କୁ ମୁକ୍ତି ଦେଇଥାଏ । ଆପଣ ଏକ କପ୍ ଗରମ ପାଣି ନେଇ ସେଥିରେ କିଛି ମାତ୍ରାରେ ଲେମ୍ବୁର ରସ ଓ ମହୁକୁ ମିଶ୍ରଣ କରି ଖାଲିପେଟରେ ପିଇଦିଅନ୍ତୁ । ଆଉ ଯଦି ଆପଣ ଚାହଁନ୍ତି ବି ପାଣିରେ ଲେମ୍ବୁ କିମ୍ବା ଚିନି ମିଶ୍ରଣ କରି ପିଇପାରନ୍ତି ।

# କଏଲ୍ କିମ୍ବା ସ୍ପ୍ରେ ନୁହଁ କୋଲଡ୍ରିଙ୍କ୍ ବୋତଲ ଆପଣଙ୍କୁ ମଶାଙ୍କ ଦାଉରୁ ଦେବ ସୁରକ୍ଷା !



ଆଜି ପର୍ଯ୍ୟନ୍ତ ଆପଣ ଥଣ୍ଡାପାନୀୟ ପିଇବାର ଅନେକ ସମସ୍ୟାା ସମ୍ବନ୍ଧରେ ଶୁଣିଥିବେ । କିନ୍ତୁ ଆପଣ କ'ଣ ଜାଣିଛନ୍ତି କି କୋଲଡ୍ରିଙ୍କ୍ କିଣିବାର ଏକ ଫାଇଦା ମଧ ରହିଛି । କ'ଣ ଆପଣ ଜାଣିଛନ୍ତି କି ଏହା ସାହାଯ୍ୟରେ ଆପଣ ଡେଙ୍ଗୁ,ମ୍ୟାଲେରିଆ ଭଳି ମଶାମାନଙ୍କଠାରୁ ଖୁବ୍ ସହଜରେ ବର୍ତ୍ତିପାରିବେ । ଏଠାରେ ଆମେ ଆପଣଙ୍କୁ କୋଲଡ୍ରିଙ୍କ୍ ବୋତଲକୁ କିଭଳି ଭାବେ ମଶା ଘଉଡାଇବା ପାଇଁ ବ୍ୟବହାର କରିପାରିବେ ସେ ବିଷୟରେ କହିବାକୁ ଯାଉଛୁ । ଯଦି ଆପଣଙ୍କ ଘରେ ଖାଲି କୋଲଡ୍ରିଙ୍କ୍ ବୋତଲ ଅଛି ତେବେ ଏହାକୁ ଫୋପାଡିବାର ଭୁଲ୍ ନକରି ଏହାକୁ ମଶା ଘଉଡାଇବା ପାଇଁ ଆପଣ ବ୍ୟବହାର କରିପାରିବେ । ଏଥିରେ ଆପଣ "ମଶାମରା ଟ୍ରାପ୍" ପ୍ରସ୍ତୁତ କରିପାରିବେ । ବଜାରରେ ମଶାଙ୍କ ଦାଉରୁ ରକ୍ଷା ପାଇବା ପାଇଁ ଆପଣ ବିଭିନ୍ନ ପ୍ରକାର ମଶା ଉପଦ୍ରବ ଯେଭଳି କଏଲ୍, ଶରୀରରେ ଲଗାଇବା ପାଇଁ ଓଡୋମଶ୍ , ଅଲଆଉଟ୍, ମୋର୍ଟିନ୍ ଏବଂ ଅନ୍ୟ ଇଲେକ୍ଟ୍ରୋନିକ୍ ଡିଭାଇଜ୍ କିଣିଥାନ୍ତି । କିନ୍ତୁ ଏହି ଦେଶୀ ଔଷଧି ବ୍ୟବହାର କରିବା ପରେ ଆପଣ ଆଉ କ୍ୟାମିକାଲଯୁକ୍ତ ପ୍ରଡକ୍ଟ ବ୍ୟବହାର କରିବା ଭୁଲିଯିବେ । ତେବେ ଆମେ ଏଠାରେ ଆପଣଙ୍କୁ କହିରଖୁଛୁ ଖୁବ୍ କମ୍ ସମୟରେ ଏବଂ କମ୍ ଖର୍ଚ୍ଚରେ ଆପଣ ଏହାକୁ ପ୍ରସ୍ତୁତ କରିପାରିବେ । ଏହାକୁ ଆପଣ ଘରେ ବ୍ୟବହୃତ ହେଉନଥିବା ସାମଗ୍ରୀରୁ ମଧ ପ୍ରସ୍ତୁତ କରିପାରିବେ । ଏହି ଟ୍ରାପର ସବୁଠାରୁ ଖାସ୍ କଥା ହେଉଛି ବୋତଲ ଭିତରେ ଏଭଳି ଏକ ଲିକ୍ୱିଡ୍ ପୁରାଯାଏ ଯାହା ମଶାଙ୍କୁ ଆକର୍ଷିତ କରିଥାଏ । ମଶା ଆପେ ଆପେ ଏହି ବୋତଲ ଭିତରକୁ ଚାଲିଆସିବେ,ଯାହାଦ୍ୱାରା ଭିତରକୁ ଆସୁଥିବା ମଶା ମଧ ପୁନଶ୍ଚ ବାହାରକୁ ବାହାରି ପାରିବେ ନାହିଁ ।

**ସାମଗ୍ରୀ :**

୧. ୨.୫ ଲିଟରର ଏକ କୋଲଡ୍ରିଙ୍କ୍‌ର ଖାଲି ବୋତଲ
୨. ୫୦୦ ମି.ଲି ପାଣି
୩. ଅଧା ଚାମଚ ମହୁ
୪. ଚଉଡା ପ୍ୟାକିଙ୍ଗ୍ ଟେପ୍
୫. ୨ ଚାମଚ ଚିନି
୬. କଇଁଚି କିମ୍ବା ପେପର ଛୁରୀ ।

**କିଭଳି କରିବେ ପ୍ରସ୍ତୁତି :**

ପ୍ରଥମେ ଆପଣ ବୋତଲଟିକୁ ମଝିରୁ କାଟି ନିଅନ୍ତୁ । ଏଥିରେ ପାଣି ଏବଂ ଦୁଇ ଚାମଚ ଚିନି ମିଶାଇ ଭଲଭାବରେ ଗୋଳାନ୍ତୁ । ପାଣିର ରଙ୍ଗ ବ୍ରାଉନ୍ ହୋଇଗଲା ପରେ ଏଥିରେ କିଛି ମହୁ ମିଶାନ୍ତୁ । ମହୁକୁ ଅଧାକଟା ଯାଇଥିବା ବୋତଲ ଉପରେ ମଧ ଲଗାନ୍ତୁ । ଏହାପରେ ଆପଣ ବୋତଲର ଅଧାକଟା ଅଂଶକୁ ଆର ବୋତଲର ଉପରେ ଓଲଟାଇ ରଖନ୍ତୁ ଏବଂ କଟା ଯାଇଥିବା ଦୁଇ ବୋତଲକୁ ଟେପ୍ ସାହାଯ୍ୟରେ ବାଲାନ୍ସ କରନ୍ତୁ । ଉପରୁ ବଳିଯାଉଥିବା ଅଧା ବୋତଲକୁ ଭଲ ଭାବରେ କାଟି ଦିଅନ୍ତୁ ।

# ରକ୍ତହୀନତା ଦୂର ସାଙ୍ଗକୁ କୋଷ୍ଠକାଠିନ୍ୟ ଦୂର କରିଥାଏ ପୋଟଳ

ପୋଟଳ ଏକ ଭଲ ପରିବା, ଯାହାକି ସ୍ୱାସ୍ଥ୍ୟ ଲାଗି ଅତ୍ୟନ୍ତ ଲାଭପ୍ରଦ । ତେବେ ପୋଟଳରେ ଭିଟାମିନ୍ ଏ, ବି ୱାନ୍, ବି ଟୁ ଏବଂ ଭିଟାମିନ୍ ସି ଆଦି ବହୁଳ ମାତ୍ରାରେ ରହିଥିବା କାରଣରୁ ଏହା ଆମ ଶରୀରରେ ରୋଗ ପ୍ରତିରୋଧକ କ୍ଷମତାକୁ ବଢାଇ ରୋଗ ଦାଉରୁ ଲଢିବାରେ ସାହାଯ୍ୟ କରିଥାଏ । ଏଥିସହିତ ଏଥିରେ ଆଣ୍ଟି ଅକ୍ସିଡେଣ୍ଟର ମାତ୍ରାଧିକ ପରିମାଣ ହେତୁ ଗ୍ୟାସ୍ ଜନିତ ସମସ୍ୟାରୁ ରକ୍ଷା କରିବା ପାଇଁ ବି ଏହା ଅତ୍ୟନ୍ତ ଉପକାରୀ ଅଟେ । ଏତଦ୍ୱ୍ୟତୀତ ପୋଟଳ ଆମର କି କି ଉପକାର କରିଥାଏ ଆସନ୍ତୁ ଜାଣିବା ...

୧-ପୋଟଳ ଖାଇଲେ ଆମ ଶରୀରର ହାଡ଼ ସୁସ୍ଥ ରହିବା ସହିତ କଫଜନିତ ସମସ୍ୟାକୁ ମଧ ଦୂର ହୋଇଥାଏ ।

୨-ରକ୍ତ ସଫା କରିବାରେ ବି ବେଶ୍ ସହାୟକ ହୋଇଥାଏ ପୋଟଳ ।

୩-ତେବେ ପୋଟଳରେ ଫାଇବରର ମାତ୍ରା ଅତ୍ୟଧିକ ରହିଥିବା ଯୋଗୁଁ , ଏହା ଆମ ହଜମ କ୍ରିୟାରେ ସହାୟକ ହେବା ସାଂଗକୁ ଗ୍ୟାସ୍ ଜନିତ ସମସ୍ୟାକୁ ମଧ ଦୂର କରିଥାଏ ।



# ଖରାଦିନିଆ ପାନୀୟ 'ମିଣ୍ଟଲସି'



ଗ୍ରୀଷ୍ମର ପ୍ରକୋପରେ ଶରୀରକୁ ବିଭିନ୍ନ ପ୍ରକାର ସୁଆଦିଆ ପାନୀୟ ହିଁ ଶୀତଳତା ପ୍ରଦାନ କରିଥା, । ଉତ୍ତର-ଭାରତର ଅନ୍ୟତମ ମୁଖ୍ୟ ଗ୍ରୀଷ୍ମ ପାନୀୟ ଭାବେ 'ମିଣ୍ଟଲସି' ଜଣାଯାଏ । ମାତ୍ର କିଛି ମିନିଟରେ ପ୍ରସ୍ତୁତ ହୋଇପାରୁଥିବା ଏହି ଲସି ଦେହ ପାଇଁ ଖୁବ୍ ହିତକାରୀ । ଘରର ସଦସ୍ୟଙ୍କ ସହ କେହି ଅତିଥି ଅଭ୍ୟାଗତ ଆସିଲେ ତାଙ୍କୁ ମଧ ଏଲ ପାନୀୟ ଦେଇପାରିବେ ।

ମିଣ୍ଟ ଲସି ପାଇଁ ଆବଶ୍ୟକ ସାମଗ୍ରୀ:- ୧କପ ଦହି, ବରଫ ଖଣ୍ଡ (୫-୭)ଟି ୨ବଡ଼ ଚାମଚ ଗୁଣ୍ଡ ଚିନି, ଅଧ କପ ପୋଦିନାର ପତ୍ର ଚୂନାଚୂନା କଟା, ପେସ୍ତାବାଦାମ ଚୂନାଚୂନା କଟା । ପ୍ରସ୍ତୁତି ପ୍ରଣାଳୀ:- ଲସି ପ୍ରସ୍ତୁତ କରିବା ନିମନ୍ତେ ପ୍ରଥମେ ଗୋଟିଏ ପାତ୍ରରେ ଦହି , ଚିନି, ପୋଦିନା ପତ୍ର ନେଇ ତାହାକୁ ଭଲ ଭାବେ ମିଶାଇ ନେବେ । ଏବେ ଏସବୁକୁକୁ ଗ୍ରାଇଣ୍ଡିଂ କରି ନିଅନ୍ତୁ । ଏକ ଗିଲାସରେ ପ୍ରସ୍ତୁତ ଲସିକୁ ଢ଼ାଳି ସେଥିରେ ବରଫ ଖଣ୍ଡକୁ ମିଶାଇବେ । ଚୂନାଚୂନା କଟା ପେସ୍ତାବାଦାମକୁ ଲସିରେ ମିଶାଇ କିଛି ସମୟ ପାଇଁ ଫ୍ରିଜରେ ରଖନ୍ତୁ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୫ ମଇ ୨୦୨୧, ବୁଧବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନିର୍ବାଚନ ପରର ଭୟାବହତା...

ପ୍ରକାଶ ପାଇଥିବା ଚାରିଗୋଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଂଚଳର ନିର୍ବାଚନ ଫଳାଫଳରେ ଜନତା ବିଭିନ୍ନ ଅଂଚଳ ପରିପ୍ରେକ୍ଷୀରେ ଉଭୟ ପୂର୍ବ ସରକାରଙ୍କ ଶାସନ ବଜାୟ ରଖିବା ଏବଂ ପରିବର୍ତ୍ତନ ସପକ୍ଷରେ ମତଦାନ କରିଛନ୍ତି। ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ତୃତୀୟ ଥର ପାଇଁ; ଗୋଟିଏ ଦଶନ୍ଧି ପରେ ତାମିଲନାଡୁରେ ଦ୍ରାବିଡ଼ ମୁନେତ୍ର କାଝାଗାମ୍‌ର କ୍ଷମତାକୁ ପ୍ରତ୍ୟାବର୍ତ୍ତନ, ଦୀର୍ଘ ଚାରି ଦଶନ୍ଧିରେ ନିର୍ବାଚନୀ ଫଳାଫଳକୁ ଭଙ୍ଗ କରି କେରଳରେ ବାମପନ୍ଥୀ ଗଣତାନ୍ତ୍ରିକ ସାମ୍ମୁଖ୍ୟର କ୍ଷମତା ବଜାୟ ରଖିବା, ଆସାମରେ ଭାରତୀୟ ଜନତା ପାର୍ଟି ପୁର୍ନବାର ଦ୍ୱିତୀୟଥର ପାଇଁ କ୍ଷମତାକୁ ବଜାୟ ରଖିବାରେ ସମର୍ଥ ହେବା ଏବଂ ପୁଡୁଚେରୀରେ ପ୍ରଥମଥର ପାଇଁ ଜାତୀୟ ଗଣତାନ୍ତ୍ରିକ ମେଂଟ କ୍ଷମତାକୁ ଆସିବା ଏହାର ପ୍ରମାଣ। ଏହି ଫଳାଫଳ ପରେ ନିର୍ବାଚନ ଫଳାଫଳ ବିଶ୍ଳେଷଣକାରୀମାନେ ବର୍ତ୍ତମାନ ଆଶ୍ୱସ୍ତି ହୋଇଛନ୍ତି ନିଶ୍ଚୟ। କାରଣ ଉପରୋକ୍ତ ସମସ୍ତ କ୍ଷେତ୍ରରେ ଏକ୍‌ଜିଟ୍ ପୋଲ୍ କରିଥିବା ଭବିଷ୍ୟବାଣୀ ପ୍ରାୟ ଏକଜାଟ୍ ସାବ୍ୟସ୍ତ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ତଥାପି ଉପରୋକ୍ତ ପ୍ରଦର୍ଶନ ଦୃଷ୍ଟିରୁ ଫଳାଫଳ କିଛି ନା କିଛି ସ୍ୱତନ୍ତ୍ରତା ପ୍ରକାଶ କରିଛି। ପ୍ରଶ୍ନ ଉଠେ, ଏହି ଫଳାଫଳ ଦ୍ୱାରା ଦେଶର ଜାତୀୟସ୍ତରୀୟ ରାଜନୀତିକ ମାନଚିତ୍ର କେତେଦୂର ପ୍ରଭାବିତ ହେବାକୁ ଯାଉଛି ? କହିବା ବାହୁଲ୍ୟ, ଏ ସମ୍ପର୍କରେ ଏବେଠାରୁ କୌଣସି ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ହେବା ସହଜ ନୁହେଁ, କାରଣ ମାତ୍ର ପାଂଚଗୋଟି ଅଂଚଳ ଭିତ୍ତିରେ କୌଣସି ସିଦ୍ଧାନ୍ତ ନେବା ଅତି ତରବରିଆ କାମ ହୋଇଯିବ। ତେବେ ନିଶ୍ଚିତ ଭାବରେ ଆଗାମୀ ସମୟରେ ଏହାର ପ୍ରଭାବ ଜାତୀୟ ରାଜନୀତି ଉପରେ ଭିନ୍ନ ଭିନ୍ନ ଉପାୟରେ ପଡ଼ିବାକୁ ଯାଉଛି ବୋଲି କହିବା ଅସମୀଚୀନ ହେବନାହିଁ। ପ୍ରଥମତଃ, ଭାରତୀୟ ସଂଘୀୟ ଶାସନ ବ୍ୟବସ୍ଥାରେ ଏହି ନିର୍ବାଚନର ଫଳାଫଳ କେତେକାଂଶରେ ଭାରସାମ୍ୟକୁ ଫେରାଇ ଆଣିବାରେ ସମର୍ଥ ହେବା ଆଶା କରାଯାଇପାରେ ଯାହା ବେଶ୍ କିଛିଦିନ ହେବ କେନ୍ଦ୍ର ଏବଂ ରାଜ୍ୟମାନଙ୍କ ମଧ୍ୟରେ ଉତ୍ତେଜନାର କାରଣ ପାଲଟିଛି। ସୂଚନାଯୋଗ୍ୟ ଯେ ନିକଟ ଅତୀତର ବର୍ଷମାନଙ୍କରେ ବିଶେଷକରି ୨୦୧୯ରେ ବିଜେପି କେନ୍ଦ୍ରରେ ଶାସନ କ୍ଷମତାକୁ ଆସିବା ପରେ ଏହା ରାଜ୍ୟମାନଙ୍କର କ୍ଷମତାକୁ ହେୟ ମନେ କରୁଥିବା ଅଭିଯୋଗ ହୋଇ ଆସୁଛି। ସମ୍ପ୍ରତି ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ କେରଳରେ ବିଜେପି-ବିରୋଧୀ ସରକାରମାନେ ଶାସନ କରିବେ ଅର୍ଥ ସଂଘୀୟ ଅଧିକାରଗୁଡ଼ିକ ଅଧିକ ପୁଷ୍ଟ ହେବାର ସମ୍ଭାବନା ରହିବ। ଗୋଟିଏ ପଟେ ବିଜେପିକୁ ସହଯୋଗମୂଳକ ସଂଘୀୟବାଦକୁ ଅତିକ୍ରମଣ କରିବାର ପଦ୍ଧତିକୁ ହୁଏତ ଦ୍ୱିଗୁଣିତ କରିବାକୁ ପଡ଼ିବ, ନଚେତ୍ ଏହାକୁ ରାଜ୍ୟମାନଙ୍କ ସହିତ ଅଧିକ ସହଯୋଗ ରକ୍ଷା କରିବାକୁ ହେବ। ସେହିପରି ଅପରପକ୍ଷରେ ରାଜ୍ୟମାନେ ମଧ୍ୟ ଚାହିଁଲେ ନିଜ ସ୍ୱାର୍ଥରକ୍ଷା ପାଇଁ କେନ୍ଦ୍ର ସହିତ ମୁହାଁମୁହିଁ ଆଭିମୁଖ୍ୟ ଆପଣାଇ ପାରିବେ କିମ୍ବା ଏହା ସହିତ ବଳିଷ୍ଠ ଗଠନମୂଳକ ମନୋଭବ ନେଇ କାର୍ଯ୍ୟ କରିପାରିବେ। ତେବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ପାଇଁ ପରସ୍ପର ସହିତ ସମନ୍ୱୟ ସ୍ଥାପନ କରି କାର୍ଯ୍ୟ କରିବା ମଙ୍ଗଳକାରକ ହେବ। ଦ୍ୱିତୀୟରେ, ସ୍ୱୀକାର କରିବାକୁ ହେବ ଯେ ଏହି ନିର୍ବାଚନରେ ବିଜେପିକୁ ଏକ ବଡ଼ ଧରଣର ଆଘାତ ସହିବାକୁ ପଡ଼ିଛି। ଦଳ ହୁଏତ ପଶ୍ଚିମବଙ୍ଗରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ନେଇ ନିଜକୁ ସାନ୍ତ୍ୱନା ଦେଇପାରେ, କିନ୍ତୁ ଏହା ଯେଉଁ ଶାସନ କ୍ଷମତାକୁ ଅକ୍ତିଆର କରିବାର ଲକ୍ଷ୍ୟ ରଖିଥିଲା, ତାହା ଧୂଳିସାତ୍ ହୋଇଛି। ସେହିପରି ତାମିଲନାଡୁରେ ଏହାର ବିଜୟର ସ୍ୱଳ୍ପ ସମ୍ଭାବନା ରହିଥିଲା କହି ଏହା ହୁଏତ ନିଜକୁ ସାନ୍ତ୍ୱନା ଦେଇପାରେ, କିନ୍ତୁ ଏଠାରେ ଏହା ଏଆଇଡିଏମ୍‌କେ ସହିତ ମେଂଟ କରି ନିଜର ସମସ୍ତ ଶକ୍ତିକୁ ବିନିଯୋଗ କରିଥିଲା ଯାହା କାମ ଦେଲାନାହିଁ। ତେଣୁ ବର୍ତ୍ତମାନ ଏହାକୁ ସ୍ୱୀକାର କରିବାକୁ ହେ ଯେ ଭାରତର ଚାରିଗୋଟିଯାକ ମେଟ୍ରୋ ଅର୍ଥାତ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ଏବଂ କୋଲକାତା ମଧ୍ୟରୁ କୌଣସି ଗୋଟିକରେ ଏହା କ୍ଷମତାରେ ନାହିଁ। ଦଳର ଭବିଷ୍ୟତ ନିର୍ବାଚନୀ ସାମର୍ଥ୍ୟ ଉପରେ ଏହାର ପ୍ରଭାବ ପଡ଼ିବ, ଯଦିଓ ଏକଥା ବାରମ୍ବାର ପରିଲକ୍ଷିତ ହୋଇଛି ଯେ ଜାତୀୟସ୍ତରୀୟ ନିର୍ବାଚନ ଏବଂ ରାଜ୍ୟସ୍ତରୀୟ ନିର୍ବାଚନ ସବୁବେଳେ ଅଲଗା ଅଲଗା ଫଳ ପ୍ରଦର୍ଶନ କରିଥାଏ। ସେହିପରି ବିରୋଧୀ ଦଳଙ୍କ ଭିତରେ କ୍ଷମତାର ସନ୍ତୁଳନ ସମ୍ପ୍ରତି କଂଗ୍ରେସ ଉପରୁ ତୁଟିଯାଇ ଆଂଚଳିକ ଦଳମାନଙ୍କ ଉପରକୁ ଆସିଛି, କାରଣ କଂଗ୍ରେସ କେବଳ ଆସାମରେ ନୁହେଁ, କେରଳରେ ମଧ୍ୟ ଦଳର ନେତା ରାହୁଲ ଗାନ୍ଧୀଙ୍କ ଡେରା ପକାଇବା ସତ୍ତ୍ୱେ ପରାଜୟକୁ ସାମନା କରିଛି, ପଶ୍ଚିମବଙ୍ଗରେ ତ ଧୂଳିସାତ୍ ହୋଇଯାଇଛି ବୋଲି କୁହାଯାଇପାରିବ ଏବଂ ପୁଡୁଚେରୀରେ ମଧ୍ୟ ଏହା ନିଜର ପତିଆରା ହରାଇଛି। ଅପରନ୍ତୁ ଟିଏମସି, ଡିଏମକେ ଭଳି ଆଂଚଳିକ ଦଳମାନେ କ୍ଷମତାକୁ ଅକ୍ତିଆର କରି ସେମାନଙ୍କ ସାମର୍ଥ୍ୟର ପରିଚୟ ପ୍ରଦାନ କରିବା ସହିତ ଶକ୍ତିଶାଳୀ ବିରୋଧୀ ଦଳ ଭାବରେ ଉଭା ହୋଇଛନ୍ତି। ଆଉ ଏହି କାରଣରୁ ସମ୍ଭବତଃ ସୁଶ୍ରୀ ମମତା ବାନାର୍ଜୀଙ୍କ ସବୁ ଆଂଚଳିକ ଦଳମାନେ ମିଶି ଜାତୀୟସ୍ତରରେ ଏକ ମେଂଟ କରି ୨୦୨୪ ସଂସଦୀୟ ନିର୍ବାଚନରେ ବିଜେପିକୁ ଟକ୍କର ଦେବାର ଆହ୍ୱାନ ଗୁରୁତ୍ୱ ବହନ କରେ।

## ପରଲୋକରେ ସର୍ବୋଚ୍ଚ ନ୍ୟାୟାଳୟର ଆଇନ୍‌ଜୀବୀ 'ମନୋଜ'

ସଂଜୀବ କୁମାର ମହାନ୍ତି



ମନୋଜ ଦାସଙ୍କ ଏକାଦଶାହ ଅବସରରେ

ଏପ୍ରିଲ ତା ୨୫ ରିଖ ଏକ ଦୁଃଖଦ ସକାଳ । ସକାଳେ ସକାଳେ ଖବର ପାଇଲି "ମିଲୁ" ଆଉ ଦୁନିଆରେ ନାହିଁ । ଶୁଣୁ ଶୁଣୁ ନିଜକୁ ବିଶ୍ୱାସ କରି ପାରିଲି ନାହିଁ । ସ୍ତମ୍ଭିଭୂତ ହତବାକ୍ ହୋଇ କିଛି ସମୟ ବସିଗଲି ଓ ପରେ ପ୍ରକୃତିସ୍ଥ ହୋଇ ଅନ୍ୟ ବନ୍ଧୁବାନ୍ଧବଙ୍କଠାରୁ ଏ ବିଷୟରେ ବିଶଦ ଖବର ସଂଗ୍ରହ କଲି ।

ମୃତ୍ୟୁ ଶାଶ୍ୱତ ଓ ସତ୍ୟ । ଜନ୍ମ ହେଲେ ମୃତ୍ୟୁ ଚିରନ୍ତନ । ବିଧିର ବିଧାନକୁ କିଏ ଟାଳି ପାରିବ । ସେହି ନ୍ୟାୟରେ ଅକାଳରେ ଝରିଗଲେ ମନୋଜ ।

ମନୋଜ ଦାସ ଜଣେ ବରିଷ୍ଠ ଆଇନଜୀବୀ । ଦେଶର ସର୍ବୋଚ୍ଚ ନ୍ୟାୟଳୟରେ ଆଇନଜ୍ଞ ଭାବରେ ବେଶ ଜଣାଶୁଣା ତଥା ଜଣେ ହୃଦୟବାନ ବ୍ୟକ୍ତି, ସମଭାବାପନ୍ନ ସମାଜର ହିତୈଷୀ ପର ଦୁଃଖରେ ଦୁଃଖୀ ପ୍ରବଳ ନ୍ୟାୟବନ୍ତ ମଣିଷ, ସେ ଥିଲେ ମୋର ଅତିପ୍ରିୟ ସହୋଦର, ଦୁଃଖ ସୁଖର ସାଥି ତତ୍‌ସହିତ ମୋର ମାଉସୀ ପୁଅ ଭାଇ । ସ୍ୱର୍ଗତ ବିନୋଦ ବିହାରୀ ଦାସ ଓ ମାତା ଶ୍ରୀମତୀ ସୌରଭ କୁମାର ଦାସଙ୍କର ପଞ୍ଚମ ସନ୍ତାନ ଭାବେ ପରିଚିତ ମନୋଜ (ମିଲୁ) ସମସ୍ତଙ୍କର ପ୍ରିୟଭାଜନ ଥିଲା। ବାପା ସ୍ୱର୍ଗତ ବିନୋଦ ଦାସ ଥିଲେ ଜଣେ ଅବସରପ୍ରାପ୍ତ ଜିଲ୍ଲାଜଜ୍ ତଥା ଆଇନ ପରାମର୍ଶଦାତା । ୨୦୨୦ ମାର୍ଚ୍ଚ ୭ ତାରିଖ ଆମର ଭଣଜାର ବିବାହରେ ଭୁବନେଶ୍ୱରରେ ସାକ୍ଷାତ ହୋଇଥିଲା ବର୍ଷକ ତଳେ, କେତେ କଥା କେତେ ବ୍ୟଥା, ସମ୍ଭାଷଣରେ କଟିଥିଲା କେତେ ମୁହୂର୍ତ୍ତ, ତାହା ଆଜି ଅଭୁଲା ସ୍ମୃତି । ଶେଷଥର ୨୦୨୦ ନଭେମ୍ବର ମାସ ୫ ତାରିଖ ଦିଲ୍ଲୀର ଏକ ପ୍ରଶିକ୍ଷଣରେ ଯୋଗଦେବା ଅବସରରେ ତାଙ୍କ ଘରେ ହୋଇଥିଲା ଅନ୍ତରଙ୍ଗ ସାକ୍ଷାତ, ତା'ର ଆନ୍ତରିକ ଅଭ୍ୟର୍ଥନାକୁ ପାଷୋରି ହେବ ନାହିଁ, ତାହା ଥିଲା ବିରଳ, ଆଜି ସେ ସବୁକୁ ବାହୁନିବା ଛଡ଼ା ମୋ ପାଖରେ ଆଉ କିଛି ନାହିଁ । କଟକ ଜିଲ୍ଲାଠାରେ ଜନ୍ମିତ ମନୋଜ ଆଇନ ପରାମର୍ଶଦାତା ହିସାବରେ ଦୀର୍ଘ ୩୩ବର୍ଷ ଧରି ସର୍ବୋଚ୍ଚ ନ୍ୟାୟଳୟରେ କାର୍ଯ୍ୟ ନିର୍ବାହୀ କରି ଆସୁଥିଲେ, କରୋନା ଭୂତାଣୁର ପ୍ରଥମ ଲହରକୁ ଦିଲ୍ଲୀରେ ରହଣି କାଳରେ ସେ ଓ ତାଙ୍କ ପରିବାର ସହ ପାରି କରିପାରିଥିଲେ ସୁଦ୍ଧା କରୋନାର ଦ୍ୱିତୀୟ କରାଳ ଗ୍ରାସରେ ସଂକ୍ରମିତ ହୋଇ ଗ୍ରେଟର ନୋଏଡ଼ା ସ୍ଥିତ ଶାରଦା ହସ୍‌ପିଟାଲରେ ଚିକିତ୍ସାଧିନ ଥିବାବେଳେ ଅମ୍ଳଜାନ ଅଭାବରୁ ଅବସ୍ଥା ଗୁରୁତର ହୋଇ ମୃତ୍ୟୁ ସହ ସଂଗ୍ରାମ କରି ରକ୍ଷା ପାଇପାରିଲେ ନାହିଁ ଓ ଶେଷରେ ହାରିଗଲା । କେବଳ ଅମ୍ଳଜାନର ଘୋର ଅଭାବ ତାଙ୍କ ମୃତ୍ୟୁର କାରଣ ହୋଇଗଲା ଯାହା ଆମ ସମସ୍ତଙ୍କ ପାଇଁ ଅବଶୋଷ ଓ ଆମ ଦେଶ ରାଜ୍ୟ ପାଇଁ ବିଡ଼ମ୍ବନା ।

ଦିନ ସରିଯାଏ, କଥା ରହିଯାଏ । ମନୋଜ ଦାସଙ୍କ ଭଳି ଜଣେ ଭଲ ମଣିଷ ମିଳିବା ଦୁର୍ଲଭ । ସେ ସମାଜ ପାଇଁ ବାଟହୁଡ଼ା ଆଇନ ପରାମର୍ଶ ପାଇଁ ଅପେକ୍ଷାରତ ମଣିଷଙ୍କ ପାଇଁ ସେ ଥିଲେ ଦେବଦୂତ । ସେ ବହୁ ଓଡ଼ିଆ ଲୋକଙ୍କ ଆଇନ ପରାମର୍ଶ ଦାତା ଭାବରେ ସର୍ବଦା ସାହାଯ୍ୟର ହାତ ବଢ଼ାଉଥିଲେ ଓ ବହୁ ଲୋକଙ୍କୁ ଆର୍ଥିକ ସାହାଯ୍ୟ କରୁଥିଲେ । ସେଥିରେ ସେ ଆନନ୍ଦ ପାଇବା ସଙ୍ଗେ ସଙ୍ଗେ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରସ୍ଥ ହେବା ପାଇଁ ସେ ସମସ୍ତଙ୍କୁ ସଠିକ ପରାମର୍ଶ ଦେବା ସହ ନ୍ୟାୟ ପ୍ରଦାନ କରିବାରେ ସହାୟକ ହେଉଥିଲେ । ଆଇନ ମରାମର୍ଶ ବ୍ୟତୀତ ଯେଉଁ ସାଙ୍ଗସାଥି ଓ ଜ୍ଞାତି ପରିଜନ ଉନ୍ନତମାନର ଚିକିତ୍ସା ନିମନ୍ତେ ଦିଲ୍ଲୀକୁ ଯାଉଥିଲେ, ସେମାନଙ୍କୁ ସହାସ୍ୟ ବଦନରେ ସହଯୋଗର ହାତ ବଢ଼ାଇ ଆସୁଥିଲେ । ତାଙ୍କର ଆଚରଣ ଓ ଉଚ୍ଚାରଣରେ ପ୍ରଭେଦ ନଥିଲା ।

ତାଙ୍କର ଅକାଳ ବିୟୋଗ ଦିଲ୍ଲୀ ତଥା ଓଡ଼ିଶାର ବହୁ ବ୍ୟକ୍ତିବିଶେଷଙ୍କୁ ବ୍ୟଥିତ କରିଛି । It is said "it is not the years in your life that counts, but the life in your years" ତାଙ୍କର ସକାରତ୍ମକ ଚିନ୍ତାଧାରା ନିଶ୍ଚିତ ଭାବେ ତାଙ୍କର ପରିବାରକୁ ପ୍ରଭାବିତ କରିବ। ପୁତ୍ରକୁ ହରାଇ ମା'ଙ୍କର ମାନସିକ ଅବସ୍ଥା ପାଇଁ ସମବେଦନା ଜଣାଇବା ସଙ୍ଗେ ସଙ୍ଗେ ପତ୍ନୀ ବିନ୍ଦୁ, କନ୍ୟା ସୌମ୍ୟା ତଥା ପୁଅ ଶାନ୍‌କୁ ଶ୍ରୀ ଜଗନ୍ନାଥ ମହାପ୍ରଭୁ ନିଶ୍ଚିତ ମନୋବଳ ଦୃଢ଼ କରିବାରେ ସହାୟକ ହୁଅନ୍ତୁ । ଫଳତଃ ମନୋଜଙ୍କର ଅଧୁରା ସ୍ୱପ୍ନ ସାକାର ହେବ ଓ ପୁଅ ଝିଅ ନିଜର ସୁକର୍ମ ଫଳରେ ବହୁ ଉଚ୍ଚ ସୋପାନରେ ପହଞ୍ଚି ପାରିବେ । ଭାଇ ହିସାବରେ ମୁଁ ତା ପାଇଁ କିଛି କରିପାରୁନାହିଁ । କେବଳ ଏତିକି କହିବି ସେଭଳି ଜଣେ ଭାଇ, ବନ୍ଧୁ, ସୁପରାମର୍ଶଦାତା ସର୍ବୋପରି ଜଣେ ହୃଦୟବାନ ମଣିଷକୁ ହରାଇ ମୁଁ ମର୍ମାହତ । ତା'ର ଆତ୍ମାର ସଦଗତି କାମନା କରୁଅଛି ଓ ପରିବାର ସଦସ୍ୟମାନଙ୍କୁ ସମବେଦନା ଜ୍ଞାପନ କରୁଛି ।

ବାପା ପରିଣତ ବୟସରେ ଇହଲୀଳା ସମ୍ବରଣ କରିଥିବା ବେଳେ, ଯୁବାବସ୍ଥାରେ ମନୋଜର ଦେହାନ୍ତ ଏକ ଅସମୀଚୀନ ସଂଯୋଗ । ନିଜର ଅଧୁରା ସ୍ୱପ୍ନ ପୂରଣ କରିବା ପୂର୍ବରୁ ତାଙ୍କର ଆତ୍ମା ପରମାତ୍ମାରେ ଲୀନ ହୋଇଗଲା । ସ୍ୱର୍ଗରେ ଥାଇ ପିତା ଓ ପୁତ୍ରଙ୍କର ଅଦୃଶ୍ୟ ଆର୍ଶୀବାଦ ପରିବାରର ମଙ୍ଗଳ ପାଇଁ ସହାୟକ ହେଉ ଏତିକି କାମନା ।

+ଅଧିକ୍ଷଣ ଯନ୍ତ୍ରୀ (ରାସ୍ତା ଓ କୋଠାବାଡ଼ି)
ବାଲେଶ୍ୱର

## ମାଗଣା ଟୀକାକରଣ ଘୋଷଣା ନବୀନଙ୍କ ଏକ ବଳିଷ୍ଠ ପଦକ୍ଷେପ



ଭାଗିରଥୀ ସ୍ୱାଇଁ

ବିଶ୍ୱ ମହାମାରି କରୋନାର ଦ୍ୱିତୀୟ ଲହର ସମଗ୍ର ବିଶ୍ୱରେ ହାହାକାର ପରିସ୍ଥିତି ସୃଷ୍ଟି କରିଛି। ଏଥିରୁ ବାଦ୍ ପଡ଼ିନି ଆମର ପ୍ରିୟ ଜନ୍ମଭୂମି ଭାରତ ବର୍ଷ। ବିଶେଷ କରି ଆମ ରାଜ୍ୟ ଓଡ଼ିଶା ପ୍ରଦେଶ। କୋଭିଡ଼ର ଦ୍ୱିତୀୟ ଲହର ଅତୀବ ମାରାତ୍ମକ ଓ ଭୟାବହ। ଏହି ମହାମାରୀର କାଳକରାଳ ଗ୍ରାସରେ ଓଡ଼ିଶାରେ ସଂକ୍ରମଣ ବୃଦ୍ଧି ପାଇବା ସହ ଅକାଳରେ ବ୍ୟାପକ ଜୀବନ ହାନି ଘଟୁଛି। ସାମ୍ପ୍ରତିକ ସମୟରେ ଭାରତ ବର୍ଷର ଅଧିକାଂଶ ରାଜ୍ୟରେ ଅକ୍ସିଜେନ୍ ଅଭାବ ଜନିତ ସମସ୍ୟା କୋଭିଡ଼୍ ଆକ୍ରାନ୍ତଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଛି। ଯାହାକି ଅତୀବ ଚିନ୍ତା ଓ ଉଦ୍‌ବେଗ ଜନକ ସ୍ଥିତି ଉପୁନ୍ନ କରୁଅଛି। ଭାରତ ବର୍ଷର ରାଜଧାନୀ ଦିଲ୍ଲୀ, ଉତ୍ତରପ୍ରଦେଶ, ଛତିଶଗଡ଼, ହରିୟାନା, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ର ସମେତ କେତେକ ରାଜ୍ୟରେ ସ୍ଥିତି ଭାରି ଉଗ୍ରରୂପ ଧାରଣ କରିଛି। ସବୁଠି ଅକ୍ସିଜେନ୍‌ର ଘୋର ସଂକଟ। ଓଡ଼ିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ପଡ଼ୋଶୀ ରାଜ୍ୟମାନଙ୍କ ସଂକଟ ସମୟରେ ଦେବଦୂତ ସାଜିଛନ୍ତି। ଅକ୍ସିଜେନ୍ ଯୋଗାଣ କରି ପଡ଼ୋଶୀ ରାଜ୍ୟମାନଙ୍କ ପାଇଁ ମହନୀୟତାର ମୂର୍ତ୍ତିବନ୍ତ ପ୍ରତୀକ ବନିଯାଇଛନ୍ତି। ଯାହାକି ସମଗ୍ର ଭାରତବର୍ଷରେ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ। ନିଜ ରାଜ୍ୟ ପରେ ପଡ଼ୋଶୀ ରାଜ୍ୟକୁ ନିଜର ପରିବାର ଭାବି ଦେଖାଇଛନ୍ତି ଉଦାରତା, ପରୋପକାରର ଉତ୍ସର୍ଗୀକୃତ ଭାବନା। ନବୀନଙ୍କ ପରାକାଷ୍ଠା ନୀତି ଯୋଗୁଁ ଓଡ଼ିଶା ପ୍ରଦେଶ ସମଗ୍ର ବିଶ୍ୱ ପାଇଁ ଦୁର୍ବିପାକ ମୁକାବିଲା ଓ ପରିଚାଳନା କାର୍ଯ୍ୟଶୈଳୀର ଏକ ପେଣ୍ଠସ୍ଥଳୀ ପାଲଟିଯାଇଛି। ଯାହା ସମଗ୍ର ବିଶ୍ୱରେ ଓଡ଼ିଶା ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କୋଭିଡ଼୍-୧୯ର ପ୍ରଥମ ଲହରକୁ ପ୍ରତିହତ କରିବାର ରଣନୀତି ଓଡ଼ିଶା ପ୍ରଥମ ଲହରକୁ ପ୍ରତିହତ କରିବାର ରଣନୀତି ଓଡ଼ିଶାର ନାମକୁ ଗୌରାବନ୍ୱିତ କରିପାରିଛି। ନିକଟରେ କେନ୍ଦ୍ର ସରକାର ୧୮ ରୁ ୪୪ ବର୍ଷ ବୟସର ଯୁବପିଢ଼ୀଙ୍କୁ କୋଭିଡ଼୍ ଟୀକା ୬୦୦ ଟଙ୍କାରେ ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ଯାହାକି ଓଡ଼ିଶାର ନାଗରିକମାନଙ୍କ ମଧ୍ୟରେ କୋଭିଡ଼୍ ଟୀକାକରଣକୁ ନେଇ ଅନିଶ୍ଚିତା ଭାବନା ସୃଷ୍ଟି ହୋଇଥିଲା। ମାତ୍ର ଓଡ଼ିଶାର ବନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରେ ବସବାସ କରୁଥିବା ୧୮ ବର୍ଷରୁ ୪୪ ବର୍ଷ ବୟସର ପ୍ରାୟ ୨ କୋଟି ଯୁବଗୋଷ୍ଠୀଙ୍କୁ ନିଜର ପରିବାରମାନେ କମ୍ ଏହି ସଂକଟ ସମୟରେ ମାଗଣାରେ ଟୀକା ଦେବାକୁ ଘୋଷଣା କରି ନିଜର ମହନୀୟତା ଭାବନାକୁ ପ୍ରତିପାଦିତ କରିଅଛନ୍ତି। ଏଥିପାଇଁ ରାଜ୍ୟ ରାଜକୋଷରୁ ୨ ହଜାର କୋଟି ଅର୍ଥ ବ୍ୟୟ ବରାଦ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ସଟ୍‌ଡ଼ାଉନ୍ ଓ ଲକ୍ ଡ଼ାଉନ୍ ଭଳି ପରିସ୍ଥିତି ସପକ୍ଷରେ ନପାଇ ନାଗରିକମାନଙ୍କ କୋଭିଡ଼୍ ନିୟମ ପାଳନ କରିବାକୁ ପରାମର୍ଶ ଦେଇ ପରିବାର ସଦସ୍ୟ ମନେ କରିଛନ୍ତି। ଏହି ଟୀକାକରଣ ମେ ପହିଲାରୁ ଆରମ୍ଭ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୦.୩୪ ଲକ୍ଷ କୋଭିକ୍ସିନ୍ ଓ ୩.୭୭ କୋଭିସିଲ୍ଡ ଟୀକା ପ୍ରଦାନ ପାଇଁ କମ୍ପାନୀକୁ ଅର୍ଡ଼ର ମଧ ଦିଆଯାଇଛି। ଯାହାକି ନବୀନଙ୍କ ଏକ ବଳିଷ୍ଠ ପଦକ୍ଷେପ ସଦୃଶ। ନାଗରିକମାନଙ୍କୁ ମାଗଣା ଟୀକାକରଣ ଘୋଷଣା ୧୮ରୁ ୪୪ ବର୍ଷ ବୟସ ଯୁବଗୋଷ୍ଠୀ ମାନଙ୍କ ମଧରେ କୋଭିଡ଼୍ ଭଳି ସଂକଟ ସମୟରେ ଏକ ଉତ୍ସାହ ସୃଷ୍ଟି କରିପାରିଛି ଏଥିରେ ଦ୍ୱିମତ ନାହିଁ।

+ମୋ-୯୪୩୮୦୪୦୮୭୧

## ସତର୍କ ରୁହନ୍ତୁ,ସଚେତନ ହୁଅନ୍ତୁ



ସୁଧାଂଶୁ ଶେଖର ଦ୍ୱିବେଦୀ

ଆଜି ସାରା ବିଶ୍ୱ କରୋନା ମହାମାରୀ ଭଳି ସଂକ୍ରମଣରେ ନିରନ୍ତର ସଙ୍ଘର୍ଷ କରିଚାଲିଛି। ଏହି ମହାମାରୀ ଆମ ଦେଶରେ ବିକୃତ ରୂପ ଧାରଣ କରି ପ୍ରାୟଃ ସମସ୍ତଙ୍କୁ ଆକ୍ରାନ୍ତ କରିବାକୁ ଦ୍ରୁତ ଗତିରେ ଆମାଡ଼କୁ ଡାଇଆସୁଛି। ତା' ସଂକ୍ରମଣରେ ଯେଉଁମାନେ ଆସୁଛନ୍ତି ସେମାନଙ୍କୁ ବଞ୍ଚେଇ ରଖିବା ବଡ଼ ଦୁଃଖଦ ସମସ୍ୟା ହୋଇପଡିଛି। ଯେଉଁମାନେ କରୋନା ଟେଷ୍ଟ କରୁଛନ୍ତି ସେମାନଙ୍କ ରିପୋର୍ଟ ପିଜେଟିଭ ଆସିବାମାତ୍ରେ ମନ ମଧରେ ନେଗେଟିଭ ବିଚାରକୁ ଆପଣେଇ ଅବସାଦ ଗ୍ରସ୍ତ ହୋଇପଡୁଛନ୍ତି। ଅନେକେ କହି ହେଉଛନ୍ତି ସେ ଏତେଦିନ ଧରି କରୋନାରେ ସଂକ୍ରମିତ ହୋଇ ଭଲ ହୋଇ ପାରିଲାନାହିଁ। ଶେଷରେ ଦୁନିଆ ଛାଡି ଚାଲିଗଲା। ମୋର କଣ ହେବ? ମୁଁ ଆଉ କେତେଦିନ ବଞ୍ଚିବି? ମୋ ଘର ପରିବାର କେମିତି ତିଷ୍ଠି ରହିବ?ଏମିତି କେତେ କେତେ ପ୍ରକାର ନେଗେଟିଭ ଭାବନା ତା ମନ ମଧରେ ବସା ବାନ୍ଧିନେଉଛି।

ଦୁନିଆସାରାର ନେଗେଟିଭ ଭାବନା ଓ ନେଗେଟିଭ ଚିନ୍ତାଧାରା ଲୋକମାନଙ୍କୁ ଆଜି ନିରାଶିତ ପରାଜିତ କରିଦେଇଛି। ଯାହାକି କରୋନା କେବଳ ନାମକୁମାତ୍ର ଆଲୋଚନାର ବିଷୟବସ୍ତୁ ହେଇଯାଇଛି। ସୋସିଆଲ ମେଡିଆରେ କରୋନାରେ ଆକ୍ରାନ୍ତ ଓ ମୃତ୍ୟବରଣ ସମ୍ପର୍କରେ ଅନେକ ପୋଷ୍ଟ ଦେଖିବାକୁ ମିଳୁଛି। ତାଛଡା ଖବର କାଗଜ ଓ ଟିଭିରେ ମଧ ଦୈନିକ କରୋନା ମୃତ୍ୟୁର ଖବର ଦେଖିବାକୁ ମିଳୁଛି। କଲୋନୀ, ବସ୍ତି, ମଲ ସବୁଠାରେ ସେଇ ଗୋଟିଏପ୍ରକାର ଚର୍ଚ୍ଚା କରୋନା ସଂକ୍ରମଣରେ ଆଜି କେତେ ପଜେଟିଭ ବାହାରିଲେ? କେତେ ମଲେ? ଫୋନରେ ମଧ ସେଇ ଏକାପ୍ରକାର ଚର୍ଚ୍ଚା।ହେଲେ କହି ପଚାରୁନାହାନ୍ତି କେତେଜଣ ଭଲହେଲେ। ପ୍ରକୃତ ତାତ୍ପର୍ଯ୍ୟ ଏହିକି ଯେ ସବୁଠାରେ କେବଳ ନକାରାତ୍ମକତାର ଡିଣ୍ଡିମ ବାଜୁଛି। ଯଦି କାହାକୁ ମାମୁଲି ଜର କି ସର୍ଦ୍ଦି ହୋଇଗଲା ତାହେଲେ ପାଖ ପଡ଼ୋଶୀଙ୍କ ଦୃଷ୍ଟିରେ ସେ ଭୟଭୀତ ହୋଇ ଯାଉଛି। ତାଙ୍କୁ କରୋନା ସଂକ୍ରମିତହୋଇନଥିଲେ ବି ଲୋକମାନେ ତାଙ୍କ ମନ ମଧରେ ଭୟ ଉଦ୍ରେକ କରାଇ କରୋନା ସଂକ୍ରମିତ ହୋଇଛି ବୋଲି ବିଶ୍ୱାସ ଜନ୍ମାଇ ଦେଉଛନ୍ତି। ଯାହାଫଳରେ ଭୟଭୀତ ବ୍ୟକ୍ତିଙ୍କର ହୃଦ ସ୍ପନ୍ଦନ ବଢିଯାଉଛି ରକ୍ତଚାପ ବଢିଯାଉଛି ତାପରେ ବି ଡାକ୍ତରଙ୍କ ପାଖକୁ ଯିବାପାଇଁ ସେ ଆହୁରି ଅଧିକ ଭୟଭୀତ ହୋଇପଡୁଛି। ଯଦି କୌଣସି ଲୋକର ସାମାନ୍ୟ ସଂକ୍ରମିତର ଲକ୍ଷଣ ବାହାରେ ତେବେ ସେ ଏତେ ଭୟପାଇ ଯାଉଛି ଯେ ଶେଷରେ ସ୍ୱୟଂ ହସ୍ପିଟାଲାଇଜ ହେବାକୁ ବାଧ ହେଉଛି। ଏବେ ହସ୍ପିଟାଲରେ ଅକ୍ସିଜେନ ସିଲିଣ୍ଡର ଓ ଇଂଜେକସନର ଘୋର ଅଭାବ। ସେସବୁ ସରଞ୍ଜାମ କରିବାଲାଗି ଗଭୀର ଭାବନା ମଧକୁ ଠେଲି ହୋଇ ଯାଉଛି। ଏହିସବୁ କାରଣ ପାଇଁ ରୋଗୀ ଏତେ ପରିମାଣରେ ଭୟଭୀତ ହୋଇପଡୁଛି ଯେ ସେ ନିଜେ ଅନୁଭବ କରୁଛି ଆଉ ବଞ୍ଚିବନାହିଁ।

କିନ୍ତୁ ମନୁଷ୍ୟ ଭୁଲିଯାଉଛି ସମସ୍ତଙ୍କର ଶାରୀରିକ ରୋଗ ପ୍ରତି ରୋଧକ କ୍ଷମତା ଅଲଗା ଅଲଗା ହୋଇଥାଏ। ଏସବୁ ଜାଣି ମଧ ଅନ୍ୟକୁ ହୋଇଥିବା ସଂକ୍ରମଣ ବିଷୟରେ ଅନେକ କିଛି ଭାବିହାଉଛି। ଯାହାଦ୍ୱାରା ନିଜ ଜୀବନକୁ ସଙ୍କଟ ଭିତରକୁ ଟାଣି ନେଉଛି। ଯେତେବେଳେ ମଣିଷ ଖୁବ ଚିନ୍ତାକରେ ସେତେବେଳେ ତାର ମସ୍ତିଷ୍କ ଓ ହୃଦୟ ମଧ ଚିନ୍ତାରେ ପଡିଯାଆନ୍ତି। ପୁଣି ସେହି ଚିନ୍ତା ଭୀଷଣ ରୂପ ଧାରଣ କରି ଅମୂଲ୍ୟ ଜୀବନକୁ ନଷ୍ଟ କରିଦିଏ।

ବରିଷ୍ଠ ମନୋବୈଜ୍ଞାନିକମାନେ କହିଛନ୍ତି,'ନକାରାତ୍ମକତା ଆମ ରୋଗ ପ୍ରତିରିଧକ କ୍ଷମତାକୁ କମଜୋର କରିଦିଏ। ପାଞ୍ଚ ଆଙ୍ଗୁଳି କେବେବି ସମାନ ନଥାଏ। ଏହା ବି ଭାବିବା ଅନୁଚିତ କେହି କରୋନାରେ ସଂକ୍ରମିତ ହୋଇ ମୃତ୍ୟୁବରଣ କଲା ବୋଲି ଆମେ ଯେ ଭଲ ହେବାନାହିଁ ତାହା ବିଲକୁଲ ଭୁଲ ଧାରଣା।

ଏହା ପୂର୍ବରୁ ଆମ ଦେଶରେ ଆହୁରି ଭୟଙ୍କର ସଂକ୍ରମଣ ରୋଗ ବ୍ୟାପିଛି। ସେତେବେଳେ ଆଧୁନିକ ଯନ୍ତ୍ରପାତି ନଥିଲା କି ସେଭଳି ଉଚ୍ଚମାନର ଔଷଧ ମିଳୁନଥିଲା। ଅନେକ ଲୋକ ପ୍ରାଣ ହରାଇଛନ୍ତି। ତଥାପି ସେମାନଙ୍କ ମଧରୁ ଅନେକେ ସଂକ୍ରମଣ ସହ ସଙ୍ଘର୍ଷ କରି ବଞ୍ଚିଥିଲେ। ଏହାବି ନିଶ୍ଚିତ ଆମ ଦେଶ ମଧ ଦିନେ ଏ ସଂକ୍ରମଣରୁ ମୁକ୍ତି ପାଇବ। ସମସ୍ତେ ସୁଖ ଶାନ୍ତିରେ ଜୀବନ ବିତାଇବେ। ସେଥିପାଇଁ ଆବଶ୍ୟକ ଧୈର୍ଯ୍ୟ ଓ ସଚେତନତା। ନିୟମିତ ମାସ୍କ ବ୍ୟବହାର କରନ୍ତୁ। ସାବୁନରେ ହାତ ଧୁଆନ୍ତୁ ଓ ସେନିଟାଇଜର ବ୍ୟବହାର କରନ୍ତୁ। ଅତି ଆବଶ୍ୟକ ସ୍ଥଳେ ବାହାରକୁ ବାହାରନ୍ତୁ। ନିଜେ ବଞ୍ଚି ରହିବା ସହିତ ଅନ୍ୟକୁ ବଞ୍ଚିବାରେ ସହାୟକ ହୁଅନ୍ତୁ।

+ବିସି-୭୪,ସଲଟ ଲେକ,
କଲକତା-୬୪
ମୋ-୬୨୯୧୩୪୨୨୫୯

## କବିତା କୋଣାର୍କ

### ଜୀବନ ଚକ୍ର...

ତପନ କୁମାର ସାହୁ



ପଞ୍ଚ ତତ୍ତ୍ୱରେ ଗଢା ଏ ଶରୀର
ଇଶ୍ୱରଙ୍କ ବରଦାନ,
ଜନମ ଲଭଇ ଶିଶୁଟିଏ ହୋଇ
ସାଥେ ଧରି ନିଜ ଜ୍ଞାନ ।

ଜୀବନ କାଳରେ ଗତିକରେ ସେ
ତିନୋଟି ଅବସ୍ଥାରେ
ଶିଶୁରୁ ଯୌବନ ତାପରେ ବାର୍ଦ୍ଧକ୍ୟ
ଆସିଥାଏ ଜୀବନରେ ।

ଖାଲି ହାତେ ଆସି ଖାଲି ହାତେ ଯିବା
କାହିଁ ଏତେ ମୋହ ମାୟା
ମନୁଷ୍ୟ ଜୀବନ ଇଶ୍ୱରଙ୍କ ଦେନ
ଚାଡ଼ି ଯିବା ନିଜ କାୟା।

ମାଟିର ଶରୀର ମାଟିରେ ମିଶିବ
କାହିଁ ଗର୍ବ ଅହଙ୍କାର,
ଭଲ କଥା କୁହ ଭଲ କାର୍ଯ୍ୟ କର
ମନେ ଥିବ ସଭିଙ୍କର ।

ପବନ ଚାଲୁଛି ନିଶ୍ୱାସ ସାଜିକି
ଦିନେ ସେ ଥମି ଯିବ,
ଭାବ ରଖିଥାଅ ପ୍ରଭୁ ଚରଣରେ
ମୁକ୍ତି ମାର୍ଗ ଦେଖାଯିବ ।

+ବେଲଗାଁ,କଳାହାଣ୍ଡି
ମୋ:୯୦୧୯୩୧୧୮୬୮

## କବିତା କୋଣାର୍କ

### ଦୁଃଖ ଦିନ ଯିବ ସରି...

ସୁଦର୍ଶନ ମହାପାତ୍ର



ଘନ ତମିସାର ନୀରବତା ଛାଏ
ଜୀବନ ଶୂନ୍ୟତା ଭରା
ମନ ଦେଖୁଥିବା ସ୍ୱପ୍ନ ସବୁ ଆଜି
ଲାଗଇ ଅଧା ଅଧୁରା ।

ଚଳ ଚଞ୍ଚଳ ସେ ମନର ତରଙ୍ଗ
ଅଧିର ଉଚ୍ଛନ୍ନ କେତେ
କେଉଁ ଦିଗେ ଯିବ ଏ ସଂସାର ଧାରା
ଅଜଣା ଲାଗଇ ସତେ ।

ଉଦାସ ମନଟା ଭାରାକ୍ରାନ୍ତ ଲାଗେ
ଭାବନାରେ ହୁଏ ଛନ୍ଦି
ଖୋଲା ଆକାଶର ପକ୍ଷୀଟା ସତେକି
ପିଞ୍ଜରା ଭିତରେ ବନ୍ଦୀ ।

ସାଙ୍ଗ ସାଥି ଅବା ଅତି ଆପଣାର
ଶୁଭେନା କାହାର କଥା
ତରସେ ପରାଣ ଆଖିରେ ଭରିଛି
ଅକୁହା ଅନ୍ତର ବ୍ୟଥା ।

ଜୀବନ ମରଣ ଦୋଛକି ମଧ୍ୟରେ
ସମୟ ବିତୁଛି ଏଠି
ମୁକ୍ତ ଜୀବନରେ ବନ୍ଦୀ ଭାବଧାରା
ସମ୍ୟକ ଯାଉଛି ଫୁଟି ।

ମନୁଷ୍ୟ କି ଯିବ ହାରି ଏଇ ଯୁଦ୍ଧେ
ମନେ ଆସେ ପୁଣି ଶଂକା
ସବୁଜ ସୁନ୍ଦର ମନ ରାଇଜର
ରଙ୍ଗ ପଡିଆସେ ଫିକା ।

ହେଲେ ଏ ମାନବ ଲଢିବା ଶିଖିଛି
ଯିବ ନାହିଁ କେବେ ଡରି
ବିଜୟ ଆସିବ ଜୀବନ ହସିବ
ଦୁଃଖ ଦିନ ଯିବ ସରି ।

+କୁଞ୍ଜବିହାରୀ ଲେନ, କଟକ

### ଜୀବନ ଗପଟିଏ...

ନିରଂଜନ ସାହୁ

ଜୀବନ ଏମିତି ଗପଟିଏ ଅଟେ
କାହାଣୀ ନିଜେ ବି କାନ୍ଦେ
ଆପଣା ଦୁଃଖର ଗଣ୍ଠୁଲି ସଜାଡ଼ି
ନିଜ କପାଳକୁ ନିନ୍ଦେ।

କିଏ ବୁଝେ ଲୁହର ବେଦନା
ଭାଗ୍ୟ ଉପହାସ କରେ
ଯାହାଠି ବିଶ୍ୱାସ ସେହି ଭଗବାନ
ଶୁଣେନାହିଁ କେବେ ଥରେ
ଭଲ କାମ ଭଲ ଗୁଣ ଜୀବନ ବି
କଳଙ୍କର ଟୀକା ପିନ୍ଧେ।

ବଂଚିବା ମରିବା ଭିତରେ ଜୀବନ
ଚାଲୁଥାଏ ଅବିରତ
ତଥାପି ଟିକିଏ ସ୍ୱପ୍ନ ଦେଖୁଥାଏ
କାଲେ ହୋଇଯିବ ସତ
ଶେଷରେ ଜୀବନ ଯବନିକା ପଡ଼େ
ସମୟ ପଦାରବିନ୍ଦେ।

+ନିହଲପ୍ରସାଦ, ଗନ୍ଦିଆପାଟଣା
ଢ଼େଙ୍କାନାଳ-୭୫୯୦୧୬
ମୋ: ୯୯୩୮୭୪୧୫୮୩

### ହୁଅନ୍ତା ବଢିଆ ବାଗ...

ଧୀରେନ୍ଦ୍ର ମଲ୍ଲିକ

ହୁଅନ୍ତା ବଢିଆ ବାଗ
ଗାଁ ଲୋକ ଯଦି ଏକାଠି ରୁହନ୍ତେ
ଭୁଲିଯାଇ ସବୁ ରାଗ।

ହୁଅନ୍ତା ବଢିଆ ବାଗ
ମାଛ ମାଂସ ଛାଡି ସଭିଏଁ ଯଦିଓ
ଖାଆନ୍ତେ ପରିବା ଶାଗ।

ହୁଅନ୍ତା ବଢିଆ ବାଗ
ନିରୋଗ ରହିବା ସକାଶେ ସମସ୍ତେ
କରନ୍ତେକି ଯଦି ଯୋଗ।

ହୁଅନ୍ତା ବଢିଆ ବାଗ
ନିଇତି ଖାଇବା ପାଇଁ ଯଦି ପାଖେ
ମିଳନ୍ତା ଅବଢ଼ା ଭୋଗ।

ହୁଅନ୍ତା ବଢିଆ ବାଗ
କରୋନା ଭୁତାଣୁ ଯଦି ଆମ ଦେଶୁ
ପଳେଇ ଯାଆନ୍ତା ଆଗ।

ହୁଅନ୍ତା ବଢିଆ ବାଗ
ଅତ୍ୟାଚାର ସହୁଥିବା ଲୋକ ଯଦି
ପାଲଟି ଯାଆନ୍ତା ନାଗ।

ହୁଅନ୍ତା ବଢିଆ ବାଗ
ଅନ୍ୟାୟ ବିରୁଦ୍ଧେ ଏକା ସ୍ୱରେ ଯଦି
କୁହନ୍ତେ ସଭିଏଁ ଜାଗ।

ହୁଅନ୍ତା ବଢ଼ିଆ ବାଗ
ଦେଶପାଇଁ ଯଦି ଯାଏ ମୋ ଜୀବନ
ସେଇ ହେବ ମହାଭାଗ୍ୟ।

ନିଳକଣ୍ଠପୁର,ମଙ୍ଗଳପୁର, ଯାଜପୁର
ଫୋନ-୭୯୦୪୩୯୨୬୮୬

# ଏକ ଦୁଃଖଦ ମୁହୂର୍ତ୍ତରୁ

ପଙ୍କଜ କୁମାର ପାଣିଗ୍ରାହୀ

ମୁଁ ନୁହେଁ, ଆମ୍ଭେ ! ଏହି ବିଚାର କେବେ ? ଏକବିଂଶ ଶତାବ୍ଦୀର ମଣିଷ ପ୍ରଗତିର ଚରମ ଶୀର୍ଷରେ ପହଂଚିବା ପରେ ବର୍ତ୍ତମାନ କେବଳ କିଏ ବଡ଼ ହୋଇପାରିବ, ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ସେହି ପ୍ରତିଦ୍ୱନ୍ଦିତା ମଧ୍ୟରେ ସମସ୍ତେ ନିଜକୁ ଅସ୍ଥିରତା ପ୍ରବଣ କରି ଅହରହ ଅଶାନ୍ତିର ବାତାବରଣ ମଧ୍ୟରେ ବଞ୍ଚୁଥିବା ଦେଖିବାକୁ ମିଳୁଛି । ବିଭିନ୍ନ ଦିଗରେ ବୈଜ୍ଞାନିକ ପ୍ରଗତି ହେତୁ ମଣିଷ ଏକ ରକମ ଅତିମାନବ ରୂପରେ ସଜାଇ ପ୍ରତ୍ୟେକ ମୁହୁର୍ତରେ ନିଜକୁ ପ୍ରକାଶ କରୁଥିବା, ଗୋଟିଏ ସାମାଜିକ ପ୍ରଥାରେ ପରିଣତ ହୋଇଗଲାଣି । କହିବାକୁ ଗଲେ ବିଭିନ୍ନ ଦିଗରେ ଭିନ୍ନ ଭିନ୍ନ ମଣିଷ ନିଜର ପ୍ରତିଭା ପ୍ରଦର୍ଶନ କରିବା ଦୌଡରେ ଏତେ ନିମଜ୍ଜିତ ଯେ କାହାର କାହାପ୍ରତି ଆନ୍ତରିକ ଭାବ ରହୁନାହିଁ । ମୁଁ ମଧ୍ୟରେ ସୀମିତ ସମସ୍ତଙ୍କ ଭାବଧାରା ଏକ ପ୍ରକାର କଳୁଷିତ ବାତାବରଣ ସୃଷ୍ଟି କରିବାରେ କେବଳ ସାଧାରଣ ମଣିଷଙ୍କ ନିର୍ବୋଧତାହିଁ ଦାୟୀ । ଏହି ପରିପ୍ରେକ୍ଷୀରେ ସମସ୍ତେ କେବଳ ଅନ୍ୟକୁ ଠକି ନିଜର ମିଥ୍ୟା ପ୍ରତିଭା ପ୍ରଦର୍ଶନ କରିବା ତଥା ମିଥ୍ୟା ପରିଚୟ ସୃଷ୍ଟି କରିବାରେ ବ୍ୟସ୍ତ ରହୁଥିବା ଗୋଟିଏ ସାଧାରଣ ବିଷୟ ଆଜି ସମୟର । ଯାହା ପାଖରେ ଧନ ନାହିଁ ସେ ଧନ ଉପାର୍ଜନ କରି ବଡ ହେବା ଲକ୍ଷ ରଖିଥିବା ବେଳେ ଯାହା ପାଖରେ ପ୍ରଚୁର ଧନ ଅଛି ସେ ସମସ୍ତଙ୍କଠାରୁ ଶୀର୍ଷରେ ରହିବା ଲକ୍ଷ ରଖିଥା'ନ୍ତି । ଅନୁରୂପ ପଦମର୍ଯ୍ୟାଦା, ସାମାଜିକ ସମ୍ମାନ, କ୍ଷମତା ଇତ୍ୟାଦି କ୍ଷେତ୍ରରେ ମାରାଥନ ଦୌଡ଼ର ପ୍ରତିଯୋଗୀ ଭାବେ ଦେଖିବାକୁ ମିଳୁଛନ୍ତି ପ୍ରାୟତଃ ସମସ୍ତ ମଣିଷ ନିଜ ନିଜର କ୍ଷମତା ପରିସର ମଧ୍ୟରେ ।

ଜନ୍ମଦାତ୍ରୀ ପ୍ରକୃତି କିନ୍ତୁ ମଣିଷର ଏହି ଅପ୍ରାକୃତିକ ପାଗଳାମୀରେ ତିଳେ ହେଲେ ବିଚଳିତ ନୁହେଁ ! ବରଂ ପ୍ରାକୃତିକ ରହସ୍ୟ ଜନିତ ଯେତେଦିନ ମଣିଷ ପୃଥିବୀ ପୃଷ୍ଠରେ ଜୀବନ ଧାରଣ କରିବା ନିୟାମକ ରହିଥିଲା ସେସବୁ ମଣିଷ ନିଜ ହାତରେ ଉଜାଡ଼ିଦେଇ ସମୟ ପୂର୍ବରୁ ଜୀବଜଗତ ବିଲୀନ କରିଦେବା ପାଇଁ ରଖିଥିବା ମନ୍ଦ ଉଦେଶ୍ୟକୁ ତାସଲ୍ୟ କରିବା ଛଡା ଆଉ କିଛି ଦିଶୁନାହିଁ । ଆଜି ସମୟରେ କୌଣସି ମଣିଷ ନିଜର ଜୀବନ ରହସ୍ୟ ଜାଣିବା ଦୂରର କଥା, କେବଳ ନିଜ ବିଷୟରେ ସମ୍ପୂର୍ଣ୍ଣ ଭାବେ ଜାଣିବା କ୍ଷମତା ରଖିନଥିବା ଅତ୍ୟନ୍ତ ଦୁଖଦଃ ବିଷୟ । ହେଲେ ଏମିତି ହେବା ପଛରେ ରହିଥିବା ରହସ୍ୟ କ'ଣ, ନା କେହି ବୁଝିଛନ୍ତି, ନା ବୁଝିବା କ୍ଷମତା ରଖିଛନ୍ତି !! ବାସ୍ତବିକ ସାମାଜିକ ସଂସ୍କାର ବଦଳରେ ଭ୍ରଷ୍ଟାଚ୍ଚର, ଦୁର୍ନୀତି, ଈର୍ଷାଭାବ ଏବଂ ବ୍ୟକ୍ତିଗତ ସ୍ୱାର୍ଥନ୍ୱେଷୀ ଚିନ୍ତାଧାରା କାରଣରୁ ଏମିତି ଅମାନବୀୟ ଚରିତ୍ର ଗୁଡିଏ ମଣିଷ ମନରେ ଜାଗ୍ରତ ହେଉଥିବା ନିରାଟ ସତ୍ୟ । ହେଲେ ଏହିଭଳି ଅମାନବୀୟ ଚିନ୍ତନ ମଣିଷ ମନରେ ଜାଗ୍ରତ କରାଇ ସେମାନଙ୍କୁ କ୍ଷୀଣ କରିଦେବା ପଛରେ ରହିଥିବା ରହସ୍ୟ କ'ଣ, ତର୍ଜମା କଲେ ଜାଣିହେବଯେ.............

କେତେକ ଅମାନବୀୟ ଅସାମାଜିକ ଚିନ୍ତାଶୀଳ ବ୍ୟକ୍ତି ସମାଜରେ କୁସଂସ୍କାର ବିତରଣ କରି ସମାଜକୁ ତଳିତଳାନ୍ତ କରିବାରେ ଯଥେଷ୍ଟ ସହାୟକ ହୋଇଥା'ନ୍ତି । ସେମାନେ ବିଭିନ୍ନ କୁସଂସ୍କାର ତଥା ଭ୍ରଷ୍ଟାଚ୍ଚର ଜନିତ ପ୍ରଦୂଷଣ ମଣିଷ ସମାଜରେ ସୃଷ୍ଟି କରି ନିଜର ସ୍ୱାର୍ଥ ହାସଲ କରିବାରେ ଲାଗି ପଡନ୍ତି । ସେମାନଙ୍କ ସେହି ଛଳନାତ୍ମକ ପ୍ରେରଣାରେ ନିମଗ୍ନ ସମସ୍ତ ଶିକ୍ଷିତ, ଅଶିକ୍ଷିତ ବଶବର୍ତ୍ତୀ ହୋଇ ନିଜକୁ ନିର୍ବୋଧତାର ଅନ୍ଧାର ମଧ୍ୟରେ ରଖି ସେମାନଙ୍କ ଦ୍ୱାରା ପ୍ରେରିତ ମିଥ୍ୟା କୁହେଳିକାରେ ନିଜକୁ ହଜାଇ ଦେଇଥା'ନ୍ତି । ତେଣୁ ସାମାଜିକ କୁସଂସ୍କାର, ଭ୍ରଷ୍ଟାଚ୍ଚର ଦିନକୁ ଦିନ ବ୍ୟାପକ ହେବାରେ ଲାଗିଛି । ସମସ୍ତଙ୍କ ପ୍ରାୟତଃ ଭାବନା ରହିଛି ଯେ ସମାଜରେ କାର୍ଯ୍ୟରତ ରାଜନେତା ଏବଂ ସରକାରୀ କର୍ମଚ୍ଚରୀଙ୍କ ଯୋଗୁଁ ସାମାଜିକ ଭ୍ରଷ୍ଟାଚ୍ଚର ଦିନକୁ ଦିନ ବଢ଼ିବାରେ ଲାଗିଛି ! କିନ୍ତୁ ଏହି ଆକଳନ କିଛି ମାତ୍ରାରେ ସତ୍ୟତା ପ୍ରତିପାଦନ କରୁଥିଲେହେଁ ତାହାର ମୂଳ, ଚେର କେତେଦୂର ଲମ୍ବିଛି ଏବଂ ତାହା କେଉଁଠାରୁ ସୃଷ୍ଟି ହୁଏ ସେସବୁ ଜାଣିବା କ୍ଷମତା ବହିର୍ଭୁତ ବିଷୟ ସାଧାରଣ ଲୋକଙ୍କ ପାଇଁ । ଅର୍ଥାତ ଏହି ଦୁଇ ଗୋଷ୍ଠୀ ବ୍ୟତୀତ କେଉଁ ଲୁକାୟିତ ଶକ୍ତି ଅଦୃଶ୍ୟ ଭାବେ କାର୍ଯ୍ୟ କରୁଛି ସାମାଜିକ, କୁସଂସ୍କାର ଓ ଭ୍ରଷ୍ଟାଚ୍ଚର ବୃଦ୍ଧି କରିବାରେ, ନିରୀକ୍ଷଣ କରି ବିଶ୍ଳେସଣ କଲେହିଁ ଜାଣିହେବ ଯାହା କେହି କରନ୍ତି ନାହିଁ । ଅତଏବ ସାଧାରଣ ଲୋକଙ୍କ ଆଖି ଖୋଲି ସତ୍ୟକୁ ପଦାକୁ ଆଣିବାକୁ ଚେଷ୍ଟା ଆମର ଏହାଯେ............

ବିଭିନ୍ନ ଧାର୍ମିକ ଅନୁଷ୍ଠାନରେ ଜଡିତ ବ୍ୟକ୍ତିବିଶେଷ ପରୋକ୍ଷରେ ସମାଜରେ କୁସଂସ୍କାର ବିତରଣ କରୁଥିବାବେଳେ ବ୍ୟବସାୟୀ ମାନେହିଁ ସାମାଜିକ ଭ୍ରଷ୍ଟାଚ୍ଚରର କେନ୍ଦ୍ରବିନ୍ଦୁ ଭଳି କାର୍ଯ୍ୟ କରିଥା'ନ୍ତି ! ମୁଁ ଜଡିତ ଥିବା ଧର୍ମାନୁଷ୍ଠାନ କିମ୍ବା ବ୍ୟବସାୟୀକ ସଂସ୍ଥା ସେମିତି ନୁହନ୍ତି, ଆଉ କିଏ ହୋଇଥାଇପାରେ ବୋଲି ଭାବିବା ନିରର୍ଥକ ! ସେମାନେ ସମସ୍ତେ ଗୋଟିଏ ବାଟର ବାଟୋଇ । କେତେ ଉପର ଚିକ୍କଣ ଥିଲେ ମଧ ଭିତର ଅଙ୍ଗାର ସୁନିଶ୍ଚିତ, ଯାହା ସାଧାରଣ ଚକ୍ଷୁକୁ ଅଦୃଶ୍ୟ ହୋଇଥାଏ । ସେମାନଙ୍କ ରହସ୍ୟ ବୁଝିବା ଜଟୀଳରୁ ଜଟିଳତର ହୋଇଥାଏ । ଏହି କଥାଟି ସାମାନ୍ୟ ଅପ୍ରୀତିକର ଅନୁଭବ ହେବା ସହିତ ଅବିଶ୍ୱସନୀୟ ହେଉଥିଲେ ମଧ ସମ୍ପୂର୍ଣ୍ଣ ଭାବେ ସତ୍ୟ ଯାହା ଗଭୀର ଭାବେ ନିରୀକ୍ଷଣ କରି ଗବେଷଣା କଲେହିଁ ଜାଣିହେବ । ସାଧାରଣ ଲୋକଙ୍କ କ୍ଷମତା ବହିର୍ଭୁତ ବିଷୟ ଏହା ଯେ ସେମାନେ କେବେ ବୁଝିପାରିବେ ନାହିଁ ସେସବୁ ହୁଏ କେମିତି । କିନ୍ତୁ ତାହାହିଁ ବାସ୍ତବ ସତ୍ୟ !! ଆଭ୍ୟନ୍ତରୀଣ ବ୍ୟାପାରୀ ଠାରୁ ଆରମ୍ଭ କରି ଆନ୍ତର୍ଦେଶୀୟ ବ୍ୟପାରୀଙ୍କ ଆଶାତୀତ ଲମ୍ବା ଷଡଯାନ୍ତ୍ରିକ ପ୍ରକ୍ରିୟାରେ ସାଧାରଣ ଲୋକଙ୍କ ଜ୍ଞାନ, ଭାବ ବହିର୍ଭୂତ ବିଷୟକୁ ନେଇ ରଚିତ, ଗଠିତ ଏହି ସାମାଜିକ ଭ୍ରଷ୍ଟାଚ୍ଚରକୁ ଏତେ ସହଜରେ ବୁଝିହେବନହିଁ ! ସେମାନଙ୍କ କପଟ ପସାର କଳା କାର୍ନାମା ଠାରୁ ନିଜକୁ ଦୁରେଇ ରଖିବା ଅତ୍ୟନ୍ତ କଷ୍ଟକର ବିଷୟ ହୋଇପଡିଛି ଆଜି ସମୟରେ । ତଥାପି ଆମକୁ କରିବାକୁ ହେବ । କିନ୍ତୁ ଏହା ପଛରେ ରହିଥିବା ଷଡଯନ୍ତ୍ରକୁ ସାଧାରଣ ମଣିଷ ବୁଝିବା ଦୂରର କଥା, ଯେଉଁ ରାଜନେତା ତଥା ଶିକ୍ଷିତ ସରକାରୀ କର୍ମଚ୍ଚରୀ ମାନେ ସେମାନଙ୍କ ସହିତ ହାତ ମିଶାଇ ବଳି ପଡ଼ିଥା'ନ୍ତି ସେମାନେ ମଧ ସେମାନଙ୍କ କଳା କାରୁକାର୍ଯ୍ୟକୁ ବୁଝି ପାରୁନାହାନ୍ତି ! ତେଣୁ ଏହି ମାନଙ୍କ କାନ୍ଧରେ ବନ୍ଧୁକ ରଖି ସାଧାରଣ ଲୋକଙ୍କୁ ଶିକାର କରିଚ୍ଚଲିଥିବା ସେହି ଧର୍ମାନୁଷ୍ଠାନିକ ଏବଂ ବ୍ୟବସାୟୀକ ଶିକାରୀ ଗୋଷ୍ଠୀଙ୍କୁ ଚିହ୍ନିବା ଏତେ ସହଜ ନୁହେଁ ଯାହା ସାଧାରଣ ଲୋକେ କରିପାରନ୍ତି ନାହିଁ !

ଅତଏବ ସାଧାରଣ ଲୋକଙ୍କୁ ସତ୍ୟର ଉନ୍ମୋଚନ କରି ବାସ୍ତବକୁ ଆପଣେଇବାକୁ ହେଲେ ଉପସ୍ଥିତ କୁହେଳିକାର କୁହୁଡ଼ିରୁ ବାହାରକୁ ଆସି ବିଚ୍ଚରଶୀଳ ଭାବେ ତର୍ଜମା କରିବାକୁ ହେବ ସତ୍ୟ, ଅସତ୍ୟକୁ ! କେବଳ ଲେଖା ଏବଂ ବିକା ମଧ୍ୟରେ ସନ୍ନିବେଶିତ ସଭ୍ୟ ମଣିଷ ସମାଜ ଯେଉଁଠି ଏହି ଦୁଇଟି ବିଷୟ ପ୍ରତି କାହାର ନଜର ନାହିଁ କିମ୍ବା କୌଣସି ସାମାଜିକ ପ୍ରତିବନ୍ଧକ ନାହିଁ ! ଯିଏ ଯାହା ଲେଖିଲା, ଯିଏ ଯାହା ବିକିଲା, ସବୁଥିରେ ବିଶ୍ୱାସ ଆମର, ଆମକୁ ସଂସ୍କାର ପରିବର୍ତ୍ତେ ତଳିତଳାନ୍ତ କରୁଥିବା ସାଙ୍ଘାତିକ ସାମାଜିକ ଅଭାବନିୟତାକୁ ସାଧାରଣ ମଣିଷ କାହିଁକି ଆଛା ଆଛା ଶୀର୍ଷକ ଶିକ୍ଷିତ ମଧ ବୁଝିବା କଷ୍ଟକର ବ୍ୟାପାର ! ତେଣୁ ସଭ୍ୟ ସମାଜ ଯେ ବ୍ୟାପକ ଅସଭ୍ୟତାର ପରିଚୟ ଦେବାରେ କୁଣ୍ଠାବୋଧ କରୁନାହିଁ ତାହା ବୁଝିବା କାଠିକର ପାଠ । ଏହି ଗଭୀରତମ ବିଷୟକୁ ଏହିଭଳି ସଂକ୍ଷିପ୍ତ ପର୍ଯ୍ୟାୟରେ ବିଶ୍ଳେସଣ କରି ସମ୍ପୂର୍ଣ୍ଣ କରିବା ସମ୍ଭବ ନୁହେଁ ! ଏହାର ବାସ୍ତବତା ଉପରେ କର୍ମଶାଳା କରାଯାଇ ସଚେତନତା ସୃଷ୍ଟି କରାଯାଇପାରେ । କିନ୍ତୁ କାହାରି ଆଗ୍ରହ ସୃଷ୍ଟି ହେବା ଅନ୍ଦାଜ ହେଉନାହିଁ, କାରଣ ସମସ୍ତେ ବୁଝିଛନ୍ତି ଆଜିସମୟର ପରିସ୍ଥିତି । ତଥାପି ଆମ କର୍ତ୍ତବ୍ୟରୁ ପଶ୍ଚାତ୍‌ପଦ ନହୋଇ ଜାରିରହିଛି ଆମ ସଂଗ୍ରାମ ଯାହା ଶେଷ ପର୍ଯ୍ୟନ୍ତ ନିର୍ଦ୍ୱନ୍ଦରେ ଚ୍ଚଲିବ । ଯାହା ହେବ ନହେବ ସମୟ କହିବ । ଲେଖା ଏବଂ ବିକା ମଧ୍ୟରେ ସୀମିତ ସଭ୍ୟତାକୁ ସମ୍ପୂର୍ଣ୍ଣ ଭାବେ ନବୁଝି କେବଳ ସ୍ୱାର୍ଥାନ୍ଧ ହୋଇ ସମସ୍ତେ ଅଗ୍ରଗତି କଲେ ଯେ ମଣିଷ ସମାଜ ସମୟ ପୂର୍ବରୁ ସଂକୁଚିତ ହୋଇ ସମଗ୍ର ପୃଥିବୀ ସମୟ ପୂର୍ବରୁ ଜନଶୂନ୍ୟ ହୋଇଯିବାରେ କେବଳ ଆମେହିଁ ଦାୟୀ ରହିବା ଛଡା କାହାରିକୁ ଦୋଷାରୋପ କରିପାରିବା ନାହିଁ ବୋଲି ଆମ ବିଚ୍ଚରରେ ଆପଣଙ୍କ ଭାବ ବ୍ୟକ୍ତ କରିବେ ବୋଲି ଆଶା !

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ.
ଦୂରଭାଷ.: ୯୪୩୭୩୨୪୯୧୭.

# ସୁସ୍ଥତାର ଉପାୟ

**ନିୟମିତ ଭାବେ ଘର କାମ କଲେ ମଧ ଜଣେ ବ୍ୟକ୍ତି ସୁସ୍ଥ ଜୀବନ ଅତିବାହିତ କରିପାରିବ । ତନ୍ମଧ୍ୟରୁ କେତେକ ଉପାୟ:**



* ନିୟମିତ ନିଜ ଘରର ବିଛଣାକୁ ନିଜେ ସଜାଡ଼ନ୍ତୁ । ପରୀକ୍ଷାରୁ ଜଣାପଡ଼ିଛି, ବିଛଣା ସଜାଡ଼ିଲେ ୧୫ମିନିଟ୍‌ରେ ୬୫ କ୍ୟାଲୋରୀ ଖର୍ଚ୍ଚ ହୁଏ । ଦେଢ଼ କିମି ଚାଲିବା ସହ ଏହାକୁ ତୁଳନା କରାଯାଉଛି ।
* ଘର ପୋଛା କାମ ନିଜେ କଲେ ୩୦ମିନିଟରେ ୧୪୫ କ୍ୟାଲୋରୀ ଖର୍ଚ୍ଚ ହୋଇଥାଏ । ଟ୍ରେଡମିଲରେ ୧୫ମିନିଟ୍ ଦୌଡ଼ିବା ସହ ଏହା ତୁଳନୀୟ ।
* ବାସନ ମାଜିଲେ ୧୫ମିନିଟ୍ ୫୬୦ କ୍ୟାଲୋରୀ ଖର୍ଚ୍ଚ ହୁଏ । ୨୫୦୦ ମିଟର ସନ୍ତରଣ କରିବା ସହ ବିଶେଷଜ୍ଞ ଏହାକୁ ତୁଳନା କରିଛନ୍ତି ।
* ୱାଶିଂ ମେସନରେ ଲୁଗା ସଫା ନ କରି ନିଜେ କପଡ଼ାକୁ ସଫା କରନ୍ତୁ । ଏପରି କଲେ ୬୦ ମିନିଟରେ ୮୫ କ୍ୟାଲୋରୀ ଅପଚୟ ହୋଇଥାଏ ।
* ପରିବା କାଟିବା ଏରୋବିକ୍ସ ବ୍ୟାୟାମ ପରି କାମ କରିଥାଏ ।
* ଘର ବଗିଚାରେ କାମ କରିବା ଅନ୍ୟତମ ସରଳ ଉପାୟ । ଏପରି କଲେ ୬୦ ମିନଟରେ ୨୫୦ କ୍ୟାଲୋରୀ ଖର୍ଚ୍ଚ ହୁଏ ।
* ସାଇକେଲ ଚଳାଇବା ସହ ଘର ଝଡ଼ାଝଡ଼ି କରିବାକୁ ତୁଳନା କରାଯାଇଛି । ଏହା କଲେ ୩୦ ମିନିଟରେ ୧୮୦ କ୍ୟାଲୋରୀ ଖର୍ଚ୍ଚ ହୁଏ ।



# ଗ୍ରୀଷ୍ମଦିନିଆ ବିଶେଷ ଫେସ୍‌ପ୍ୟାକ୍

ଗରମର ପ୍ରକୋପ ନିଜ ତ୍ୱଚାକୁ ରକ୍ଷା କରିବାକୁ ଚାହୁଁଥିଲେ ଯୁବତୀ ଓ ମହିଳାମାନେ ନିୟମିତ ଭାବେ ଘରୋଇ ଫେସପ୍ୟାକ୍ ତ୍ୱଚାରେ ଲଗାଇବା ଆବଶ୍ୟକ । ଏହି ପ୍ୟାକ୍ ତ୍ୱଚାକୁ ଶୀତଳତା ପ୍ରଦାନ କରିବା ସହ ଏକ ଚମକ ଆଣିଥାଏ । ସମସ୍ତେ ପ୍ରାୟ ବେସନ କିମ୍ବା ମୁଲତାନୀ ମାଟିକୁ ଫେସପ୍ୟାକ୍ ଭାବେ ବ୍ୟବହାର କରନ୍ତି । ଏହା ବାଦ ବଜାରରେ ଓ ଅନ-ଲାଇନରେ ମଧ ଅନ୍ୟପ୍ରକାରର ତତ୍ତ୍ୱମାନ ମିଳୁଛି, ଯାହାର ଉପଯୋଗ କରି ତ୍ୱଚାକୁ ଗରମରୁ ରକ୍ଷା କରିହେବ ।

*କେଓଲିନାଇଟ କ୍ଲେ:-* ଏହା ଚୀନୀ ମାଟି ଭାବେ ମଧ ଜଣାଯାଏ । ଚୀନର



ଏଇ ମାଟି ଏବେ ଭାରତୀୟ ବଜାରରେ ସୁଲଭ ମୂଲ୍ୟରେ ମିଳୁଛି । ଭଲଭାବେ ଦୋକାନରୁ ପରଖି ଏହି ମାଟି କିଣିବା ପରେ କଞ୍ଚା କ୍ଷୀରରେ ମିଶାଇ ତ୍ୱଚାରେ ଲଗାନ୍ତୁ । ଗ୍ରୀଷ୍ମରେ ନିୟମିତ ଭାବେ ଏଇ ପ୍ୟାକ୍ ଲଗାଇଲେ ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି ପାଏ ।

*ବେଣ୍ଟୋନାଇଟ୍ କ୍ଲେ:-* ଅନ-ଲାଇନରେ ଏହି କ୍ଲେ ମିଳୁଥିବାବେଳେ ଗରମଦିନ ପାଇଁ



ଏହା ଅନ୍ୟତମ ଭଲପ୍ୟାକ୍ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ନିତାନ୍ତ ଆବଶ୍ୟକ ।

# ଗର୍ଭବତୀ ମହିଳାଙ୍କ କିଛି ତ୍ରୁଟି କାରଣରୁ ଜନ୍ମ ନିଅନ୍ତି ଦିବ୍ୟାଙ୍ଗ ଶିଶୁ

ପ୍ରତ୍ୟେକ ଗର୍ଭବତୀ ମା' ଚାହେଁ ଯେ ତା ଗର୍ଭରେ ଥିବା ସନ୍ତାନଟି କିଭଳି ସୁସ୍ଥସବଳ ଜନ୍ମ ହେଉ । କୌଣସି ମା' ଚାହିଁବନି ଯେ ଆସୁଥିବା ପିଲାଟି ଦିବ୍ୟାଙ୍ଗ ହୋଇ ଜନ୍ମ ହେଉ କିନ୍ତୁ ଡାକ୍ତରଙ୍କ କହିବାନୁସାରେ କିଛି କାରଣବଶତଃ ଏଭଳି ଘଟଣା ଘଟିଯାଏ ଯେଉଁଥିରେ ପିଲାଟି ଦିବ୍ୟାଙ୍ଗ ହୋଇ ଜନ୍ମ ନିଏ । ଅଧିକାଂଶ କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି ର ଅଭାବରେ ଜନ୍ମିଥିବା ପିଲାଟି ଦିବ୍ୟାଙ୍ଗ ହୋଇଯାଏ । ବିଶିଷ୍ଟ ଗାଇନିକ୍ ଡାକ୍ତର ମତରେ ଗର୍ଭବତୀ ଥିବା ସମୟରେ ଜଣେ ମହିଳାଙ୍କ ମଧ୍ୟରେ ଅନେକ ପରିବର୍ତ୍ତନ ଦେଖାଯାଏ । ହର୍ମୋନରେ ପରିବର୍ତ୍ତନ ଦେଖାଯାଏ । ଏହି ସମୟରେ ମହିଳା ଜଣକ ଅନେକ କିଛି ଖାଇବାକୁ ମନସ୍ଥ କରିଥାନ୍ତି । ଯାହା ମା' ପାଟିକୁ ତ ସୁଆଦିଆ ଲାଗିଥାଏ କିନ୍ତୁ ପେଟରେ ଥିବା ଶିଶୁ ଉପରେ ଏହାର ଖରାପ ପ୍ରଭାବ ପଡିଥାଏ । ତେବେ ଆସନ୍ତୁ ଜାଣିବା ଯେ ଗର୍ଭବତୀ ସମୟରେ କିଭଳି ନିଜକୁ ସୁରକ୍ଷା ଦେବେ ଯେଉଁଥିରେ ଛୁଆଟି ଦିବ୍ୟାଙ୍ଗ ହୋଇ ଜନ୍ମ ନେବ ।

୧ . ଗର୍ଭବତୀ ଜାଣିବା ପରଠାରୁ ହିଁ ମହିଳାଙ୍କୁ ନିଜ ଖାଦ୍ୟପେୟ ପ୍ରତି ଯଥେଷ୍ଟ ଧ୍ୟାନ ଦେବା ଆବଶ୍ୟକ । ତଟକା ଫଳ ସହ ସବୁଜ ପନିପରିବା ଖାଇବା ଆବଶ୍ୟକ । ଫାଷ୍ଟଫୁଡ୍‌ର ବର୍ଜନ କରିବା ଆବଶ୍ୟକ ଏବଂ ଫଲିକ୍ ଏସିଡ୍ ଯୁକ୍ତ ଖାଦ୍ୟ ଖାଇବା ଦରକାର । ଯାହାଦ୍ୱାରା ମା' ଏବଂ ପିଲା ମଧ୍ୟରେ ରକ୍ତ ଅଭାବର କୌଣସି ଲକ୍ଷଣ ଦେଖାଯିବ ନାହିଁ ।

୨ . ଗର୍ଭବତୀ ଥିବା ସମୟରେ ମହିଳାଙ୍କୁ ସଂକ୍ରମଣଯୁକ୍ତ ଲୋକଙ୍କଠାରୁ ଦୂରେଇ ରହିବା ନିତାନ୍ତ ଜରୁରୀ । ଏଥିପାଇଁ ମହିଳାମାନଙ୍କୁ ଜନଗହଳି ପୂର୍ଣ୍ଣ ସ୍ଥାନକୁ ଯିବାକୁ ବାରଣ କରାଯାଏ । ଯାହାର ପ୍ରଭାବ ଉଭୟ ମା' ଏବଂ ଛୁଆର ସ୍ୱାସ୍ଥ୍ୟ ଉପରେ ପଡିଥାଏ ।



୩ . ଗର୍ଭବତୀ ମହିଳା ଜନଗହଳି ପୂର୍ଣ୍ଣ ସ୍ଥାନ ତଥା ଗାଡିର ପେଁ ପାଁ ଶୋରଶବ୍ଦରୁ ଦୂରେଇ ରହିବା ଆବଶ୍ୟକ । ସହରଠାରୁ ଦୂରରେ ରହିଲେ ଗର୍ଭରେ ଥିବା ଛୁଆଟି ସୁସ୍ଥ ହୋଇଥାଏ । କିନ୍ତୁ ଅଧିକ ଶବ୍ଦ ଛୁଆଟି ଉପରେ ପଡିଲେ ସେ କାଲା ହୋଇ ଜନ୍ମ ହୋଇଥାଏ ।

# ଗ୍ରୀଷ୍ମରେ ତ୍ୱଚାର ଉପଚାର

**ଖରାର ପ୍ରକୋପରେ ତ୍ୱଚା ମଳିନ ପଡ଼ିବା ଏକ ସ୍ୱାଭାବିକ ପ୍ରସଙ୍ଗ । ଏଣୁ ଘରୋଇ ଉପାୟରେ ତ୍ୱଚାର ଉପଚାର କରିବା ଶ୍ରେୟସ୍କର । ରୋଷେଶାଳାରେ ଥିବା ସମଗ୍ରୀ ଓ ଆମ ବଗିଚାର ଫୁଲ ଗଛରୁ ହିଁ ତ୍ୱଚାର ଉତ୍ତମ ଯତ୍ନ ନେଇହେବ ଯେପରି:**

ଖରାରେ ବାହାରିବା ପୂର୍ବରୁ ଅବା ସ୍ନାନ କରିବା ପୂର୍ବରୁ ମସୁରଡାଲି ଗୁଣ୍ଡରେ କଞ୍ଚାକ୍ଷୀର ଓ ଲେମ୍ବୁ ରସ ମିଶାଇ ତ୍ୱଚାରେ ୧୨-୧୫ ମିନିଟ୍ ଛାଡ଼ିଦିଅନ୍ତୁ । ପରେ ଏହାକୁ ଥଣ୍ଡା ପାଣିରେ ଧୋଇନେବେ । ନିୟମିତ ନ ହେଲେ ମଧ ସପ୍ତାହକୁ ଥରେ କିମ୍ବା ଦୁଇଥର ଏଇ ଉପାୟ କରନ୍ତୁ ।



ଗୋଲାପ ପାଖୁଡ଼ାକୁଚ ଆଣି ତାହାକୁ ବାଟି ଅଳ୍ପ କଞ୍ଚା କ୍ଷୀର ମିଶାଇ ପ୍ୟାକ୍ ଭଳି ପୁରା ଶରୀରରେ ଲଗାନ୍ତୁ । ୧ଘଣ୍ଟା ପରେ ତ୍ୱଚା ଧୋଇନେବେ । ଏହା ତ୍ୱଚାର ଚମକ ଆଣିବାରେ ଏକ ସୁନ୍ଦର ପ୍ୟାକ୍ ।

ମହୁ ଓ ଗୋଲାପଜଳର ମିଶ୍ରଣକୁ ତ୍ୱଚାରେ ଲଗାଇ ୩୦ମିନିଟ୍ ପରେ ତ୍ୱଚାକୁ ନଖ ଉଷୁମ ପାଣିରେ ଧୋଇ ନେବେ । ନିୟମିତ ଭାବେ ଏପରି କଲେ ତ୍ୱଚାର ରଙ୍ଗ ସଫା ହେବା ସହ କୋମଳ ହୋଇଥାଏ ।

୧ବଡ଼ ଚାମଚ ମହୁ ଓ ସେଥିରେ ପେସ୍ତାବାଦାମ ଗୁଣ୍ଡ ମିଶାଇ ପ୍ୟାକ୍ ଭଳି ଲଗାଇବେ । ଏଇ ପ୍ୟାକ୍ ଶୁଖିଗଲା ପରେ ତାହାକୁ ଭଲଭାବେ ମାଲିସ୍ କରି ତ୍ୱଚା ଧୁଅନ୍ତୁ ।

# ତେର କୋଟିର ଜିଅନ୍ତା ମାଛ !

କୋହାକୁ ପ୍ରଜାତିର ଜିଅନ୍ତା ମାଇ କୋଇ କାର୍ପର ମାଛ ସବୁଠାରୁ ମୂଲ୍ୟବାନ୍ । ଏହା ସାଧାରଣତଃ ନିଲାମ କରାଯାଏ । କିଛି ଦିନ ତଳେ ଜାପାନରେ ଜିଅନ୍ତା ମାଇ କୋଇ କାର୍ପରମାଛଟିଏ ୧୨ କୋଟି ଛଅସ୍ତରି ଲକ୍ଷ ୨୩ ହଜାର ଟଙ୍କାରେ ବିକ୍ରି ହୋଇଥିଲା । ଉଲ୍ଲେଖଯୋଗ୍ୟ ଯେ, କୋଇ କାର୍ପର ପରିବାରର ମାଛଙ୍କ ମଧ୍ୟରେ ଧଳା-ଲାଲ ରଙ୍ଗର କୋହାକୁ ସବୁଠାରୁ ମୂଲ୍ୟବାନ୍ । ମାଇ କୋଇ କାର୍ପର ମାଛ ଅନ୍ୟୂନ ପାଞ୍ଚ ଲକ୍ଷ ଡିମ୍ବ ଦିଏ । ସେଗୁଡ଼ିକର ବିକ୍ରିରୁ ପ୍ରଚୁର ଲାଭ ହୁଏ । କୋଇ କାର୍ପର ଉତ୍ପାଦନ ଓ ରପ୍ତାନିରେ ଜାପାନ ବିଶ୍ୱରେ ପ୍ରଥମ । ଏହି ମାଛ ରପ୍ତାନିରୁ ଜାପାନର ବାର୍ଷିକ ଆୟ ୩.୫ କୋଟି ଡଲାରର ।



# ଏହି ଘରୋଇ ଉପାୟରେ ବେକରୁ କଳା ଦାଗ ଦୂରେଇ ଦିଅନ୍ତୁ

ବେକରେ କଳା ଦାଗ ସମସ୍ୟା ସାଧାରଣତଃ ନାରୀ, ପୁରୁଷ ଓ ଛୋଟ ପିଲାଙ୍କ ମଧ୍ୟରେ ଦେଖାଦେଇଥାଏ । ଏହି ସମସ୍ୟାରୁ ଦୂରେଇବା ପ ?ାଇଁ ସଭିଏଁ ଭିନ୍ନ ଭିନ୍ନ ଉପଚାର ଆପଣାଇଥାନ୍ତି । ହେଲେ ଆମେ ଘରେ ରହି ଘରୋଇ ସାମଗ୍ରୀ ଦ୍ୱାରା ଏହି ସମସ୍ୟାକୁ ଦୂରେଇ ପାରିବା । ସେଥିପାଇଁ ପ୍ରଥମେ ବେକରେ ହୋଇଥିବା କଳାଦାଗକୁ ଏକ କପଡ଼ାରେ ଭଲ ଭାବେ ପୋଛି ଦେବେ । ସେହି ସ୍ଥାନ ଶୁଖିବା ପରେ ସେଥିରେ ଗୋଟେ ଚାମଚ ଦହି, ଦୁଇ ଚୁମୁଟା ହଳଦୀ ଗୁଣ୍ଡ, ଗୋଟେ ଚାମଚ ମହୁ ରସ, ଗୋଟେ ଚାମଚ ଲେମ୍ବୁ ରସକୁ ଏକ ପାତ୍ରରେ ମିଶାଇ ବେକର କଳା ଜାଗାରେ ଲଗାଇ ୨୫ ମିନିଟ୍ ପର୍ଯ୍ୟନ୍ତ ରଖିବେ । ପରେ ଭଲ ଭାବେ ବେକକୁ ଧୋଇ ନେବେ । ସେହିଭଳି ଗୋଟେ ଚାମଚ ଅରୁଆଚାଉଳ ଗୁଣ୍ଡ, ଗୋଟେ ଚାମଚ ଦହି ଓ ଗୋଟେ ଚାମଚ ଲେମ୍ବୁରସକୁ ଏକ ପାତ୍ରରେ ମିଶାଇ ବେକର କଳାଦାଗ ସ୍ଥାନରେ ଲଗାଇ ୨୫ ମିନିଟ୍ ସମୟ ପର୍ଯ୍ୟନ୍ତ ରଖି ପରେ ବେକକୁ ଭଲ ଭାବେ ଧୋଇ ନେବେ । ଏହା ସହ କଲଗେଟ୍ ପେଷ୍ଟ ଗୋଟେ ଚାମଚ, ୨୦ ବୁନ୍ଦା ଲେମ୍ବୁରସ, ଗୋଟେ ଚାମଚ କ୍ଲିନିକ୍ ପ୍ଲସ ସାମ୍ପୋ, ଅଧ ଚାମଚ ଖାଇବା ସୋଡ଼ାକୁ ଏକ ପାତ୍ରରେ ମିଶାଇ ବେକରେ ୨୫ ମିନିଟ୍ ସମୟ ପର୍ଯ୍ୟନ୍ତ ଲଗାଇବେ । ଏହି ସମସ୍ତ ପକ୍ରିୟାକୁ ସପ୍ତାହକୁ ଦୁଇଥର କରିବା ଜରୁରୀ ।



# ପୂର୍ବତଟ ରେଳପଥରେ ହୋଇଛି ୩୨୯ ଟନ୍ ଅମ୍ଳଜାନ ପରିବହନ



ଭୁବନେଶ୍ୱର,୪/୫ (ନି.ପ୍ର): ପୂର୍ବ ତଟ ରେଳପଥ ପରିସୀମା ମଧ୍ୟରେ ଥିବା ବିଭିନ୍ନ ଇସ୍ପାତ କାରଖାନାରୁ ମହାରାଷ୍ଟ୍ର, ତେଲେଙ୍ଗାନା, ହରିୟାଣା ଏବଂ ଦିଲ୍ଲୀ ପରି ରାଜ୍ୟ ମାନଙ୍କୁ ପ୍ରାୟ ୩୨୯ ଟନ୍ ତରଳ ମେଡିକାଲ ଅମ୍ଳଜାନ (ଏଲଏମଓ) ପରିବହନ କରିପାରିଛି। ଅନୁଗୁଳ ସ୍ଥିତ ଟାଟା ଭୂଷଣ ସାଇଡିଂରୁ ସମୁଦାୟ ୧୮୭ ଟନ୍ ଏଲଏମଓ ପରିବହନ ହୋଇସାରିଛି। ସେହିଭଳି ୧୦୫ ଟନ୍ ଏଲଏମଓ ରାଷ୍ଟ୍ରିୟ ଇସ୍ପାତ ନିଗମ୍ ଲିମିଟେଡ୍, ବିଶାଖାପାଟନମ୍ ଏବଂ ଅନୁଗୁଳ ସ୍ଥିତ ଜିନ୍ଦଲ ଷ୍ଟିଲ୍ ପ୍ଲାଂଟରୁ ୩୧ ଟନ୍ ଏଲଏମଓ ପରିବହନ କରାଯାଇଛି। ଅକ୍ସିଜେନ ଏକ୍ସପ୍ରେସର ଦ୍ରୁତ ଗତି ପାଇଁ ସବୁଜ କରିଡର ଯୋଗାଇ ଦିଆଯାଇଛି । ଅମ୍ଳଜାନ ଏକ୍ସପ୍ରେସ ମାଧ୍ୟମରେ ସମଗ୍ର ଦେଶରେ କୋଭିଡ -୧୯ ରୋଗୀଙ୍କ ପାଇଁ ମେଡିକାଲ ଗୁଡିକରେ ଅମ୍ଳଜାନ ଉପଲବ୍ଧ କରାଇବା ପାଇଁ ବିଭିନ୍ନ ରାଜ୍ୟ ଗୁଡିକର ଅନୁରୋଧକୁ ଭାରତୀୟ ରେଳ ସୁନିଶ୍ଚିତ କରି ଅମ୍ଳଜାନ ପରିବହନ କରୁଛି।

୧୦୫ ଟନ୍ ଏଲଏମଓ ପରିବହନ କରିଥିବା ପ୍ରଥମ ଅକ୍ସିଜେନ ଏକ୍ସପ୍ରେସ ୭ ଟ୍ୟାଙ୍କରରେ ବିଶାଖାପାଟନମରୁ ଛାଡିଥିଲା । ପୂର୍ବତଟ ରେଳପଥରୁ ଦ୍ୱିତୀୟ ଅକ୍ସିଜେନ ଏକ୍ସପ୍ରେସ ହରିୟାଣା ପାଇଁ ଟାଟା ଭୂଷଣ ଷ୍ଟିଲ ପ୍ଲାଂଟରୁ ଦୁଇଟି ଟ୍ୟାଙ୍କରରେ ୩୨ ଟନ୍ ଏଲଏମଓ ପରିବହନ କରିଥିଲା । ଅନୁଗୁଳ ସ୍ଥିତ ଟାଟା ଭୂଷଣ ଷ୍ଟିଲ ପ୍ଲାଂଟରୁ ତୃତୀୟ ଅମ୍ଳଜାନ ଏକ୍ସପ୍ରେସ ୫ ଟ୍ୟାଙ୍କରରେ ୬୩.୬ ଟନ୍ ଏଲଏମଓ ପରିବହନ କରି ଭାରତୀୟ ରେଳବାଇର ରୋରୋ ସେବା ଦ୍ୱାରା ତେଲେଙ୍ଗାନା ଅଭିମୁଖେ ଯାତ୍ରା କଲା । ସେହିଭଳି, ଟାଟା ଭୂଷଣ ଷ୍ଟିଲ ପ୍ଲାଂଟରୁ ଦୁଇଟି ଟ୍ୟାଙ୍କରରେ ୩୦.୬ ଟନ୍, ଜିନ୍ଦଲ ଷ୍ଟିଲ୍ ପ୍ଲାଂଟରୁ ଦୁଇଟି ଟ୍ୟାଙ୍କରେ ୩୦.୮୬ ଟନ୍ ଏବଂ ଟାଟା ଭୂଷଣ ଷ୍ଟିଲ୍ ପ୍ଲାଂଟରୁ ଚାରି ଟ୍ୟାଙ୍କରେ ୬୦.୨୩ ଟନ୍ ଏଲଏମଓ ଯଥାକ୍ରମେ ଫରିଦାବାଦ, ଦିଲ୍ଲୀ କ୍ୟାଂଟ ଏବଂ ଏସଏନଏଜି କୁ ରୋରୋ ସେବା ମାଧ୍ୟମରେ ପଠାଯାଇଛି ।

ବିଭିନ୍ନ ରାଜ୍ୟରୁ ଖାଲି ଲିକ୍ୱିଡ୍ ମେଡିକାଲ୍ ଅମ୍ଳଜାନ ଟ୍ୟାଙ୍କର୍ ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ବିଭିନ୍ନ ଷ୍ଟିଲ ପ୍ଲାଂଟ ଗୁଡ଼ିକରୁ ଏଲଏମଓ ପରିବହନ କରିବାପାଇଁ ଆସୁଛି। ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଅକ୍ସିଜେନ ଏକ୍ସପ୍ରେସ ସ୍ପେଶାଲ ଟ୍ରେନର ସୁରକ୍ଷିତ ଚଳାଚଳ ଏବଂ ଏହି ଟ୍ରେନଗୁଡ଼ିକୁ ଶୀଘ୍ର ଗନ୍ତବ୍ୟ ସ୍ଥାନ ଗୁଡିକରେ ପହଂଚାଇବା ପାଇଁ ସମସ୍ତ ସତର୍କତା ଅବଲମ୍ବନ କରିଛି। ତରଳ ଅମ୍ଳଜାନ ଏକ କ୍ରାୟୋଜେନିକ୍ କାର୍ଗୋ ଭାବରେ ସର୍ବାଧିକ ଯତ୍ନ ନିଆଯାଇଛି ଯେଉଁଥିରେ ସର୍ବାଧିକ ବେଗକୁ ତ୍ୱରାନ୍ୱିତ ଏବଂ ହ୍ରାସ କରାଯାଇପାରିବ । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ରୋଗୀଙ୍କ ଜୀବନ ରକ୍ଷା ପାଇଁ ସଙ୍କଟ ସମୟରେ ଅମ୍ଳଜାନ ଯୋଗାଣକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରି ତ୍ୱରିତ ସେବା ପ୍ରଦାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ମହାମାରୀ ସମୟରେ ରାସନ କାର୍ଡ ନଥିବା ମଧ୍ୟବିତ୍ତ ବର୍ଗଙ୍କୁ ଆଧାର କାର୍ଡ ଅନୁସାରେ ଆର୍ଥିକ ସହାୟତା ମିଳୁ : ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘ

ଭୁବନେଶ୍ୱର,୪/୫ (ନି.ପ୍ର): ଦେଶରେ ଦେଖା ଦେଇଥିବା ପ୍ରଳୟଙ୍କରୀ ସମୟରେ ଜୀବନ ଜୀବିକା ହରାଇ ମୃତ୍ୟୁ ସହିତ ଲଢୁଥିବା ମଣିଷ ଆଜି ଅସହାୟ ଅବସ୍ଥାରେ ଅଛି। ଲକ୍‌ଡାଉନ୍ ଯୋଗୁଁ ସମସ୍ତଙ୍କ ଜୀବନ ଜୀବିକା ବିପନ୍ନ ହୋଇଛି ତେଣୁ ଏହି ବିପର୍ଯ୍ୟୟ ସମୟରେ ସମସ୍ତ ରାସନ କାର୍ଡଧାରୀଙ୍କୁ ମେ ୧ ରୁ ଦୁଇମାସ ପାଇଁ ମାଗଣା ରାସନ ଯୋଗାଇଦେବା ପାଇଁ ଘୋଷଣା କରିଥିବା ବେଳେ ଓଡ଼ିଶା ରାଜ୍ୟ ସରକାର ଅନୁରୂପ ଯୋଜନା ଘୋଷଣା କରିଛନ୍ତି । ଏଥିସହିତ ମେ ୫ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶାକୁ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ କରାଯିବା ପାଇଁ ସରକାର ନିଷ୍ପତି ନେଇଛନ୍ତି ସରକାରଙ୍କ ଏହି ଘୋଷଣା ଲକ୍ଷ ଲକ୍ଷ ମଧ୍ୟବିତ ବର୍ଗଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବର ପରିପ୍ରକାଶ। ଏକ ପ୍ରେସ୍‌ବିଜ୍ଞପ୍ତି ମାଧ୍ୟମରେ ରାଷ୍ଟ୍ରୀୟ ମଧ୍ୟବିତ ପରିବାର ମହାସଂଘର ସଭାପତି ପ୍ରଦୀପ ମିଶ୍ର ସରକାରଙ୍କ ମଧ୍ୟବିତମାରଣ ନୀତିକୁ ସମାଲୋଚନା କରିବା ସହିତ ମଧ୍ୟବିତ କ'ଣ ସାବତ ପୁଅ" ବୋଲି ପ୍ରଶ୍ନ କରିଛନ୍ତି। ଖାଦ୍ୟସୁରକ୍ଷା ଯୋଜନାରେ କେବଳ ରାସନ କାର୍ଡଥିବା ଗରିବ ହିତାଧିକାରୀମାନେ ଉପକୃତ ହେବେ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ କିନ୍ତୁ କରୋନା ଦ୍ୱାରା ପ୍ରଭାବିତ ହୋଇ ଜୀବିକା ହରାଇଥିବା ବର୍ଗର ଲୋକ ଯାହାର ରାସନ୍ କାର୍ଡ ନାହିଁ ସେମାନେ ବି ମହାମାରୀରେ ପ୍ରଭାବିତ ହୋଇ ସରକାରୀ ଆଇନ୍ ମାନି ଗୃହବନ୍ଦିରେ ରହୁଛନ୍ତି ତେଣୁ ରାସନ କାର୍ଡ ନଥିବା ସାଧାରଣ ମଧ୍ୟବିତ ବର୍ଗର ଲୋକଙ୍କୁ ଆଧାର କାର୍ଡ ଅନୁସାରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବା ଦରକାର । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟବିତ ବର୍ଗଙ୍କ ପ୍ରତି ପକ୍ଷପାତ ମନବୃତି ଘୋର ନିନ୍ଦନୀୟ ଓ ଅସାମ୍ବିଧାନିକ। ଏପରି ଏକ ବିପର୍ଯ୍ୟୟ ସମୟରେ ଦୁର୍ଦ୍ଦିନରେ ଥିବା ମଧ୍ୟବିତ ବର୍ଗଙ୍କ ପାଇଁ ବି ସରକାର ଚିନ୍ତା କରିବା ଦରକାର ବୋଲି ରାଷ୍ଟ୍ରୀୟ ମଧ୍ୟବିତ ପରିବାର ମହାସଂଘ ପକ୍ଷରୁ ସରକାରଙ୍କ ନିକଟରେ ଦାବି କରାଯାଇଛି।

# ଲକ୍‌ଡାଉନ୍ ପୂର୍ବରୁ ଅଧିକ ଜିନିଷ କିଣି ମହଜୁଦ୍ ନରଖିବାକୁ ସିପିଙ୍କ ପରାମର୍ଶ

ଭୁବନେଶ୍ୱର,୪/୫ (ନି.ପ୍ର): ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ସରକାର ଲକ୍ ଡାଉନ୍ ନିଷ୍ପତି ନେଇଛନ୍ତି। ଲକଡାଉନକୁ ନେଇ ଦ୍ୱୈତ ନଗରୀର ଜନସାଧାରଣ ବ୍ୟସ୍ତ ବିବ୍ରତ ହେବା ଆବଶ୍ୟକ ନାହିଁ। ଆବଶ୍ୟକତା ଠାରୁ ଅଧିକ ଜିନିଷ ନକିଣିବାକୁ ଟୁଇନ୍ ସିଟି ଲୋକଙ୍କୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଅପିଲ କରିଛନ୍ତି। ଆଜି ଏବଂ କାଲି ମଧ୍ୟରେ ଜିନିଷ କିଣି ମହଜୁଦ ରଖିବାକୁ ବ୍ୟସ୍ତ ବିବ୍ରତ ହୁଅନ୍ତୁନି। ଲକ୍ ଡାଉନ୍ ବେଳେ ମଧ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ମିଳିବାର ବନ୍ଦୋବସ୍ତ ହୋଇଛି। ନିୟମ ଅନୁସାରେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହିବ। କୋଭିଡ୍ ନିୟମ ମାନି ସାମଗ୍ରୀ କିଣିବାକୁ ପରାମର୍ଶ ଦେଇଛନ୍ତି ସିପି । ସେ ଆହୁରି କହିଛନ୍ତି ଯେ ଲକ୍ ଡାଉନ୍ ସମୟରେ ଟିକାକରଣ ଓ ଟେଷ୍ଟିଂ ଲାଗି ପ୍ରତିବନ୍ଧକ ନାହିଁ। ଉଲ୍ଲେଖ୍ୟଯୋଗ୍ୟ ଯେ କରୋନା ସଂକ୍ରମଣ ଚେନ୍ ରେ ବ୍ରେକ୍ ଲଗାଇବା ପାଇଁ ରାଜ୍ୟ ସରକାର ରାଜ୍ୟରେ ୧୪ ଦିନିଆ ଲକ୍ ଡାଉନ୍ ଘୋଷଣା କରିଛନ୍ତି। ମେ' ୫ ତାରିଖ ସକାଳୁ ଲକ୍ ଡାଉନ୍ କଟକଣା ଆରମ୍ଭ ହେବ ଓ ଏହା ମେ' ୧୯ ତାରିଖ ସକାଳ ପର୍ଯ୍ୟନ୍ତ ବଳବତର ରହିବ। ସେହିପରି ସହରାଂଚଳରେ ସପ୍ତାହାନ୍ତ ସଟ୍ ଡାଉନ୍ ମଧ୍ୟ ଜାରି ରହିବ।

# ଓପିଜିସି ଏବଂ ଓଏଚ୍‌ପିସି ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୩କୋଟି ଟଙ୍କା ପ୍ରଦାନ

ଭୁବନେଶ୍ୱର,୪/୫ (ନି.ପ୍ର): ଆଜି ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ(ଓପିଜିସି) ଏବଂ ଓଡ଼ିଶା ଜଳବିଦ୍ୟୁତ୍ ନିଗମ(ଓଏଚ୍‌ପିସି) ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି କୋଭିଡ୍-୧୯ ନିମନ୍ତେ ୩କୋଟି ଟଙ୍କା ପ୍ରଦାନ କରାଯାଇଛି। ଏଥିରେ ଓପିଜିସି ୧କୋଟି ଟଙ୍କା ଏବଂ ଓଏଚ୍‌ପିସି ୨କୋଟି ଟଙ୍କା ପ୍ରଦାନ କରିଛନ୍ତି। ବ୍ୟାଙ୍କ ଆରଟିଜିଏସ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଆକାଉଂଟସ୍‌କୁ ଏହି ଅର୍ଥ ପ୍ରେରଣ କରାଯାଇଥିବା ଶକ୍ତି ବିଭାଗ ତରଫରୁ ପ୍ରକାଶ। ପ୍ରଦତ ଅର୍ଥ କୋଭିଡ୍-୧୯ ମୁକାବିଲାରେ ବିନିଯୋଗ କରାଯିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିବା ଶକ୍ତି ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର କହିଛନ୍ତି।

# କୃଷକମାନଙ୍କ ପାଇଁ ହେଲ୍ପଲାଇନ ନମ୍ବର ଜାରି କଲା ଏବିଭିପି

ଭୁବନେଶ୍ୱର,୪/୫ (ନି.ପ୍ର): ରାଜ୍ୟରେ କରୋନାର ଦ୍ୱିତୀୟ ଲହରୀ ଦିନକୁ ଦିନ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଏହି ସଂକଟମୟ ପରିସ୍ଥିତିରେ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ,(ଏବିଭିପି) ତରଫରୁ କୃଷକମାନଙ୍କ ନିମନ୍ତେ ଉଦ୍ୟାନ କୃଷି ବିଭାଗ, ମତ୍ସ୍ୟ ପାଳନ ବିଭାଗ, ବନ ବିଭାଗ, ପଶୁ ଚିକିତ୍ସା ବିଜ୍ଞାନ ବିଭାଗ ସମ୍ବନ୍ଧରେ ଥିବା ସମସ୍ୟା ନିମନ୍ତେ ଫୋନ କଲ୍ ମାଧ୍ୟମରେ ସେବା ଯୋଗାଇ ଦିଆଯିବ। ଏବିଭିପି ଏଗ୍ରିଭିଜନ ଫୋରମ ତରଫରୁ ହୋଇଥିବା ଏହି ହେଲ୍ପଲାଇନ ନମ୍ବର ଆଜିଠାରୁ ଜାରି ରହିବ। ବିଭିନ୍ନ ପ୍ରକାର କୃଷି ସମ୍ବନ୍ଧୀୟ ସୂଚନା ନିମନ୍ତେ ପରାମର୍ଶ ନେଇପାରିବେ ବୋଲି ଏଗ୍ରିଭିଜନର ରାଜ୍ୟ ସଂଯୋଜକ ଚଣ୍ଡୀ ପ୍ରସାଦ ସୁଆର, ରାଜ୍ୟ ସହ ସଂଯୋଜିକା ଆଲେଖିକା ପଟନାୟକ, ରାଜ୍ୟ ସହ ସଂଯୋଜକ ସୂର୍ଯ୍ୟପ୍ରକାଶ କର, ଶକ୍ତିମାନ ଦାଶ ପ୍ରମୁଖ ମତ ପ୍ରକଟ କରିଛନ୍ତି। ଏହା ଦ୍ୱାରା କୃଷକମାନେ ଲାଭ ପାଇପାରିବେ। ପ୍ରତ୍ୟକ ଦିନ କୃଷକମାନେ ଫୋନ କଲ୍ ମାଧ୍ୟମରେ ନିଜ କୃଷି ଏବଂ ଆନୁସଙ୍ଗିକ ବିଷୟ ସହ ଜଡ଼ିତ ସମସ୍ୟା ସମ୍ବନ୍ଧରେ ଅବଗତ କରାଇ ଏହାର ସମାଧାନ ପାଇପାରିବେ।

# ଦରଦାମ୍ ବୃଦ୍ଧି ଓ କଳାବଜାରୀ ରୋକିବାକୁ ମୁଖ୍ୟ ଶାସନ ସଚିବଙ୍କୁ ସମାଜବାଦୀ ପାର୍ଟିର ଚିଠି

ଭୁବନେଶ୍ୱର,୪/୫ (ନି.ପ୍ର): ଦୁଇ ସପ୍ତାହର ଲକଡ଼ାଉନ ଯୋଗୁ ସାଧାରଣ ଲୋକ ଛାନିଆ ହୋଇ ଅନେକ ଜାଗାରେ ଜିନିଷ ପତ୍ର କିଣିବାରେ ଲାଗିଛନ୍ତି। ଲୋକଙ୍କ ଛାନିଆକୁ ବେଶି ବଢାଇ ଦେଇଛି ଆସନ୍ତା ୧୨ ତାରିଖ ସୁଦ୍ଧା ବଙ୍ଗୋପ ସାଗରରେ ଏକ ବାତ୍ୟା ସୃଷ୍ଟି ହେବ ବୋଲି ଗଣମାଧ୍ୟମରେ ଜୋରରେ ଧରିଥିବା ଚର୍ଚ୍ଚା। ତେଣୁ ସାଧାରଣ ଲୋକ ଛାନିଆରେ ବଜାରରୁ ଆଳୁ, ପିଆଜି, ଚାଉଳ, ଡ଼ାଲି, ତେଲ ଓ ପନିପରିବା ସବୁ କିଣି ମହଜୁଦ କରିବା ପାଇଁ ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି। କରୋନା କଟକଣାକୁ ବେଖାତିର କରି ରାଜ୍ୟର ବିଭିନ୍ନ ସହରରେ ଜନଗହଳି ଦେଖିବାକୁ ମିଳିଛି। ସେହିଭଳି ଆସନ୍ତା କାଲିଠାରୁ ଲକଡ଼ାଉନ ଆରମ୍ଭ ହେଉଥିବା ଯୋଗୁ ରାଜ୍ୟର ପ୍ରମୁଖ ବସ୍‌ଷ୍ଟାଣ୍ଡ ଏବଂ ରେଳଷ୍ଟେସନଗୁଡ଼ିକରେ ମଧ୍ୟ ଅସମ୍ଭବ ଭିଡ଼ ଲାଗିରହିଛି। ବହୁଲୋକ ଠେଲାପେଲା ହୋଇ ନିଜ ନିଜ ଗାଁକୁ ଫେରିଯିବା ପାଇଁ ବସ୍‌ଷ୍ଟାଣ୍ଡ ଏବଂ ରେଳଷ୍ଟେସନରେ ଜମା ହେଉଛନ୍ତି । ସେଠାରେ କେହି କରୋନା କଟକଣାକୁ ମାନୁନାହାଁନ୍ତି। ଗୋଟେ ପଟେ ଲକଡ଼ାଉନ ଯୋଗୁ ଜିନିଷ ପତ୍ର ଅଧିକ କିଣାକିଣି କରୁଥିବା ଯୋଗୁ ଅସାଧୁ ବେପାରୀମାନେ ତାର ସୁଯୋଗ ନେଇ ହଠାତ୍ ଦରଦାମ ବଢାଇ ଦେଇଛନ୍ତି।

# ଏଣିକି ପ୍ରତ୍ୟେକ ରବିବାରରେ ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର୍

ଭୁବନେଶ୍ୱର,୪/୫ (ନି.ପ୍ର): ମହାମାରୀ କରୋନାର ଦ୍ୱିତୀୟ ସଂକ୍ରମଣ ପରିପ୍ରେକ୍ଷୀରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ଏସ୍‌ସିଏସ୍‌ଟିଆରଟିଆଇ ପରିସରରେ ଥିବା ଜନଜାତି ସଂଗ୍ରହାଳୟକୁ ଅପ୍ରେଲ ୨୬ ତାରିଖଠାରୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ କରାଯାଇଛି। ଭର୍ଚୁଆଲ୍ ମୋଡ୍‌ରେ ଜନଜାତି ସଂଗ୍ରହାଳୟକୁ ଜନସାଧାରଣ ଫେସ୍‌ବୁକ୍ ଓ ଟୁଇଟର ପେଜ୍ @scstrti, @stscdev ଖୋଲି ପ୍ରତ୍ୟେକ ରବିବାର ବୁଲି ଦେଖିପାରିବେ ବୋଲି ଏସ୍‌ସିଏସ୍‌ଟିଆରଟିଆଇ ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି । ଦେଶର ଶ୍ରେଷ୍ଠ ବିବେଚିତ ଏହି ଜନଜାତି ସଂଗ୍ରହାଳୟ 'ମାନବ ସଂଗ୍ରହାଳୟ' ଭାବେ ପରିଚିତ । ଏଠାରେ ୬୨ଟି ଜନଜାତି ଓ ୧୩ଟି ଆଦିମ ଜନଜାତିଙ୍କର ଜୀବନଶୈଳୀ ଓ ସଂସ୍କୃତି ସଂପର୍କରେ ପାଂଚଗୋଟି ଗ୍ୟାଲେରୀ ସହ ପିଭିଟିଜି ଗ୍ୟାଲେରୀ ରହିଛି । ଆଉ ମଧ୍ୟ ଜନଜାତି ପୂଜାପୀଠ, ଜନଜାତି ବାସଗୃହ, କାରୁକୃତି ଓ ବ୍ୟବହୃତ ବସ୍ତୁର ସମାହାର ସହ ଅଡିଟୋରିୟମ୍ ଆଦି ରହିଛି । ଭର୍ଚୁଆଲ୍ ମୋଡ୍‌ରେ ଆରମ୍ଭ ହୋଇଥିବା ୬ ମିନିଟ୍ ର ବୃତ ଚିତ୍ରରେ ଦର୍ଶକମାନେ ଜନଜାତି ସଂଗ୍ରହାଳୟ ସଂପର୍କରେ ଜାଣିପାରିବେ ।

# ୧୮-୪୪ ବର୍ଷର ଲୋକଙ୍କ ଟିକାକରଣ : ନେଟଓ୍ୱାର୍କ ନ ଥିବା ଅପହଞ୍ଚ ଅଞ୍ଚଳରେ କିଭଳି ହେବ ପଞ୍ଜୀକରଣ ?

## ଆସିପାରେ ଟିକାଦାନ କେନ୍ଦ୍ରରେ ପଞ୍ଜୀକରଣ ଅନୁମତି:ନୋଡାଲ ଅଧିକାରୀ



ଭୁବନେଶ୍ୱର ,୪/୫ (ନି.ପ୍ର): ଜାତୀୟ ହାରଠାରୁ ଓଡ଼ିଶାରେ ଟେଲି ସାନ୍ଦ୍ରତା କମ୍। ଅଧିକାଂଶ ଲୋକଙ୍କ ପାଖରେ ଆଣ୍ଡ୍ରଏଡ୍ ମୋବାଇଲ ଫୋନ୍ ମଧ୍ୟ ନାହିଁ। ଏପରିକି ଫୋନ୍ ଥିଲେ ମଧ୍ୟ ନେଟଓ୍ୱାର୍କ ଠିକ୍‌ରେ ଆସୁନାହିଁ। ଗତବର୍ଷ ଲକ୍‌ଡାଉନ୍ ସମୟରେ ଅନଲାଇନ୍ ପାଠପଢ଼ାକୁ ନେଇ ରାଜ୍ୟରେ ଟେଲି ସାନ୍ଦ୍ରତା ସ୍ଥିତିକୁ ନେଇ ବିକଳ ଚିତ୍ର ସାମ୍ନାକୁ ଆସିଥିଲା। କିଏ ପାଠ ପଢ଼ିବା ଲାଗି ଗଛରେ ଚଢ଼ିଥିଲା ତ ଆଉ କିଏ ପାହାଡ଼ ଉପରେ। ଏଭଳି ପରିସ୍ଥିତିରେ ଗ୍ରାମାଞ୍ଚଳରେ ରହୁଥିବା ୧୮-୪୪ବର୍ଷର ଲୋକମାନେ କିଭଳି ନିଜର ପଞ୍ଜୀକରଣ କରିବେ ଓ ଟିକା ନେବେ ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଚଳିତମାସ ପହିଲାରୁ କେନ୍ଦ୍ର ସରକାର ୧୮-୪୪ବର୍ଷର ଲୋକଙ୍କ ଟିକାକରଣ ପାଇଁ ଅନୁମୋଦନ କରିଛନ୍ତି। ବିଭିନ୍ନ ରାଜ୍ୟ ସରକାର ନିଜ ଖର୍ଚ୍ଚରେ ଏହି ବର୍ଗର ଲୋକଙ୍କ ଟିକାକରଣ କରିବା ଆରମ୍ଭ କରିଛନ୍ତି। ରାଜ୍ୟରେ ଆଜିଠାରୁ କେବଳ ଭୁବନେଶ୍ୱରରେ ଏହି ବର୍ଗର ଲୋକଙ୍କ ଟିକାକରଣ ଆରମ୍ଭ ହୋଇଛି। ଆଗକୁ 'କୋଭିସିଲ୍‌ଡ' ଟିକା ଆସିବା ପରେ ରାଜ୍ୟବ୍ୟାପୀ ଏହି ବର୍ଗ ପାଇଁ ଟିକଦାନ ଆରମ୍ଭ କରାଯିବ।

ଟିକାର ପଞ୍ଜୀକରଣ ପାଇଁ ଏବେ ଲୋକମାନଙ୍କୁ କୋ-ୱିନ୍ ଆପ ଡାଉନ୍‌ଲୋଡ୍ କରିବା ପରେ ଏଥିରେ ନିଜର ମୋବାଇଲ ନମ୍ବର ଦେବାକୁ ହେବ। ପରବର୍ତ୍ତୀ ସମୟରେ ସଂପୃକ୍ତ ମୋବାଇଲକୁ ଏକ ଓଟିପି ଆସିବ। ଏହି ଓଟିପି ଦେବା ପରେ ଜଣେ ନିଜର କୌଣସି ଏକ ପରିଚୟପତ୍ର ପ୍ରଦାନ କରି ନିଜର ପଞ୍ଜୀକରଣ କରିପାରିବେ। ଗୋଟିଏ ନମ୍ବରରେ ୪ଜଣଙ୍କର ପଞ୍ଜୀକରଣ ହୋଇପାରିବ।

୨୦୧୮-୧୯ ଅର୍ଥନୈତିକ ସର୍ବେକ୍ଷଣ କହୁଛି, ରାଜ୍ୟରେ ସମୁଦାୟ ୫୧,୩୧୧ଟି ଗ୍ରାମ ଥିବା ବେଳେ ତହିଁରୁ ୧୧ହଜାର ଗାଁରେ ମୋବାଇଲ ସେବା ଉପଲବ୍ଧ ନାହିଁ। ସେହିପରି ଟେଲି ସାନ୍ଦ୍ରତା କ୍ଷେତ୍ରରେ ମଧ୍ୟ ଓଡ଼ିଶା ଜାତୀୟ ସ୍ତରଠାରୁ ପଛରେ ରହିଛି। ଜାତୀୟସ୍ତରରେ ଟେଲି ସାନ୍ଦ୍ରତା ୯୧ପ୍ରତିଶତରୁ ଅଧିକ ଥିବା ବେଳେ ରାଜ୍ୟରେ ତାହା ୭୯.୫୮ପ୍ରତିଶତ ରହିଛି। ଏଭଳି ପରିସ୍ଥିତିରେ ଗ୍ରାମାଞ୍ଚଳରେ ରହୁଥିବା ଏହି ବର୍ଗର ଲୋକମାନେ କିଭଳି ନିଜର ପଞ୍ଜୀକରଣ କରିବେ ଓ ସେମାନଙ୍କୁ ଟିକାଦାନର ତାରିଖ ଦିଆଯିବ। ତେଣୁ ବିନା ପଞ୍ଜୀକରଣରେ କ'ଣ ଏହି ବର୍ଗର ଲୋକ ଟିକା ନେବାରୁ ବଞ୍ଚିତ ରହିଯିବେ ଏଭଳି ଧାରଣା ଏବେ ଲୋକମାନଙ୍କ ଭିତରେ ସୃଷ୍ଟି ହୋଇଛି।

ରାଜ୍ୟରେ ୧୮-୪୪ବର୍ଷର ୧କୋଟି ୯୩ଲକ୍ଷ ଲୋକ ରହିଥିବା ରାଜ୍ୟ ସରକାର କହିଛନ୍ତି। କରୋନା ସଂକ୍ରମଣ ବୃଦ୍ଧିକୁ ଦେଖି ରାଜ୍ୟ ସରକାର ଏହି ବର୍ଗର ଲୋକମାନଙ୍କୁ ଯଥାଶୀଘ୍ର ଟିକାକରଣ କରିବା ଲାଗି ପ୍ରସ୍ତୁତ ହୋଇଛନ୍ତି। 'କୋଭାକ୍ସିନ୍' ଟିକା ପ୍ରସ୍ତୁତ କରୁଥିବା ଭାରତ ବାଇଓଟେକ୍ ୧୦ଲକ୍ଷ ୩୪ ହଜାର ଡୋଜ୍ ଓ 'କୋଭିସିଲ୍‌ଡ'ର କୋଟିଏ ଡୋଜ୍ ପାଇଁ ଦୁଇ ଟିକା ଉତ୍ପାଦକଙ୍କୁ ସରକାର ଚିଠି ଲେଖିଛନ୍ତି। 'କୋଭାକ୍ସିନ୍' ଟିକା କେବଳ ଭୁବନେଶ୍ୱରରେ ଦିଆଯାଉଥିବା ବେଳେ ବଳକା ୧କୋଟି ଟିକା ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରଦାନ କରାଯିବ।

ରାଜ୍ୟ ଟିକାକରଣ ନୋଡାଲ ଅଧିକାରୀ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି, କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ସଂପର୍କରେ କୌଣସି ସୂଚନା ଦିଆଯାଇ ନାହିଁ। ଏବେ ଟିକା ନେବା ପାଇଁ ଲୋକମାନଙ୍କ ମଧ୍ୟରେ ଭିଡ଼ ଦେଖିବାକୁ ମିଳୁଛି। ତେଣୁ ଆଗକୁ ହୁଏତ କେନ୍ଦ୍ର ସରକାର ଟିକାଦାନ କେନ୍ଦ୍ରରେ ପଞ୍ଜୀକରଣ ପାଇଁ ଅନୁମତି ଦେଇପାରନ୍ତି। ହେଲେ ଏଯାଏ ସେଭଳି କୌଣସି ନିର୍ଦ୍ଦେଶନାମା ଆସି ନଥିବା ଡା. ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ନ୍ୟାୟ ମାଗିଲା ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘ



ଭୁବନେଶ୍ୱର ,୪/୫ (ନି.ପ୍ର): ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅସ୍ଥାୟୀ କର୍ମଚାରୀ ଦୀନବନ୍ଧୁ ମିଶ୍ରଙ୍କ ଆତ୍ମାହୁତିକୁ ନେଇ ଆନ୍ଦୋଳନ ତେଜିବାରେ ଲାଗିଛି। ବିଶ୍ୱବିଦ୍ୟାଳୟର କର୍ମଚାରୀମାନେ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ ଜାରି ରହିଥିବା ବେଳେ ଆଜି ନିଖିଳ ଓଡ଼ିଶା ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘ ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରସ୍ଥ ହୋଇଛି। ଘଟଣାର ଉପଯୁକ୍ତ ତଦନ୍ତ କରି ସ୍ୱର୍ଗତ ମିଶ୍ରଙ୍କ ପରିବାରକୁ ନ୍ୟାୟ ଦେବାକୁ ମହାସଂଘ ଦାବି ଜଣାଇଛନ୍ତି। ମହାସଂଘ ସଭାପତି ସାରଦା ଚରଣ ମହାନ୍ତି କୁଳାଧିପତିଙ୍କୁ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ସ୍ୱର୍ଗତ ମିଶ୍ର ଆତ୍ମାହୁତି ଦେଇନାହାନ୍ତି। ବରଂ ତାଙ୍କୁ ଏଭଳି କରିବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବାଧ୍ୟ କରିଛନ୍ତି। ତେଣୁ ତୁରନ୍ତ ଏଦିଗରେ ପଦକ୍ଷେପ ନିଆଯାଉ। କେବଳ ଦୀନବନ୍ଧୁ ନୁହନ୍ତି, ରାଜ୍ୟର ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟରେ ବି ଏଭଳି ସମସ୍ୟା ଲାଗିରହିଛି। ବିଶ୍ୱବିଦ୍ୟାଳୟ ଆଇନରେ ପରିବର୍ତ୍ତନ ନ ଆସିବା ଯାଏ ସମସ୍ୟାର ସମାଧାନ ହୋଇପାରିବ ନାହିଁ। ସଚିବାଳୟର ସମସ୍ତ ନୀତି ନିୟମ ବିଶ୍ୱବିଦ୍ୟାଳୟରେ ପ୍ରଚଳିତ ହେବ ବୋଲି ଷ୍ଟାଚ୍ୟୁଟ୍‌ରେ ଉଲ୍ଲେଖ ଥିବା ବେଳେ ତାହା କାର୍ଯ୍ୟକାରୀ ହୋଇପାରୁ ନଥିବାରୁ କର୍ମଚାରୀଙ୍କୁ ଏଭଳି ସମସ୍ୟାର ସାମ୍ନା କରିବାକୁ ପଡୁଛି। ଦୀର୍ଘ ବର୍ଷ ହେଲା ନିଯୁକ୍ତି ବନ୍ଦ ଥିବାରୁ ବିଶ୍ୱବିଦ୍ୟାଳୟଗୁଡ଼ିକ କର୍ମଚାରୀ ଶୂନ୍ୟ ହେବାକୁ ବସିଲାଣି। ଯଦି ଏଭଳି ଘଟଣାରେ କୁଳାଧିପତିଙ୍କର ହସ୍ତକ୍ଷେପ ନ ରହିବ ତା' ହେଲେ ଉଚ୍ଚଶିକ୍ଷା ଦୁର୍ବଳ ହୋଇପଡ଼ିବ। ଦୀନବନ୍ଧୁଙ୍କ ପରିବାରକୁ ଉଚିତ୍ ନ୍ୟାୟ ସମେତ ବିଶ୍ୱବିଦ୍ୟାଳୟରେ ସଚିବାଳୟ ନିୟମ ପାଳନ, ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦିଗରେ ପଦକ୍ଷେପ ନେବାକୁ ସେ ପତ୍ରରେ ଉଲ୍ଲେଖ କରିଛନ୍ତି।

# ୫ରୁ ବନ୍ଦ ରହିବ ରାଜ୍ୟ ସୂଚନା ଆୟୋଗ କାର୍ଯ୍ୟାଳୟ

ଭୁବନେଶ୍ୱର ,୪/୫ (ନି.ପ୍ର): ତୋଷାଳୀ ଭବନରେ କାର୍ଯ୍ୟରତ କିଛି କର୍ମଚାରୀ କରୋନା ସଂକ୍ରମିତ ହେବା ପରେ ରାଜ୍ୟ ସୂଚନା ଆୟୋଗ କାର୍ଯ୍ୟାଳୟକୁ ଆସନ୍ତା ୫ତାରିଖରୁ ୧୯ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ଲାଗି ନିଷ୍ପତ୍ତି ନେଇଛନ୍ତି। କମିସନରେ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କାର୍ଯ୍ୟାଳୟକୁ ବନ୍ଦ ରଖିବା ଲାଗି ରାଜ୍ୟ ମୁଖ୍ୟ ସୂଚନା କମିସନ ସୁନୀଲ ମିଶ୍ର ସୂଚନା ଦେଇଛନ୍ତି।

# ଲକ୍‌ଡାଉନ୍‌ରେ ସବୁ ଆହାର କେନ୍ଦ୍ର ଖୋଲା ରହିବ; ଆହାର କେନ୍ଦ୍ରରେ ଖାଇବା ମନା, କେବଳ ପାର୍ସଲ ଦିଆଯିବ

ଭୁବନେଶ୍ୱର,୪/୫ (ନି.ପ୍ର): ବୁଧବାରଠାରୁ ସାରା ରାଜ୍ୟରେ ଲକ୍‌ଡାଉନ୍ ଆରମ୍ଭ ହେବାକୁ ଯାଉଛି। ଏହା ୧୯ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ଦିନମାନଙ୍କରେ ଆହାର କେନ୍ଦ୍ରଗୁଡ଼ିକ ଖୋଲାରହିବ। କିନ୍ତୁ ଆହାର କେନ୍ଦ୍ରରେ କେହି ଖାଇବେ ନାହିଁ। ସେଠାରୁ ପାର୍ସଲ ଧରି ଆସିବେ। ସେହିପରି ସରକାରୀ ଆଇଆଇଟି ଓ ଆଇଆଇଏମ୍‌ର ହଷ୍ଟେଲଗୁଡ଼ିକ ଖୋଲାରହିବ। ଏହିସବୁ ହଷ୍ଟେଲରେ କୋଭିଡ ନିୟମ କଡ଼ାକଡ଼ି ଅନୁପାଳନ କରାଯିବ। ପିପିଲି ଉପନିର୍ବାଚନ ପାଇଁ ଭାରତ ନିର୍ବାଚନ କମିସନଙ୍କ ତରଫରୁ ମୁଖ୍ୟ ନିର୍ବାଚନ ଅଧିକାରୀ ଜାରି କରିଥିବା ନିର୍ଦ୍ଦେଶାବଳୀ ଅନୁପାଳନ କରିବାକୁ ଏସ୍‌ଆରସି ପ୍ରଦୀପ ଜେନା କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି।

# ଡ଼ଃ ତରୁଣ ଓଝାଙ୍କ 'ଭଞ୍ଜଭୂମିର ଦେଶେ'ର ପାଠକାର୍ପଣ

## ମୟୂରଭଞ୍ଜ ଓ କେଉଁଝରର ଅଲୌକିକ, ଅବର୍ଣ୍ଣନୀୟ, ପ୍ରତ୍ନତାତ୍ତ୍ୱିକ ବିଭବ ସବୁର ରକ୍ଷଣାବେକ୍ଷଣ ପାଇଁ ସଚେତନା ସୃଷ୍ଟି

ବାରିପଦା,୦୪/୦୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ହେଉଛି କଳା, ସଂସ୍କୃତି, ପର୍ଯ୍ୟଟନ କ୍ଷେତ୍ର, ଐତିହ ପରମ୍ପରାର ତୀର୍ଥକ୍ଷେତ୍ର। ଅପରାଜୟ ମୟୂରଭଞ୍ଜ ଗଡ଼, ଦେଶ ସ୍ୱାଧୀନ ପରେ ଓଡିଶା ରାଜ୍ୟ ସହିତ ମିଶ୍ରଣ ହୋଇ ମୟୂରଭଞ୍ଜ ଜିଲ୍ଲାକୁ ପରିବର୍ତ୍ତନ ହୋଇଛି। ମୟୂରଭଞ୍ଜ ମହାରାଜାଙ୍କ ସମୟରେ ମୟୂରଭଞ୍ଜ ଓ କେଉଁଝର ଗଡ଼ରେ ଅନେକ ଅଲୌକିକ, ଅବର୍ଣ୍ଣନୀୟ ସ୍ଥାନ ରହିଛି। ଦୁଇ ଜିଲ୍ଲାର ଅନେକ ଅବହେଳିତ ପ୍ରତ୍ନତାତ୍ତ୍ୱିକ ବିଭବ ସବୁର ରକ୍ଷଣାବେକ୍ଷଣ ପାଇଁ ସଚେତନା ସୃଷ୍ଟି ପାଇଁ ଏକ ପୁସ୍ତକରେ ପ୍ରୟାସ କରାଯାଇଛି। ମଙ୍ଗଳବାର ଅପରାହ୍ନରେ ବାରିପଦା ତକତପୁର ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବସାଙ୍କ କରୋକମଳରେ ଡ଼ଃ ତରୁଣ ଓଝାଙ୍କ



ଲିଖିତ 'ଭଞ୍ଜଭୂମିର ଦେଶେ' ଭ୍ରମଣ କାହାଣୀ ପୁସ୍ତକଟି କରୋନା କଟକଣାର ନିୟମ ମଧ୍ୟରେ ପାଠକାର୍ପଣ ହୋଇଯାଇଛି। ଏହି ଲୋକାର୍ପଣ ଉତ୍ସବରେ କୁଳପତି ଓ ଲେଖକଙ୍କ ସହିତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଅନୀଲ କୁମାର ବିଶ୍ୱାଳ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅଧକ୍ଷା ଡ଼ଃ ପୁଷ୍ପା ପାତ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ଡ଼ଃ ଅସୀମା ସାହୁ, ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ଅଧାପିକା ଡ଼ଃ ମିନତୀ ମଲ୍ଲିକ, ଆଇଆଇଟି ମୁମ୍ବାଇର ଗବେଷଣାରତ ଅମୃତା ଚିରଶ୍ମିତା ଏବଂ ଅନନ୍ୟା ମଧୁସ୍ମିତା ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ପୁସ୍ତକରେ ଲେଖକ ତାଙ୍କର ଅଧାପନା ସମୟରେ ଦୁଇ ଜିଲ୍ଲାରେ ଭଞ୍ଜଭୂମିର କଳା, ସଂସ୍କୃତି ଓ ପର୍ଯ୍ୟଟନ ସଂପର୍କରେ ଅଧ୍ୟୟନ ଓ ପର୍ଯ୍ୟବେକ୍ଷଣ କରିବାର ସୌଭାଗ୍ୟ ଲାଭ କରିଛି। ସ୍ୱ-ଅନୁଭୂତି ଓ ଅନୁଭବକୁ ଆଧାରକରି ସଂସ୍କୃତି ଓ ପର୍ଯ୍ୟଟନ ଉପରେ ସଚିତ୍ର ବିଜୟୀ, ସମ୍ବାଦ, କାଦମ୍ବିନୀ ତଥା ଅନ୍ୟ ପତ୍ରପତ୍ରିକାରେ ପ୍ରକାଶିତ ଲେଖାଗୁଡ଼ିକର ଏକ କ୍ଷୁଦ୍ର ସଙ୍କଳନ ପ୍ରକାଶନର ପ୍ରୟାସ ଏ ପୁସ୍ତକ। ସନ୍ନିବେଶିତ ଲେଖା ସମୂହ ଭଞ୍ଜ ଶାସିତ କେନ୍ଦୁଝର ଓ ମୟୂରଭଞ୍ଜ ସଂପର୍କିତ ହୋଇଥିବା ହେତୁ ପୁସ୍ତକର ନାମ 'ଭଞ୍ଜଭୂମିର ଦେଶେ' ରଖାଯାଇଥିବା ଲେଖକ ପ୍ରକାଶ କରିଛନ୍ତି। ଲେଖକ ଡ଼ଃ ଓଝା ବିଭିନ୍ନ ମହାବିଦ୍ୟାଳୟରେ ଅର୍ଥଶାସ୍ତ୍ର ପ୍ରାଧାପକ ଭାବେ କାର୍ଯ୍ୟକରିବା ସହିତ ମାନବ ସେବା ଓ ସଂସ୍କୃତି ପ୍ରତି ରୁଚି ରଖିଛନ୍ତି। ଓଡ଼ିଶାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ସାଂସ୍କୃତିକୀ'ର ପ୍ରତିଷ୍ଠାତା ସଭ୍ୟ ଓ 'ଇନ୍ଟାକ୍' ମୟୂରଭଞ୍ଜ ଚାପ୍ଟରର ଅଜୀବନ ସଦସ୍ୟ ଗ୍ରାମୀଣ କୃଷି ଭିତ୍ତିକ ଅର୍ଥନୀତି ତାଙ୍କର ଅଧନର କ୍ଷେତ୍ର, ଯାହା ତାଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା 'ବିଦ୍ୟା ବିଭୂଷଣ' ଉପାଧି ପ୍ରଦାନ କରାଇଛି। ସେବାଧର୍ମରେ ଅନୁପ୍ରାଣିତ ଡ. ଓଝା ସମାଜସେବା ଓ ରାଷ୍ଟ୍ର ଗଠନ ପାଇଁ ଶ୍ରେଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଭାବେ ରାଜ୍ୟ ସ୍ତରରେ ଏକାଧିକ ବାର ଉଚ୍ଚ ପ୍ରଶଂସିତ ହୋଇ ବିଭିନ୍ନ ସମୟରେ ପୁରସ୍କୃତ ହୋଇଛନ୍ତି। ବିଗତ ଦିନମାନଙ୍କରେ ସାରସ୍ୱତ ସାଧନାର ସ୍ୱାକ୍ଷର ବହନ କରି ଅନେକ ପତ୍ରପତ୍ରିକାରେ ତାଙ୍କର ପ୍ରବନ୍ଧମାନ ପ୍ରକାଶ ପାଇ ତାଙ୍କ ପାଇଁ ପାଠକୀୟ ଆଦୃତି ଆଣି ଦେବା ସଙ୍ଗେ ସଙ୍ଗେ ତାଙ୍କ ବ୍ୟକ୍ତିମାନସରେ ଆତ୍ମଗୋପନ କରିଥିବା ଜଣେ ଗବେଷଣା ପ୍ରବଣ, ଅନିସନ୍ଧିତ୍ସୁ ପ୍ରାବନ୍ଧିକର ପରିଚୟ ପ୍ରଦାନ କରିଛି।

### ଗଞ୍ଜାମ ଜିଲ୍ଲାରେ ନୂଆ ୬୯ କରୋନା ପଜିଟିଭ୍ ଚିହ୍ନଟ

ଗଞ୍ଜାମ,୦୪/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଆଜି ନୂଆ ୬୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ଗତକାଲି ୧୭୪ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଏଥିସହିତ ଜିଲ୍ଲାରେ କରୋନାର ଦ୍ୱିତୀୟ ଲହରରେ ମୃତ୍ୟୁ ସଂଖ୍ୟା ୧୨ ରହିଥିବା ବେଳେ ବର୍ତମାନ ସୁଦ୍ଧା ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨୬୦ ରହିଛି । ପ୍ରକାଶ ଥାଉକି, ଗଞ୍ଜାମ ଜିଲ୍ଲାରେ ଗତକାଲି ୨୬୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ । ୨୪ ଘଂଟା ମଧ୍ୟରେ ପଜିଟିଭ୍ ସଂଖ୍ୟାରେ ହ୍ରାସ ଘଟିଥିବା ଜଣାପଡିଛି ।

## ଆବଶ୍ୟକ ଶିକ୍ଷାର୍ଥୀ ନଥିବା ବିଦ୍ୟାଳୟ ବନ୍ଦ ନିର୍ଦ୍ଦେଶକୁ ଉଚ୍ଚ ନ୍ୟାୟାଳୟରେ ରଦ୍ଦ : ସାଧାରଣରେ ଖୁସି

ଜଳେଶ୍ୱର, ୪/୫ (ନିପ୍ର) : ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ସରକାରଙ୍କ ନିତୀ ନିୟମ ଅନୁଯାୟୀ ଆବଶ୍ୟକ ଛାତ୍ରଛାତ୍ରୀ କୌଣସି ବିଦ୍ୟାଳୟରେ ନଥିଲେ ସେହି ବିଦ୍ୟାଳୟକୁ ବନ୍ଦ କରାଯିବାର ନିର୍ଦ୍ଦେଶ ହୋଇଥିଲା । କିନ୍ତୁ ପରିଚାଳନା କମିଟି ତଥା ଅଭିଭାବକ ମହାସଂଘ ପକ୍ଷରୁ ଉଚ୍ଚ ନ୍ୟାୟାଳରେ ଏକ ମାମଲା ରୁଜୁ ହୋଇଥିଲା । ଏଥିରେ ସ୍କୁଲ ଗୁଡିକ ବନ୍ଦ କରାଯାଇପାରିବ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଥିବା ସଂପର୍କରେ ଆଜି ରାଜ୍ୟ ଅଭିଭାବକ ମହାସଂଘର ପ୍ରତିଷ୍ଠାତା ଅଧ୍ୟକ୍ଷ ସୁଦର୍ଶନ ଦାସ ଆଜି ସୂଚନା ଦେଇଛନ୍ତି । ଘଟଣାରୁ ପ୍ରକାଶ ସରକାରଙ୍କ ନିଷ୍ପତ୍ତି ପରେ ଜଳେଶ୍ୱର ଶିକ୍ଷା ଜିଲାର ଘଳେଇ, ନାଗେଶ୍ୱରପୁର, ଚକ୍ରଡା, ମଣିପାଟଣା, ଚକବିଷ୍ଣୁ , ବାଉଁଶବଣି, ପ୍ରିୟବାଗ, ଶାହାପୁର, ନେତୁଆ ଓ ବେଲବାରିଆ ବିଦ୍ୟାଳୟରେ ସରକାରୀ ନିତୀ ଅନୁସାରେ କମ୍ ଛାତ୍ରଛାତ୍ରୀ ଥିବାରୁ ଏହି ବିଦ୍ୟାଳୟ ଗୁଡିକୁ ନିକଟସ୍ଥ ଅନ୍ୟ ଗାଁର ବିଦ୍ୟାଳୟ ସହିତ ମିଶ୍ରଣ କରିବାକୁ ନିର୍ଦ୍ଦେଶ ଥିଲା । ଫଳରେ ବେଲବାରିଆକୁ ବାଦ୍ ଦେଇ ଅନ୍ୟ ସମସ୍ତ ବିଦ୍ୟାଳୟ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ହୋଇଛି ବୋଲି ଆଜି ଜଳେଶ୍ୱର ଏବିଇଓ ଲଲାଟେନ୍ଦୁ ଜେନା କହିଛନ୍ତି । ପୂର୍ବରୁ ଉପରୋକ୍ତ ବିଦ୍ୟାଳୟର ପରିଚାଳନା କମିଟି ଜିଲାପାଳଙ୍କୁ ଅବଗତ କରାଇଥିବାରୁ ଜଳେଶ୍ୱରର ବିଡିଓ ଏ ସବୁ ସମ୍ପର୍କରେ ତଦନ୍ତ କରିଥିଲେ । ଏ ସମ୍ପର୍କରେ ରାଜ୍ୟ ଅଭିଭାବକ ମହାସଂଘ ଓ ନିର୍ଦ୍ଦିଷ୍ଟ ସ୍କୁଲର ପରିଚାଳନା କମିଟି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଏପରି ଏକ ସରକାରୀ ନିର୍ଦ୍ଦେଶକୁ ଉଚ୍ଚ ନ୍ୟାୟାଳୟ ରଦ୍ଦ କରିଥିବାରୁ ସାଧାରଣରେ ଖୁସି ପ୍ରକାଶ ପାଇଛି ।

### ୨୪ ଘଂଟାରେ ୬୧୬୪ ସୁସ୍ଥ

ଭୁବନେଶ୍ୱର,୦୪/୦୫ (ନି.ପ୍ର): ରାଜ୍ୟରେ ମଙ୍ଗଳବାର ଦିନ ୬୧୬୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ବର୍ତମାନ ସୁଦ୍ଧା ୪୧୦୨୨୭ ଜଣ କରୋନା ରୋଗୀ ସୁସ୍ଥ ହୋଇସାରିଲେଣି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଟ୍ୱିଟ୍ କରି ଏହି ସୂଚନା ଦେଇଛି । ସୁସ୍ଥ ହୋଇଥିବା କରୋନା ଆକ୍ରାନ୍ତଙ୍କ ଭିତରୁ ଖୋର୍ଦ୍ଧାରୁ ସର୍ବାଧିକ ୮୯୩ ଜଣ ଅଛନ୍ତି। ସେହିପରି ସୁନ୍ଦରଗଡ଼ରୁ ୭୮୧, ଝାରସୁଗୁଡ଼ାରୁ ୫୫୭, ନୂଆପଡ଼ାରୁ ୪୪୮, କଟକରୁ ୩୪୨, କଳାହାଣ୍ଡିରୁ ୩୨୦, ବରଗଡ଼ରୁ ୨୯୮, ସମ୍ବଲପୁରରୁ ୨୭୯, ନବରଙ୍ଗପୁରରୁ ୨୨୯,ଗଂଜାମରୁ ୨୧୬, ଯାଜପୁରରୁ ୧୮୯, ମୟୁରଭଂଜରୁ ୧୮୦, ପୁରୀରୁ ୧୪୩, ଅନୁଗୋଳରୁ ୧୦୭, ବାଲେଶ୍ୱରରୁ ୧୦୧, ବଲାଙ୍ଗିରରୁ ୯୮, କୋରାପୁଟରୁ ୯୨ , କେନ୍ଦୁଝରରୁ ୮୯, ଜଗତସିଂହପୁରରୁ ୮୭, ଭଦ୍ରକରୁ ୮୬, ନୟାଗଡ଼ରୁ ୮୫ ଜଣ ସୁସ୍ଥ ହୋଇଥିବା ସୂଚନା ଦିଆଯାଇଛି।

## ଦରଦାମ୍ ବୃଦ୍ଧି ଓ କଳାବଜାରୀ ରୋକିବାକୁ ମୁଖ୍ୟ ଶାସନ ସଚିବଙ୍କୁ ସମାଜବାଦୀ ପାର୍ଟିର ଚିଠି

ଭୁବନେଶ୍ୱର,୦୪/୦୫ (ନି.ପ୍ର): ଦୁଇ ସପ୍ତାହର ଲକଡ଼ାଉନ ଓ ବଙ୍ଗୋପ ସାଗରରେ ଏକ ବାତ୍ୟାର ଗୁଜବ ଯୋଗୁ ସାଧାରଣ ଲୋକ ଛାନିଆ ହୋଇ ଅନେକ ଜାଗାରେ ଜିନିଷ ପତ୍ର କିଣିବାରେ ଲାଗିଛନ୍ତି। ସାଧାରଣ ଲୋକ ଛାନିଆରେ ବଜାରରୁ ଆଳୁ, ପିଆଜି, ଚାଉଳ, ଡ଼ାଲି, ତେଲ ଓ ପନିପରିବା ସବୁ କିଣି ମହଜୁଦ କରିବା ପାଇଁ ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି। ଅସାଧୁ ବେପାରୀମାନେ ତାର ସୁଯୋଗ ନେଇ ହଠାତ୍ ଦରଦାମ ବଢାଇ ଦେଇଛନ୍ତି। କିଛି କିଛି ଜାଗାରେ ଆଳୁ, ପିଆଜ ଭଳି ନିତିଦିନିଆ ଖାଦ୍ୟପଦାର୍ଥ କୃତ୍ରିମ ଅଭାବ ସୃଷ୍ଟି ହୋଇଛି। ବହୁଲୋକ ଠେଲାପେଲା ହୋଇ ନିଜ ନିଜ ଗାଁକୁ ଫେରିଯିବା ପାଇଁ ବସ୍‌ଷ୍ଟାଣ୍ଡ ଏବଂ ରେଳଷ୍ଟେସନରେ ଜମା ହେଉଛନ୍ତି। ସେଠାରେ କେହି କରୋନା କଟକଣାକୁ ମାନୁନାହାଁନ୍ତି। ରାଜ୍ୟ ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଦରଦାମ ବୃଦ୍ଧି ରୋକିବା ସଙ୍ଗେ ସଙ୍ଗେ କଳାବଜାରୀମାନଙ୍କୁ ଦୃଢ ହସ୍ତରେ ଦମନ କରିବାକୁ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଆଜି ଏକ ଚିଠି ଲେଖି ମୁଖ୍ୟ ଶାସନ ସଚିବଙ୍କ ପାଖରେ ଦାବି କରିଛନ୍ତି।

## ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଜମିରେ ବେଆଇନ୍ ପୋଖରୀ ଖୋଳା ଓ ମାଟି ବିକ୍ରି

ଧାମନଗର,୦୪/୦୫ (ନି.ପ୍ର): ଧାମନଗର ବ୍ଲକର ବିଭିନ୍ନ ଅଂଚଳରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଜମି ଉପରେ ଏବେ ଜବରଦଖଲକାରୀ ଓ ମାଟି ମାଫିଆଙ୍କ ନଜର ପଡ଼ିଛି। କେଉଁଠି ଜଗନ୍ନାଥଙ୍କ ଅମୃତମଣୋହି ଜମିରେ ପୋଖରୀ ଖୋଳାଯାଇଛିତ କେଉଁଠି ଗୋଚର ଜମିରୁ ଜେସିବି ମାଧ୍ୟମରେ ରାତିରେ ଝେରାରେ ମାଟି ବିକ୍ରି ହେଉଛି । ଏଭଳି ଅଭିଯୋଗ ଆସିଛି ଧାମନଗର ତହସିଲ ରାଧାବଲ୍ଲଭପୁର ରାଜସ୍ୱ ସର୍କଲ ଅନ୍ତର୍ଗତ ବନ୍ଧଟିଆ, ଗୁମୁଗଡ଼ ଓ ତା'ର ଆଖପାଖ ଅଂଚଳରୁ। କିଛି ବ୍ୟକ୍ତି ଚଂଚକତା କରି ମତ୍ସ୍ୟବିଭାଗ



ଓ ମୃର୍ତିକା ସଂରକ୍ଷଣ ବିଭାଗ ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟରୁ ସବ୍‌ସିଡ଼ିରେ ପୋଖରୀ ଖୋଳିବାପାଇଁ କାର୍ଯ୍ୟାଦେଶ ଆଣି ଜଗନ୍ନାଥ ମହାପ୍ରଭୁଙ୍କ ଜମିରେ ପୋଖରୀ ଖୋଳିଛନ୍ତି। ଭଦ୍ରକ ଜିଲ୍ଲାର ୭ଟି ବ୍ଲକ ଅଂଚଳରେ ଜଗନ୍ନାଥ ମହାପ୍ରଭୁଙ୍କର ରହିଛି ୮ହଜାର ଏକରରୁ ଅଧିକ ଜମି । ସେଥିରୁ ମାତ୍ର ୨ହଜାର ୮ଶହ ଏକର ଜମି ସରକାରୀ ସ୍ତରରେ ଚିହ୍ନଟ ହୋଇଛି । କେତେକ ସ୍ଥାନରେ ରାଜଭୋଗ ନିୟମ ଅନୁସାରେ ପ୍ରଜା ମାନଙ୍କୁ ଦେବୋତର ସମ୍ପତି ଦିଆଯାଇଥିବାବେଳେ ସେଥିରେ ପୋଖରୀ ଖୋଳିବା ନିୟମ ନାହିଁ। ଏ ସମ୍ପର୍କରେ ମୃର୍ତିକା ସଂରକ୍ଷଣ ଉପନିର୍ଦ୍ଦେଶକ ଭଦ୍ରକଙ୍କୁ ପଚାରିବାରୁ ଯଦି ଏହା ସତ୍ୟ ହୋଇଥାଏ ତେବେ ତଦନ୍ତପରେ ସମ୍ପୃକ୍ତ ହିତାଧିକାରୀଙ୍କ ଠାରୁ ରିହାତି ଅର୍ଥ ଫେରାଇ ନିଆଯିବବୋଲି କହିଛନ୍ତି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ପଚାରିବାରୁ ଜଗନ୍ନାଥଙ୍କ ଜମିରେ ପୋଖରୀ ଖୋଳାସରିଛି ବୋଲି ସ୍ୱୀକାର କରିଥିବାବେଳେ ପଦକ୍ଷେପ ନିମନ୍ତେ ଅସହାୟତା ପ୍ରକାଶ କରିଛନ୍ତି। ତେବେ ଜମି ମାଫିଆ ମାନେ କାହା ଆଦେଶରେ ଜଗନ୍ନାଥଙ୍କ ଜମିରେ ପୋଖରୀ ଖୋଳିବା ସହ ମାଟି ବିକ୍ରି କରୁଛନ୍ତି । ଏନେଇ ଜଗନ୍ନାଥ ପ୍ରେମୀଙ୍କ ମନରେ ଗଭୀର ଆଘାତ ସୃଷ୍ଟି ହୋଇଛି । କର୍ତ୍ତୃପକ୍ଷ ଏ ସମ୍ପର୍କରେ ତୁରନ୍ତ ତଦନ୍ତ ପୂର୍ବକ ପଦକ୍ଷେପ ନେଇ ବେଆଇନ୍ ଜବରଦଖଲକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଧାମନଗର- କୋଠାର ରାସ୍ତା ପାର୍ଶ୍ୱରେ ଥିବା ଜଗନ୍ନାଥଙ୍କ ଜମିରେ ପୋଖରୀ ଖୋଳାଯିବା ସହ ବୟାଂଡ଼ିହ ପଂଚାୟତ କାର୍ଯ୍ୟାଳୟ ପଛପଟ ଗୋଚର ପଡ଼ିଆରେ ଜେସିବି ମାଧ୍ୟମରେ ଶହ ଶହ ଟ୍ରିପ ମାଟି ଖୋଳାଯାଇ ବିକ୍ରି ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ନିରବତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପରଂପରା ଭଙ୍ଗ କରି ୨ୟ ଶ୍ରୀକ୍ଷେତ୍ର ବାରିପଦାରେ ରଥଯାତ୍ରା ବନ୍ଦ ନହେଉ, ସାମ୍ପ୍ରତିକ ପରିସ୍ଥିତିକୁ ଦେଖି କଟକଣା ଭିତରେ ପାଳନ ହେଉ ରଥଯାତ୍ରା

ବାରିପଦା,୦୪/୦୫ (ନି.ପ୍ର): ସମଗ୍ର ଭାରତ ବର୍ଷରେ ଅଦ୍ୱିତୀୟ ଶ୍ରୀ ଜଗନ୍ନାଥ ସଂସ୍କୃତି ବିଶ୍ୱ ବିଦିତ କହିଲେ ଅତ୍ୟୁକ୍ତି ହେବନହିଁ । ବିଶେଷତଃ ଶ୍ରୀକ୍ଷେତ୍ର ପୁରିର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଶ୍ରୀଗୁଣ୍ଡିଚା ଯାତ୍ରାର ପରମ୍ପରା ସହିତ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଶ୍ରୀ ହରିବଳଦେବ ଜୀଉଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ମଧ୍ୟରେ ବିଶେଷ କିଛି ପାର୍ଥକ୍ୟ ନାହିଁ ବୋଲି ବିଚାର କରାଯାଏ । ବିଶେଷତ ବିଭିନ୍ନ ସମୟରେ ଶ୍ରୀକ୍ଷେତ୍ର ପୁରିରେ ଯବନ ମାନଙ୍କର ଆକ୍ରମଣରୁ ରଥଯାତ୍ରା ବନ୍ଦ ରହିଥିବା ବେଳେ ୨ୟ ଶ୍ରୀକ୍ଷେତ୍ର ରେ ୧୫୭୫ ମସିହା ଠାରୁ ଅନବରତ ଭାବେ ବାର୍ଷିକ ଶ୍ରୀଗୁଣ୍ଡିଚା ଯାତ୍ରା ସ୍ୱତନ୍ତ୍ର ରୀତିନିତିରେ ପାଳିତ ହୋଇ ଆସୁଥିବା ବେଳେ, ବିଗତ ୨୦୨୦ ମସିହାରେ କରୋନା ମହାମାରୀ ଜନିତ କଟକଣା ପାଇଁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଘୋଷଯାତ୍ରା ପରମ୍ପରା ଭଙ୍ଗ ହୋଇ ସଂପୂର୍ଣ୍ଣ ରୂପେ ବନ୍ଦ ହୋଇଗଲା । ରଥଯାତ୍ରା ବଦଳରେ ଏକ ବିକଳ୍ପ ବ୍ୟବସ୍ଥାରେ ବିଧି ପାଳନ କରାଗଲା । ଏହାକୁ ଲକ୍ଷ ଲକ୍ଷ ଭକ୍ତ କେବଳ ପ୍ରଭୁଙ୍କ ଇଛା ବୋଲି ମାନିନେଇ ଥିଲେ । ତେବେ ଚଳିତ ୨୦୨୧ ରଥ ଯାତ୍ରାର ବିଧି ଆରମ୍ଭ ସମୟ ପାଖେଇ ଆସୁଥିବା ବେଳେ କରୋନା ମହାମାରୀର ୨ୟ ଲହର ସାରା ଦେଶରେ ଆରମ୍ଭ ହୋଇ ଯାଇଛି । ତେବେ ୨ୟ ଶ୍ରୀକ୍ଷେତ୍ର ବାରିପଦାର ପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତି ବିଷୟରେ କୌଣଷି ସୂଚନା ସର୍ବ ସାଧାରଣରେ ଜଣା ଯାଇନଥିବା ବେଳେ ଶ୍ରୀ ଜଗନ୍ନାଥଙ୍କ ଭକ୍ତ ସମାଜ ଦ୍ୱନ୍ଦରେ ରହିଛନ୍ତି । ତେବେ ପରଂପରା ମୁତାବକ ଅକ୍ଷୟ ତୃତୀୟା ଠାରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉଥିବା ବେଳେ, ସମୟ ସନ୍ନିକଟ ହେଲାଣି । ଏଣୁ ଚଳିତ ବର୍ଷ ରଥ ଯାତ୍ରା ପାଇଁ ବିଧିମତେ ସମସ୍ତ ନିତିନିୟମ କରାଯାଇ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରାଯିବା ଏବଂ ତତ୍କାଳୀନ ପରିସ୍ଥିତିକୁ ଧ୍ୟାନରେ ରଖି ସେତେବେଳେ ଯେଭଳି ପରିସ୍ଥିତି ଥିବ ସେହିଭଳି କୋଭିଡ କଟକଣା ମଧ୍ୟରେ ଚଳିତ ବର୍ଷ ରଥଯାତ୍ରା ପାଳନ କରାଯିବା ନିମନ୍ତେ ଜିଲ୍ଲାର ଓଡିଆ ଜାଗରଣ ମଂଚ, ପ୍ରତିଶୃତି ପ୍ରତିଷ୍ଠାନ, ମୟୁରଭଞ୍ଜ ସାହିତ୍ୟ ପରିଷଦ, ମା ଅମ୍ବିକା ମହିଳା ମଣ୍ଡଳ ଫେଡେରେସନ, ନନ୍ଦିଘୋଷ ସାହିତ୍ୟ ସମାଜ, ବୋଇତ ବନ୍ଦାଣ ମହୋତ୍ସବ, ବିନୋରୀ ଓ୍ୱେଲଫେୟାର ଅରଗାନାଇଜେସନ୍, ଲେଖକ ଲେଖିକା ସଂଗଠନ , ବ୍ରହ୍ମାନନ୍ଦ ସାହିତ୍ୟ ପ୍ରତିଷ୍ଠାନ, ଉତ୍ତର ଓଡ଼ିଶା ଉପାନ୍ତ ସାହିତ୍ୟ ସମ୍ମିଳନୀ, ପ୍ରମୁଖ ବହୁ ସାମାଜିକ ଓ ସାଂସ୍କୃତିକ ସଂଗଠନ ପକ୍ଷରୁ ପ୍ରସାଶନକୁ ଅନୁରୋଧ କରାଯାଇଥିବାର ଜଣାଯାଇଛି । ବିଗତ ବର୍ଷ ନୂଆକରି କରୋନା ମହାମାରୀ ଆସିଥିବାରୁ ସରକାର ତତ୍କାଳୀନ ନିଷ୍ପତି ନେଇ ରଥ ଯାତ୍ରା ବନ୍ଦ କରିଥିଲେ ମାତ୍ର ଚଳିତ ବର୍ଷ ଟୀକାକରଣ ଚାଲିଥିବାରୁ ଏବଂ କରୋନା ମୁକାବିଲା ପାଇଁ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ହୋଇ ପାରିଥିବାରୁ ପ୍ରସାଶନିକ ଇଛା ଶକ୍ତି ରହିଲେ କଟକଣା ଭିତରେ ମଧ ଅନ୍ୟ କାର୍ଯ୍ୟକ୍ରମ ଭଳି ୨ୟ ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ପାରମ୍ପାରିକ ରଥଯାତ୍ରା ସମାପନ ହୋଇ ପାରିବ ବୋଲି ଉପରୋକ୍ତ ଅନୁଷ୍ଠାନ ଗୁଡିକର କର୍ମକର୍ତ୍ତା ଶରତ ଚନ୍ଦ୍ର ନାୟକ, ପଦ୍ମନାଭ ସାହୁ, ନରେନ୍ଦ୍ର ମୋହନ ସେନାପତି, ଭାଗବତ ପଣ୍ଡା, ଜ୍ଞାନ ରଂଜନ ତ୍ରିପାଠୀ, ସାବିତ୍ରୀ ରାଉତ, ଉଗ୍ରେଶ୍ୱର ବେହେରା, ଅଜିତ କୁମାର ପାଣିଗ୍ରାହୀ, ପିତାମ୍ବର ମଲ୍ଲିକ, ସଞ୍ଜିବ ସାହୁ, ରାଜେନ୍ଦ୍ର ବିନ୍ଧାଣୀ ପ୍ରମୁଖ ମତ ରଖିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ମନୋଜ ଦାସଙ୍କ ସ୍ମୃତିରେ....

ଏବଂ ତାହାକୁ ପ୍ରଥିତଯଶା ଭାତୃଦ୍ୱୟ ପ୍ରଫେସର ମନ୍ମଥ ନାଥ ଦାସ ଓ ମନୋଜ ଦାସ, ଏହି ଦୁଇ ଭାଇଙ୍କ ନାମରେ 'ମନ୍ମଥ-ମନୋଜ ସ୍ମାରକୀ' ଭାବରେ ଘୋଷଣା କରାଯିବ। ସେଠାରେ ଉଭୟ ମନ୍ମଥ ନାଥ ଦାସ ଓ ମନୋଜ ଦାସଙ୍କ ଦ୍ୱାରା ଇତିହାସ ଓ ସାହିତ୍ୟ ଉପରେ ଲିଖିତ ସମସ୍ତ ପୁସ୍ତକକୁ ରଖାଯାଇ ଏକ ଲାଇବ୍ରେରୀ ମଧ ସ୍ଥାପନ କରାଯିବ। ବାସଭାବନ ପରିସରରେ ଥିବା ମନ୍ଦିରର ସଂରକ୍ଷଣ ମଧ କରାଯିବ। ସ୍ୱର୍ଗତ ମନୋଜ ଦାସଙ୍କର ସ୍ମୃତିରେ ଉତ୍କଳ ପ୍ରସଙ୍ଗ, ଓଡିଶା ରିଭ୍ୟୁ ଏବଂ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ କୋଣାର୍କ ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ କରାଯିବ।

## ସ୍କୁଲ ମିଶ୍ରଣକୁ ନେଇ ସରକାରଙ୍କୁ ....

ସ୍କୁଲରେ ମିଶ୍ରଣ ନେଇ ବିଜ୍ଞପ୍ତି ନିଷ୍ପତ୍ତି ନିଆଯାଇଥିଲା । ରାଜ୍ୟର ସମସ୍ତ ଜିଲ୍ଲାରେ ଏହି ପ୍ରକ୍ରିୟା ଆରମ୍ଭ ପରେ ଏହି ପ୍ରସଂଗ ନେଇ ହାଇକୋର୍ଟରେ ଶତାଧିକ ମାମଲା ଦାୟର ହୋଇଥିଲା । ମାମଲା ଗୁଡ଼ିକରେ ମୁଖ୍ୟତଃ ଅଭିଯୋଗ କରାଯାଇଥିଲା ଯେ ଓଡ଼ିଶା ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ନିୟମାବଳୀର ଉଲ୍ଲଂଘନ କରି ସ୍କୁଲ ମିଶ୍ରଣ ସଂପର୍କିତ ନିଷ୍ପତ୍ତି ନିଆଯାଇଥିଲା । ନିୟମ ଅନୁସାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପିଲାମାନଙ୍କ ପାଇଁ ଚାଲିବା ଦୂରତା ୧କି.ମି. ଭିତରେ ସ୍କୁଲ ରହିବା କଥା । କିନ୍ତୁ ଏହି ନିୟମକୁ ଅଣଦେଖା କରାଯାଇ ବହୁ ସ୍କୁଲର ମିଶ୍ରଣ ପାଇଁ ନିଷ୍ପତ୍ତି ନିଆଯାଇଥିବା ଅଭିଯୋଗ ହୋଇଥିଲା । ଏପରି ନିଷ୍ପତ୍ତି ଦ୍ୱାରା ହଜାର ହଜାର କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଶିକ୍ଷା ଗ୍ରହଣ ବାଧାପ୍ରାପ୍ତ ହେବ । ଭୌଗୋଳିକ ସ୍ଥିତି, ମିଶ୍ରଣ ପରେ ଛାତ୍ରଛାତ୍ରୀଙ୍କ ପାଇଁ ସୃଷ୍ଟି ହେବାକୁ ଥିବା ସମସ୍ୟା ଓ ଅନ୍ୟାନ୍ୟ ପ୍ରସଂଗକୁ ବିଚାରକୁ ନ ନେଇ ମିଶ୍ରଣ ପ୍ରସଂଗରେ ପଦକ୍ଷେପ ଗ୍ରହଣ କରାଯାଇଛି । ସ୍କୁଲ ମିଶ୍ରଣ ପ୍ରସଂଗରେ ଚୂଡାନ୍ତ ନିଷ୍ପତ୍ତି ପୂର୍ବରୁ ଅଭିଭାବକ, ସ୍ଥାନୀୟ ଜନ ପ୍ରତିନିଧି ଓ ପ୍ରଭାବିତ ହେବାକୁ ଥିବା ପକ୍ଷମାନଙ୍କ ମତାମତ ନିଆ ଯିବା କଥା । କିନ୍ତୁ ଏପରି କରାଯାଉ ନାହିଁ । ସରକାରୀ ସ୍କୁଲ ବନ୍ଦ ସଂପର୍କିତ ନିଷ୍ପତ୍ତି ପ୍ରତ୍ୟାହାର କରାଯାଉ ବୋଲି ଏହି ସବୁ ଆବେଦନରେ ଦର୍ଶାଯାଇଥିଲା। ହାଇକୋର୍ଟ ଏ ସଂପର୍କିତ ମାମଲା ଗୁଡିକର ଶୁଣାଣି କରି ବିଦ୍ୟାଳୟ ଓ ଗଣଶିକ୍ଷା ସଚିବଙ୍କ ସହିତ ଅନ୍ୟପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିବା ସହିତ ସ୍କୁଲ ମିଶ୍ରଣ ପ୍ରସଂଗରେ ସ୍ଥିତାବସ୍ଥା ଜାରି କରିଥିଲେ। ଗତ ମାର୍ଚ୍ଚ ୯ରେ ଗଣଶିକ୍ଷା ବିଭାଗ ପକ୍ଷରୁ ମାମଲା ଗୁଡିକରେ ଜବାବ ଦାଖଲ କରାଯାଇଥିଲା। ଏହାପରେ ସରକାରଙ୍କ ଜବାବ ଉପରେ ଆବେଦନକାରୀଙ୍କ ପକ୍ଷରୁ ପ୍ରତିଜବାବ ମଧ ଦାଖଲ କରାଯାଇଥିଲା।

## ପଶ୍ଚିମବଙ୍ଗରେ ଟିଏମସି କର୍ମୀଙ୍କ....

ରାଜ୍ୟ ପ୍ରଶାସନ ଆଖି ବନ୍ଦ କରି ବସି ରହିଛି । ନିର୍ବାଚନ ଫଳାଫଳ ଘୋଷଣା ହେବାର ୨୪ ଘଂଟା ଭିତରେ ବିଜେପିର କାର୍ଯ୍ୟକର୍ତାଙ୍କୁ ହତ୍ୟା କରାଯାଇଛି । ବହୁତ ସଂଖ୍ୟରେ କାର୍ଯ୍ୟକର୍ତାମାନେ ଗୁରୁତର ଭାବେ ଆହତ ହୋଇଛନ୍ତି । ବିଜେପିର ଜିଲ୍ଲା ଓ ସ୍ଥାନୀୟ କାର୍ଯ୍ୟାଳୟକୁ ପୋଡି ଦିଆଯାଇଛି । ଏପରିକି ବିଜେପି କାର୍ଯ୍ୟକର୍ତାଙ୍କ ଦୋକାନ ଘର ଓ ବାସଗୃହ ନିଆଁରେ ଜଳାଇ ଦିଆଯାଇଛି। ଭାରତୀୟ ଜନତା ପାର୍ଟୀ ଏଭଳି ହିଂସାକାଣ୍ଡକୁ ଦୃଢ ନିନ୍ଦା କରୁଛି ଏବଂ ଏଭଳି ହିଂସାକାଣ୍ଡ ତୁରନ୍ତ ବନ୍ଦ ହେବା ଆବଶ୍ୟକ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ତୃଣମୂଳ କଂଗ୍ରେସ ପାର୍ଟୀର ପ୍ରତ୍ୟକ୍ଷ ପ୍ରରୋଚନାରେ ପଶ୍ଚିମବଙ୍ଗରେ ଜାରୀ ରହିଥିବା ହିଂସାର ତାଣ୍ଡବ ପରିପ୍ରେକ୍ଷୀରେ ବାସ୍ତବ ସ୍ଥିତି ଅନୁଧ୍ୟାନ ପାଇଁ ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା ଆଜିଠୁ ୨ ଦିନିଆ ପଶ୍ଚିମବଙ୍ଗ ଗସ୍ତରେ ଅଛନ୍ତି । ଏହି ଅବସରରେ ହିଂସାରେ ପ୍ରଭାବିତ ବିଜେପି କାର୍ଯ୍ୟକର୍ତା ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟି ପ୍ରଜାତାନ୍ତ୍ରିକ ପଦ୍ଧତିରେ ବିରୋଧ କରିବେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

## ଆଜିଠୁ ସାରା ରାଜ୍ୟରେ ....

ବୈଦ୍ୟୁତିକ, ମୁଦ୍ରିତ ଏବଂ ୱେବ ମିଡିଆକୁ ଅନୁମତି। ପେଟ୍ରୋଲ ପମ୍ପ ଓ ରୋଷେଇ ଗ୍ୟାସ ଯୋଗାଣକୁ ଅନୁମତି ରହିବା ସହ ସମ୍ପୂର୍ଣ୍ଣ କଟକଣା ମୁକ୍ତ ରହିବ ଚାଷ ସମ୍ପର୍କିତ କାର୍ଯ୍ୟକ୍ରମ । ଇଲେକ୍ଟ୍ରିସିଆନ,ମୋଟର ମେକାନିକ, ପାଇପ ମିସ୍ତ୍ରୀ ସେବା ଯୋଗାଇ ପାରିବେ। ସେହିପରି ଲକଡାଉନ ସମୟରେ ଯାତ୍ରୀବାହୀ ବସ ଚଳାଚଳ ଉପରେ କଟକଣା ରହିବ । ସେହିପରି ଅଟୋ ରିକ୍ସା, ଟ୍ୟାକ୍ସି, କ୍ୟାବ ଚଳାଚଳ ଉପରେ କଟକଣା ରହିବ । ସମସ୍ତ ଶିକ୍ଷାନୁଷ୍ଠାନ ଓ କୋଚିଂ ସେଂଟର ବନ୍ଦ ରହିବ । ସିନେମା ହଲ୍, ମଲ୍, ଜିମ୍, ସୁଇମିଂ ପୁଲ, ପାର୍କ ଓ ବାର ବନ୍ଦ ରହିବ । ବିବାହ କାର୍ଯ୍ୟ ପାଇଁ ସର୍ବାଧିକ ୫୦ଜଣଙ୍କୁ ଓ ଅନ୍ତିମ ସଂସ୍କାର ପାଇଁ ସର୍ବାଧିକ ୨୦ଜଣଙ୍କୁ ଅନୁମତି ମିଳିବ । ସାମାଜିକ, ଧାର୍ମିକ, ରାଜନୈତିକ ସମାବେଶ ଉପରେ କଟକଣା ରହିବ। ଯାତ୍ରା, ଅପେରା, ସ୍ପା, ସେଲୁନ, ବ୍ୟୁଟି ପାର୍ଲର ବନ୍ଦ ରହିବ। ମନ୍ଦିର ଭିତରକୁ ଭକ୍ତଙ୍କ ପ୍ରବେଶ ମନା । ଧର୍ମସ୍ଥଳୀ ଓ ଧର୍ମାନୁଷ୍ଠାନମାନଙ୍କରେ ଦେବନିତୀ ସ୍ୱଳ୍ପ ସଂଖ୍ୟକ ପୁଜାରୀ ଓ ସେବାୟତଙ୍କୁ ନେଇ କରାଯାଇ ପାରିବ। ଏସବୁ ସ୍ଥାନ ଜନସାଧାରଣଙ୍କ ପାଇଁ ବନ୍ଦ ରହିବ । ଧାର୍ମିକ ସମାବେଶକୁ ସଂପୂର୍ଣ୍ଣ ବାରଣ କରାଯାଇଛି। ଅପରପକ୍ଷରେ ଲକ୍ ଡାଉନ୍ ସମୟରେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ଗାଇଡ୍ ଲାଇନ୍ ଅନୁସାରେ ବ୍ୟାଙ୍କ, ଏ.ଟି.ଏମ୍ , ଇନ୍ସ୍ୟୁରାନ୍ସ, ଅଣ-ବ୍ୟାଙ୍କିଂ ଆର୍ଥିକ ସଂସ୍ଥା, ଋଣ ସମବାୟ ସମିତି ଆଦି ସେମାନଙ୍କର କାର୍ଯ୍ୟ ଚାଲୁ ରଖିପାରିବେ । ସ୍ୱାସ୍ଥ୍ୟ ସେବା, ଜଳଯୋଗାଣ, ବିଦ୍ୟୁତ ସରବରାହ, ପରିମଳ ସେବା, ଟେଲିଫୋନ୍ ଓ ଇନ୍ଟରନେଟ୍ ସେବା, ଡି.ଟି.ଏଚ୍. ସେବା, ଗ୍ୟାସ୍ ବିତରଣ ଓ ପେଟ୍ରୋଲ୍ ପମ୍ପ ଆଦି ଖୋଲା ରହିବ । କୃଷି, ପଶୁପାଳନ, ମତ୍ସ୍ୟଚାଷ ଆଦି କାର୍ଯ୍ୟ ଚାଲୁ ରହିବ ।

## ଭାରତରେ ପ୍ରଥମଥର ପଶୁଙ୍କ ....

ସେଣ୍ଟର ଫର ସେଲୁଲାର ମୋଲିକୋଲାର ବାୟୋଲୋଜି ର ସୂଚନା ମୁତାବକ ଏହି ୮ ଟି ସିଂହଙ୍କର ଆରଟି-ପିସିଆର ଟେଷ୍ଟ କରାଯାଇଥିଲା । ପରୀକ୍ଷା ପରେ ସେମାନେ କୋଭିଡ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେପଟେ ନେହେରୁ ପ୍ରାଣୀ ଉଦ୍ୟାନର ନିର୍ଦ୍ଦେଶକ ସିଦ୍ଧାନନ୍ଦ କୁକର୍ଡେ ଏହି ଖବରକୁ ନା ଅଗ୍ରାହ୍ୟ କରିଛନ୍ତି ନା ସଠିକ୍ ବୋଲି କହିଛନ୍ତି । ସେ କହିଛନ୍ତି କି ମୋ ପାଖରେ ଏପର୍ଯ୍ୟନ୍ତ ଆରଟି-ପିସିଆର ରିପୋର୍ଟ ପହଂଚି ନାହିଁ । ଏହାସହ ପରୀକ୍ଷା କରାଯାଇଥିବା ସିଂହମାନେ ଏବେ ସୁସ୍ଥ ଥିବା କଥା ସେ କହିଛନ୍ତି । ଅନ୍ୟପଟେ ସିସିଏମବିର ନିର୍ଦ୍ଦେଶକ ଏକ ସାକ୍ଷାତକାରରେ କହିଛନ୍ତି କି ଏହି ସିଂହ ମାନଙ୍କ ମଣିଷ ଦ୍ୱାରା ଯୋଗାଇ ଦିଆଯାଉଥିବା ମାଂସରୁ ସେମାନେ କରୋନା ସଂକ୍ରମିତ ହୋଇଛନ୍ତି । ଏହାକୁ ଦୃଷ୍ଟିରେ ରଖି ନେହେରୁ ପ୍ରାଣୀଉଦ୍ୟାନକୁ ୨ ଦିନ ପାଇଁ ବନ୍ଦ ରଖାଯାଇଛି । ସିଂହ ମାନଙ୍କର ଦେଖାରଖା କରୁଥିବା କର୍ମଚାରୀଙ୍କ ସମେତ ପ୍ରାଣୀଉଦ୍ୟାନ ଭିତରେ କାମ କରୁଥିବା ସମସ୍ତ କର୍ମଚାରୀଙ୍କ କୋଭିଡ ଟେଷ୍ଟ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## ରନ୍ଧନ ତୈଳରୁ ପ୍ରସ୍ତୁତ ପ୍ରଥମ....

ମିଶ୍ରିତ ହାଇସ୍ପିଡ ଡିଜେଲ ଯୋଗାଣର ଶୁଭାରମ୍ଭ ଭାରତର ଜୈବ ଇନ୍ଧନ କ୍ଷେତ୍ରରେ ଏକ ଭଲ ପଦକ୍ଷେପ । ଏହି ଇନ୍ଧନ ଦ୍ୱାରା ପରିବେଶ ଉପରେ ସକରାତ୍ମକ ପ୍ରଭାବ ପଡିବ। ଏହି ପଦକ୍ଷେପ ସ୍ୱଦେଶୀ ବାୟୋଡ଼ିଜେଲ ଯୋଗାଣ, ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ ହେବ ଏବଂ ଗ୍ରାମାଂଚଳରେ ନିଯୁକ୍ତି ସୃଷ୍ଟି କରିବ । ଯାହା ଫଳରେ ଦେଶରେ ଆର୍ଥିକ ଅଭିବୃଦ୍ଧି ହେବ। ବିକଳ୍ପ ଉର୍ଜାର ଅନ୍ୱେଷଣ ପାଇଁ ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ପ୍ରୋତ୍ସାହନ ଦିଆଯାଉଥିବା ୭ଟି ସବୁଜ ଇନ୍ଧନ ପଦକ୍ଷେପ ମଧ୍ୟରୁ ଜୈବଇନ୍ଧନ ଅନ୍ୟତମ ବୋଲି ସେ କହିଛନ୍ତି । ସେହିପରି କରୋନା ମହାମାରୀର କଠିନ ସମୟରେ ମଧ ନିରନ୍ତର ଇନ୍ଧନ ଉପଲବ୍ଧି ଦିଗରେ ତୈଳ କମ୍ପାନୀ ଗୁଡ଼ିକର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି କେନ୍ଦ୍ରମନ୍ତ୍ରୀ । ତୈଳ କମ୍ପାନୀମାନେ ଜୈବ ଇନ୍ଧନରେ ନୂଆ ମାଇଲଖୁଂଟ ହାସଲ କରିବା ସହ ବିକଳ୍ପ ଇନ୍ଧନ ଦିଗରେ ଭାରତର ସ୍ୱଦେଶୀ କ୍ଷମତାକୁ ନିରନ୍ତର ସୁଦୃଢ଼ କରୁଛନ୍ତି । ତୈଳ ଓ ଗ୍ୟାସ କମ୍ପାନୀମାନେ ଦେଶର ପ୍ରଗତି ପାଇଁ କାମ କରିବା ସଙ୍ଗେସଙ୍ଗେ ହସ୍ପିଟାଲ ଏବଂ ରାଜ୍ୟରେ କ୍ୟାପଟିଭ୍ ଅକ୍ସିଜେନ ପ୍ଲାଂଟ୍ ପ୍ରତିଷ୍ଠା କରି ଭାରତର କୋଭିଡ୍-୧୯ ମୁକାବିଲାକୁ ମଜବୁତ୍ କରିବା ପାଇଁ ଦିନରାତି କାମ କରୁଛନ୍ତି ବୋଲି ଶ୍ରୀ ପ୍ରଧାନ କହିବା ସହ ଘରେ ଘରେ ଇନ୍ଧନ ଯୋଗାଉଥିବା କୋଭିଡ୍ ଯୋଦ୍ଧାଙ୍କୁ ମହାମାରୀରୁ ସତର୍କ ରହିବା ପାଇଁ ମଧ ପରାମର୍ଶ ଦେଇଛନ୍ତି।

## ଦିଲ୍ଲୀ ସରକାରଙ୍କ ବଡ....

କରିଥିବା ବେଳେ ଦିଲ୍ଲୀ ସରକାର ଦିଲ୍ଲୀର ୭୨ ଲକ୍ଷ ରାସନକାର୍ଡଧାରୀଙ୍କ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ମାଗଣାରେ ୨ ମାସର ରାସନ ଦେବାକୁ ଘୋଷଣା କରିଛନ୍ତି । ଏହସହ ଦିଲ୍ଲୀରେ ଯେତେ ଅଟୋ ଓ ଟ୍ୟାକ୍ସି ଚାଳକ ଅଛନ୍ତି ସମସ୍ତଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୫ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ ବୋଲି କେଜ୍ରିଓ୍ୱାଲ କହିଛନ୍ତି । କହିରଖୁ କି ଗତବର୍ଷ ବି ଲକଡାଉନ ସମୟରେ ଦିଲ୍ଲୀ ସରକାର ରାଜ୍ୟର ୧,୫୬, ୦୦୦ ଅଟୋ ଓ ଟ୍ୟାକ୍ସି ଚାଳକଙ୍କୁ ସହାୟତା ମିଳିଥିଲା । ଏହି ଘୋଷଣା ବେଳେ କେଜ୍ରିଓ୍ୱାଲ କହିଛନ୍ତି କି ଦିଲ୍ଲୀରେ ରାଜ୍ୟ ସରକାର ଲକଡାଉନ ଘୋଷଣା କରିଛନ୍ତି । ଲକଡାଉନ ଫଳରେ କରୋନା ଚେନ ଭାଙ୍ଗିବ ଓ ସଂକ୍ରମିତଙ୍କ ସଂଖ୍ୟା କମିବ ବୋଲି ସରକାର ଆଶା କରୁଛନ୍ତି । ହେଲେ ଲକଡାଉନ ବେଳେ ସେହି ଲୋକମାନେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ଯେଉଁମାନଙ୍କ ପରିବାର ଦୈନିକ ରୋଜଗାର ଉପରେ ନିର୍ଭର କରେ । ତେଣୁ ସେମାନଙ୍କ ଦୈନିକ ରୋଜଗାର ଯେତେବେଳେ ବନ୍ଦ ହୋଇଯାଇଛି ସେମାନଙ୍କୁ ସହାୟତା ଯୋଗାଇବା ସରକାରଙ୍କ ଦାୟିତ୍ୱ ।

## କ୍ରିକେଟ ଉପରେ ପୁଣି କରୋନା...

ଗତକାଲି କେକେଆରର ଦୁଇ ଜଣ ଖେଳାଳି ବରୁଣ ଚକ୍ରବର୍ତି ଓ ସନ୍ଦୀପ ଓ୍ୱାରିଅର ସଂକ୍ରମିତ ଚିହ୍ନଟ ହେବା ପରେ ଆରସିବି ସହ ଆୟୋଜିତ ମ୍ୟାଚ ସ୍ଥଗିତ ରଖାଯାଇଥିଲା । କରୋନା ସଂକ୍ରମଣ କାଳରେ ଜୈବ ବଳୟରେ ଆଇପିଏଲ ମ୍ୟାଚ କରିବା ନେଇ ଦାବି କରିଥିଲା ବିସିସିଆଇ । ଖେଳାଳିଙ୍କୁ ଜୈବ ବଳୟରେ ରଖି ସଫଳତା ପୂର୍ବକ ୨୯ ଟି ମ୍ୟାଚ ଖେଳାଯାଇଛି । କିନ୍ତୁ ଅନେକ ଖେଳାଳୀ ଏବଂ ସପୋର୍ଟ ଷ୍ଟାଫ୍ କରୋନା ପଜିଟିଭ୍ ବାହାରିବା ପରେ ଏଭଳି ନିଷ୍ପତ୍ତି ନେଇଛି ବିସିସିଆଇ ।

## ସ୍ଥଗିତ ରହିଲା ଜେଇଇ...

କରୋନାକୁ ଦୃଷ୍ଟିରେ ରଖି ଏହାକୁ ସ୍ଥଗିତ ରଖାଯାଇଥିଲା । ତେବେ ମେ ୨୪ରୁ ୨୮ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବା ପାଇଁ ଦିନ ଧାର୍ଯ୍ୟ ହୋଇଥିଲେ ବି ଶେଷ ସମୟରେ ବାତିଲ କରାଯାଇଛି । ଜେଇଇ ମେନ ୨୦୨୧ ସେସନ ପାଇଁ ପଂଜୀକରଣ ଆରମ୍ଭ ହୋଇନଥିଲା । ଏନଟିଏ ପକ୍ଷରୁ କୁହାଯାଇଛି କି ଉତମ ପ୍ରସ୍ତୁତି ପାଇଁ ପରୀକ୍ଷାର୍ଥୀ ଅଧିକ ସମୟ ପାଇବେ । ଘରେ ଏନଟିଏ ଅଭ୍ୟାସ ଆପ ସହିତ ମକ ଟେଷ୍ଟ ଅଭ୍ୟାସ କରନ୍ତୁ ।

ବାଲେଶ୍ୱର, ବୁଧବାର, ୦୫ ମଇ, ୨୦୨୧

# ଧ୍ୱନି ପ୍ରତିଧ୍ୱନି



## କରୋନା ସଂକ୍ରମଣର ପ୍ରତିବନ୍ଧକ ପାଇଁ ପାଂଚ ଯୋଡ଼ା ଟ୍ରେନ୍ ବାତିଲ

ଭୁବନେଶ୍ୱର,୦୪/୦୫ (ନି.ପ୍ର): କମ୍ ପୃଷ୍ଠପୋଷକତା ହେତୁ ଏବଂ କୋଭିଡ୍ ୧୯ ସଂକ୍ରମଣର ବୃଦ୍ଧିକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳ ପରିସୀମା ମଧ୍ୟରୁ ବିଭିନ୍ନ ସ୍ଥାନକୁ ଯାତ୍ରା କରୁଥିବା ପାଂଚଟି ସ୍ୱତନ୍ତ୍ର ଟ୍ରେନ୍ ସେବାକୁ ବାତିଲ କରାଯିବା ପାଇଁ ନିଷ୍ପତି ନିଆଯାଇଛି । ୦୮୪୧୭/୦୮୪୧୮ ପୁରୀ-ଗୁଣୁପୁର-ପୁରୀ ବିଶେଷ ଟ୍ରେନ୍ ପୁରୀରୁ ୫ ମଇ ଠାରୁ ଏବଂ ଗୁଣପୁରରୁ ୬ ମଇ, ୨୦୨୧ ଠାରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବାତିଲ୍ ରହିବ । ୦୮୩୦୩/୦୮୩୦୪ ସମ୍ବଲପୁର-ପୁରୀ-ସମ୍ବଲପୁର ବିଶେଷ ଟ୍ରେନ୍ ଉଭୟ ପାର୍ଶ୍ୱରୁ ୫ ମଇ, ୨୦୨୧ ଠାରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବାତିଲ ରହିବ । ୦୮୪୨୫/୦୮୪୨୬ ପୁରୀ-ଦୁର୍ଗ-ପୁରୀ ସ୍ପେଶାଲ ପୁରୀରୁ ୫ ମଇ ଠାରୁ ଏବଂ ଦୁର୍ଗରୁ ୬ ମଇ, ୨୦୨୧ ଠାରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବାତିଲ ରହିବ । ୦୯୩୭୧/୦୯୩୭୨ ଇନ୍ଦୋର-ପୁରୀ-ଇନ୍ଦୋର ସ୍ପେଶାଲ୍ ଇନ୍ଦୋରରୁ ୪ ମଇ ଠାରୁ ଏବଂ ପୁରୀରୁ ୬ ମଇ, ୨୦୨୧ ଠାରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବାତିଲ୍ ରହିବ । ସିକନ୍ଦରାବାଦ ଓ ଗୌହାଟି ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍ - ସିକନ୍ଦରାବାଦ ଓ ଗୌହାଟୀ ମଧ୍ୟରେ ଏକ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ରେଳବାଇ ନିଷ୍ପତି ନେଇଛି । ୦୭୦୩୦/୦୭୦୨୯ ସିକନ୍ଦରାବାଦ-ଗୌହାଟୀ-ସିକନ୍ଦରାବାଦ ବିଶେଷ ଟ୍ରେନ୍ ସିକନ୍ଦରାବାଦରୁ ମଇ ମାସ ୯ ତାରିଖରୁ ୩୦ ତାରିଖ ମଧ୍ୟରେ ପ୍ରତ୍ୟେକ ରବିବାର ଦିନ ପୂର୍ବାହ୍ନ ୯ଘ.୩୦ମି.ରେ ଛାଡ଼ିବାକୁ ଥିବା ବେଳେ ଫେରିବା ମାର୍ଗରେ ଏହା ଗୌହାଟୀ ଠାରୁ ୧୨ ମଇରୁ ୨ ଜୁନ୍ ପର୍ଯ୍ୟନ୍ତ ପ୍ରତ୍ୟେକ ବୁଧବାର ଦିନ ସକାଳ ୦୬ଘ. ୪୫ମି.ରେ ଛାଡ଼ିବ । ଏହି ଟ୍ରେନ୍ ସିକନ୍ଦରାବାଦ ଓ ଗୌହାଟୀ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ମାନଙ୍କ ସହିତ ପୂର୍ବତଟ ପରିସୀମା ମଧ୍ୟରେ ଉଭ୍ର ପାର୍ଶ୍ୱରୁ ବିଶାଖାପଟନମ୍, ବିଜୟନଗରମ୍, ଶ୍ରୀକାକୁଲମ୍ ରୋଡ୍, ପଲାସା, ବ୍ରହ୍ମପୁର, ଖୋର୍ଦ୍ଧାରୋଡ୍, ଭୁବନେଶ୍ୱର, କଟକ ଏବଂ ଭଦ୍ରକ ଷ୍ଟେସନ ରହଣି କରିବ । ଏହା ବ୍ୟତୀତ ରେଳବାଇ ପକ୍ଷରୁ ମହୀଶୂର ଓ ଭାସ୍କୋଡ଼ାଗାମା ଠାରୁ ଦାନାପୁରକୁ ଦୁଇଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଉଛି ।

## ମ୍ୟୁନିସିପାଲଟିର ବହୁ ଦୋକାନ ଉପରେ ଚଢାଉ : ୩୨ ହଜାର ଜୋରିମାନା ଆଦାୟ



ଜଳେଶ୍ୱର, ୪/୫ (ନିପ୍ର) : ଜଳେଶ୍ୱର ମ୍ୟୁନିସଦିପାଲଟିରେ କେତେକ ବ୍ୟବସାୟୀ ଜାଣିଶୁଣି ବିଭିନ୍ନ ରାଜସ୍ୱ ଜମା କରୁନଥିବାରୁ ନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର ୨ ଦିନ ଧରି ଚଢାଉ ଜାରି ରଖିଛନ୍ତି । ଏକ ଟାକ୍ସଫୋର୍ସ ଗଠନ କରି ପୋଲିସ୍ ଫୋର୍ସ ସହିତ ରାଜସ୍ୱ ଜମା କରୁନଥିବା ଦୋକାନ ଉପରେ ଚଢାଉ ଅବ୍ୟାହତ ରଖିଛନ୍ତି । ସେହିପରି କୋଭିଦ୍ କଟକଣା ନ ମାନି ବ୍ୟବସାୟ ଚଳାଇଥିବା ଦୋକାନୀଙ୍କୁ ସାବାଡ କରିବାଲାଗି ପଦକ୍ଷେପ ଗ୍ରହଣ କରିଛନ୍ତି । ଗତ ସୋମବାରରେ ସେ ବିଭିନ୍ନ ଦୋକାନୀଙ୍କ ଠାରୁ ୩୨ ହଜାର ଟଙ୍କା ଜୋରିମାନା ଆଦାୟ କରିଥିବା ଆଜି ସୂଚନା ଦେଇଛନ୍ତି ।

## ସଙ୍ଗୀନ ସ୍ଥିତିରେ ବାଲେଶ୍ୱରର କରୋନା ସଂକ୍ରମଣ ଦିନକରେ ଚିହ୍ନଟ ୩୦୨ ନୂଆ ସଂକ୍ରମିତ

ବାଲେଶ୍ୱର,୦୪/୦୫ (ନି.ପ୍ର): ଦ୍ୱିତୀୟ ଲହରରେ ରାଜ୍ୟର ଅନ୍ୟାନ୍ୟ ଜିଲା ତୁଳନାରେ ନିମ୍ନରେ ଥିବା ବାଲେଶ୍ୱରର ସଂକ୍ରମଣ ହାର ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି । ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲାରେ ୩୦୨ ଜଣ ନୂଆ ସଂକ୍ରମିତ ଚିହ୍ନଟ ହେବାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଚି । ଚିହ୍ନଟ ନୂଆ ସଂକ୍ରମିତଙ୍କ ମଧରେ ବାଲେଶ୍ୱର ସହରର କଚେରୀ ରୋଡ଼ ଅଞ୍ଚଳରୁ ୪ ଜଣ, ମୋତିଗଞ୍ଜରୁ ୪ ଜଣ, ଅଙ୍ଗାରଗଡ଼ିଆରୁ ୩ ଜଣ, ଗୋପାଳଗାଁରୁ ୨, ବିସିସେନ ରୋଡ଼, ଜିଲା ମୁଖ୍ୟ ଚିକିତ୍ସାଳୟ, ମଲିକାଶପୁର, ବୈରାମନଗର, ସହଦେବଖୁଣ୍ଟା, ତେଲେଙ୍ଗାସାହି ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ଅଛନ୍ତି । ସେହିପରି ସଦର ବ୍ଲକ ଅଞ୍ଚଳରୁ ୨୦ଜଣ ଓ ରେମୁଣାରୁ ୧୩ ଜଣ, ବାହାନଗା ବ୍ଲକରୁ ୬ଜଣ, ବାଲିଆପାଳ ବ୍ଲକରୁ ଜଣେ, ବସ୍ତା ବ୍ଲକରୁ ୨୩ ଜଣ, ଭୋଗରାଇ ବ୍ଲକରୁ ୮୧ ଜଣ, ଜଳେଶ୍ୱର ବ୍ଲକରୁ ୧୭ ଜଣ, ଖଇରା ବ୍ଲକରୁ ୪ଜଣ, ସୋର ବ୍ଲକରୁ ୩ ଜଣ, ନୀଳଗିରି ବ୍ଲକରୁ ୫୧ ଜଣ, ଔପଦା ବ୍ଲକରୁ ୨ ଜଣ ଓ ସିମୁଳିଆ ବ୍ଲକରୁ ୫୮ ଜଣ ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି । ତେବେ ସିମୁଳିଆ ବ୍ଲକର ରାମବନ୍ଧ ଅଞ୍ଚଳରୁ ୬ ଜଣ, ନୀଳଗିରିର ମିରିଗିଣରୁ ୨୨ ଜଣ, ଭୋଗରାଇର ସାହାବାଜିପୁରରୁ ୨୩ ଜଣ, କରଞ୍ଜଶୋଳରୁ ୩୫ ଜଣ, ଛୋଟରାଉତପୁରରୁ ୧୮ ଜଣ ଏକକାଳୀନ ଚିହ୍ନଟ ହେବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ନୂଆ ଭାବେ ଚିହ୍ନ ହୋଇଥିବା ସମସ୍ତ ସଂକ୍ରମିତ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୯ଗିରଫ, ୫୧୧ ବାହନ ଜବତ

ଭୁବନେଶ୍ୱର,୦୪/୦୫ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୯ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୫୧୧ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୨,୩୬,୮୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଜଳେଶ୍ୱରରେ ତହସିଲଦାର ଭାବେ ଶଂକର କୁମାର ପଟ୍ଟନାୟକଙ୍କ ଯୋଗଦାନ



ଜଳେଶ୍ୱର, ୪/୫ (ନିପ୍ର) : ବାଲେଶ୍ୱର ଜିଲାରେ ଜଳେଶ୍ୱର ତହସିଲ ରାଜସ୍ୱ ଆଦାୟରେ ପ୍ରମୁଖ ସ୍ଥାନ ଅଧିକାର କରିଆସୁଥିବା ବେଳେ ଗତବର୍ଷ ପ୍ରଥମସ୍ଥାନରୁ ବଂଚିତ ହୋଇଛି । ଗତ ସୋମବାର ନୂତନ ତହସିଲଦାର ଭାବେ ଶଂକର କୁମାର ପଟ୍ଟନାୟକ ଯୋଗଦାନ କରିଛନ୍ତି । ଏହା ପୂର୍ବରୁ ସେ ମୟୂରଭଂଜର କୁଳିଅଣା ତହସିଲଦାରଭାବେ କାର୍ଯ୍ୟ ତୁଲାଇଥିଲେ । ୧୯୯୦ ମସିହାରେ ବାଲେଶ୍ୱର ସଦର ତହସିଲରେ ଚାକିରୀ ଆରମ୍ଭ କରି ପରେ ସୁବର୍ଣ୍ଣରେଖା ବହୁମୁଖୀ ଯୋଜନାର ଲେଣ୍ଡ ଏକୁଜିସନ ଅଫିସରଭାବେ ଦୀର୍ଘବର୍ଷ କାର୍ଯ୍ୟ କରିଛନ୍ତି । ଜଳେଶ୍ୱର ତହସିଲକୁ ଅଧିକ ଶୃଙ୍ଖଳିତ କରିବା ସହିତ ଉପାନ୍ତ ଏହି ତହସିଲର ବିକାଶ ଦିଗରେ କାର୍ଯ୍ୟ କରିବେ ବୋଲି ଆଜି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି ।

## ଡାକ୍ତର ପ୍ରବୋଧ ଚନ୍ଦ୍ର ଭୂୟାଁଙ୍କ ଦେହାନ୍ତରେ ଶୋକ



ବାଲେଶ୍ୱର,୦୪/୦୫ (ନି.ପ୍ର): ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡାକ୍ତର ପ୍ରବୋଧ ଚନ୍ଦ୍ର ଭୂୟାଁଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ହୋଇଥିଲା । ଗତ ୨୭ ତାରିଖ ସକାଳେ ଘରେ ଥିବା ଅବସ୍ଥାରେ ସେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ପାଇଁ ଉଦ୍ୟମ କରୁଥିବା ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ଡାକ୍ତର ସୁଖଦା ଦାସଙ୍କ ସମେତ ଭଉଣୀ ସରସ୍ୱତୀ ଭୂୟାଁ, ବିଦ୍ୟାରାଣୀ ଭୂୟାଁ ଉପସ୍ଥିତ ଥିଲେ । ଚୁନଭାଟି ଯୋଡ଼ାଗୁରୁଜ ଶ୍ମଶାନରେ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ସହଧର୍ମିଣୀ ଡାକ୍ତର ଦାସ ମୁଖାଗ୍ନି ଦେଇଥିଲେ । ପିତା ଉମେଶ ଚନ୍ଦ୍ର ଭୂୟାଁ ଓ ମାତା ଯଶୋଦାରାଣୀ ଭୂୟାଁଙ୍କ ଏକମାତ୍ର ପୁତ୍ର ଭାବେ ୧୯୩୯ ମସିହାରେ ଗୋପାଳଗାଁରେ ସେ ଜନ୍ମଗ୍ରହଣ କରିଥିଲେ । କଟକ ଏସସିବି ମେଡିକାଲ କଲେଜରେ ନାମ ଲେଖାଇଥିଲେ । ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନାରୁ ଚକ୍ଷୁ ଡାକ୍ତର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ମାଲାକାନାଗିରିର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଭାବେ କାର୍ଯ୍ୟରତ ଥାଇ ସେ ୧୯୯୮ ମସିହାରେ ଅବସର ଗ୍ରହଣ କରିଥିଲେ । ଜଣେ ପରୋପକାରୀ, ଦରଦୀ, କର୍ତ୍ତବ୍ୟପରାୟଣ ବ୍ୟକ୍ତିତ୍ୱ ଭାବେ ତାଙ୍କର ବିୟୋଗରେ ଗୋପାଳଗାଁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଲକଡ଼ାଉନ୍ ପୂର୍ବରୁ ଧାମନଗର ବଜାରରେ ନାହିଁ ନଥିବା ଭିଡ଼
### କୋଭିଡ଼ କଟକଣା ମାନୁନାହାନ୍ତି ଅମାନିଆ ଲୋକେ



ଧାମନଗର,୦୪/୦୫ (ନି.ପ୍ର): ଶନିବାର ଓ ରବିବାର ସପ୍ତାହନ୍ତ ସର୍ଟଡ଼ାଉନ୍ ପରେ ୫ତାରିଖରୁ ୧୯ତାରିଖ ଲକଡ଼ାଉନ୍ ହେଉ ଥିବାରୁ ଲୋକେ ପନିପରିବା ଓ ଅତ୍ୟାବସକୀୟ ସାମଗ୍ରୀ କିଣିବାପାଇଁ ଧାମନଗର ବଜାରରେ ନାହିଁନଥିବା ଭିଡ଼ ଲଗାଉଥିବା ଦେଖିବାକୁ ମିଳିଛି । ଶନିବାର ଓ ରବିବାର ସର୍ଟଡ଼ାଉନ୍ ସରିବାପରେ ପୁଣି ୫ତାରିଖରୁ ଲକ୍‌ଡ଼ାଉନ୍ ଆରମ୍ଭ ହୋଉଥିବାରୁ ମଝିରେ ଦୁଇଦିନ ଲୋକେ ଧାମନଗର ବଜାରରେ ନାହିଁନଥିବା ଭିଡ଼ ଲଗାଇଥିଲେ । ୩ ଓ ୪ତାରିଖ ଦୁଇଦିନ ଧାମନଗର ସାନବଜାର ଠାରୁ ବଡ଼ବଜାର ପର୍ଯ୍ୟନ୍ତ ମୁଖ୍ୟରାସ୍ତାରେ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା । ୫ତାରିଖ ଠାରୁ ୧୯ତାରିଖ ପର୍ଯ୍ୟନ୍ତ ଲକ୍‌ଡ଼ାଉନ୍ ଓ ୫ତାରିଖ ଠାରୁ କେତେକ ବିବାହ ଦିନ ଥିବାରୁ ଆବଶ୍ୟକ ଜିନିଶ କିଣିବା ପାଇଁ ଲୋକେ ନାହିଁ ନଥିବା ଭିଡ଼ ଲଗାଇଥିଲେ । ସ୍ଥାନୀୟ ପୋଲିସ ପ୍ରଶାସନ ଏପରି ପରିସ୍ଥିତିକୁ ସମ୍ଭାଳିବା କଷ୍ଟକର ହୋଇପଡ଼ିଥିଲା । ଅମାନିଆଙ୍କ ଭିଡ଼ ସାଂଗକୁ ଧାମନଗରରେ କରୋନା ସଂକ୍ରମଣଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ୪ତାରିଖ ଦିନ ସଂକ୍ରମଣ ସଂଖ୍ୟା ୮ହୋଇଥିବାବେଳେ ମୋର୍ଟ ସଂଖ୍ୟା ୧୯୩ରେ ପହଂଚିଛି । ଲୋକେ କୋଭିଡ଼ ନିୟମକୁ କଡାକଡି ପାଳନ ନକଲେ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢିଚାଲିବବୋଲି ସାଧାରଣରେ ମତପୋଷଣ କରାଯାଇଛି ।

## 'କାହାଣୀ'ର ମନୋଜ ଦାସ ବିଶେଷାଙ୍କ ଲୋକାର୍ପିତ

ଭୁବନେଶ୍ୱର,୦୪/୦୫ (ନି.ପ୍ର): ବିଜୟ ନାୟକଙ୍କ ସମ୍ପାଦିତ ସାହିତ୍ୟ ପତ୍ରିକା 'କାହାଣୀ' ର ମନୋଜ ଦାସ ବିଶେଷାଙ୍କ ମଙ୍ଗଳବାର ଦିନ ବିଶିଷ୍ଟ କବି ରମାକାନ୍ତ ରଥଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଏହି ବିଶେଷ ସଂଖ୍ୟାରେ ଦିବଂଗତ କଥାକାର ତଥା ଚିନ୍ତକ ମନୋଜ ଦାସଙ୍କ ସୁନିର୍ବାଚିତ କବିତା, କଥା ଓ କାହାଣୀ , ଭ୍ରମଣ ବୃତାନ୍ତ , ରମ୍ୟ ରଚନା ଓ ସ୍ମୃତି କଥା ଆଦି ସ୍ଥାନିତ ହୋଇଛି । ଏଥିରେ ମନୋଜୀୟ ସୃଷ୍ଟି ଓ ସ୍ମୃତି ଆଧାରିତ ଏକାଧିକ ଆଲେଖ୍ୟ ପ୍ରକାଶ ପାଇଛି । କଥାକାର ଦାସ ବେନହୁର, ଡ. ଗୌରହରିଦାସ, ଡ. ଶଶଧର ଦାସ , ଇଂ ପ୍ରଭାକର ସ୍ୱାଇଁ , ଡ. ଇତି ସାମନ୍ତ , ପବିତ୍ର ପାଣିଗ୍ରାହୀ, ଗୋସ୍ୱାମୀ ଗୋଲାମ ଦେବତା , ଅମିତାଭ ଖିଲାର ଓ ଅନ୍ୟମାନେ ବିଭିନ୍ନ ପ୍ରତିବେଦନ ବାଢିଛନ୍ତି । ଏତତବ୍ୟତୀତ ମନୋଜ ଦାସଙ୍କ ସମ୍ପର୍କିତ କିଛି ବିରଳ ଚିତ୍ର ଓ ପତ୍ର ଏହି ପ୍ରତିକା ପୃଷ୍ଠାରେ ସ୍ଥାନ ପାଇଛି । ଭାରତୀୟ କଥା ଓ କାହାଣୀର ମୂର୍ଦ୍ଧନ୍ୟ ମନୀଷୀ ମନୋଜ ଦାସଙ୍କ ସ୍ମୃତି ପ୍ରତି କାହାଣୀ ପରିବାର ତରଫରୁ ଗଭୀର ଶ୍ରଦ୍ଧାଂଜଳୀ ଜ୍ଞାପନ କରାଯାଇଛି । ଲୋକାର୍ପଣ ଅବସରରେ ସମ୍ମାନନୀୟ ଅତିଥି ଭାବରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ଯୋଗଦାନ କରିଥିଲେ ।

## ଦୁଇ ପୋଲିସ ଜିଲ୍ଲାରୁ ୩.୧୦ ଲକ୍ଷ ଜୋରିମାନା ଆଦାୟ

ଗଞ୍ଜାମ,୦୪/୦୫ (ନି.ପ୍ର): ଗଞ୍ଜାମ ପୋଲିସ ଓ ବ୍ରହ୍ମପୁର ପୋଲିସ ଜିଲ୍ଲା ପକ୍ଷରୁ କୋଭିଡ୍ ନିୟମ ଓ ହେଲମେଟ ଯାଂଚ୍ କୁ କଡ଼ାକଡ଼ି କରାଯାଇଛି । ଦୁଇ ପୋଲିସ ଜିଲ୍ଲାରୁ ମୋଟ୍ ୩.୧୦ ଲକ୍ଷ ଜୋରିମାନା ଆଦାୟ କରାଯାଇଛି । ଗଞ୍ଜାମ ପୋଲିସ ପକ୍ଷରୁ କୋଭିଡ୍ ନିୟମ ଉଲ୍ଲଙ୍ଘନ କରିଥିବା ଅମାନିଆଙ୍କ ଠାରୁ ଜୋରିମାନା ବାବଦକୁ ୧ ଲକ୍ଷ ୫୮ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଏଥିସହ ସଟ୍ ଡାଉନ୍ ଉଲ୍ଲଙ୍ଘନ ନେଇ ୪ଟି ଦୋକାନକୁ ସିଲ୍ କରାଯାଇଛି । ବିଭିନ୍ନ ଥାନାରେ ୫ଟି ଅବକାରୀ ମାମଲା ରୁଜୁ କରାଯିବା ସହ ୪୧.୬ ଲିଟର ଚୋରା ମଦ ଜବତ ହୋଇଛି । ପୃଥକ୍ ପୃଥକ୍ ମାମଲାରେ ୫ ଜଣଙ୍କୁ ଗିରଫ କରାଯାଇଛି । ସେହିପରି ବ୍ରହ୍ମପୁର ପୋଲିସ ଜିଲ୍ଲା ପକ୍ଷରୁ ନିୟମ ଉଲ୍ଲଙ୍ଘନକାରୀଙ୍କ ଠାରୁ ୧ ଲକ୍ଷ ୫୨ ହଜାର ୬୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି ।

## ଭଦ୍ରକରୁ ଚିହ୍ନଟ ହେଲେ ୬୩ ନୂତନ ଆକ୍ରାନ୍ତ

ଭଦ୍ରକ,୦୪/୦୫ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ଆଉ ନୂଆ ୬୩ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯ହଜାର ୫୬୬ଜଣ ହୋଇଥିବା ବେଳେ ସୁସ୍ଥ ହୋଇଛନ୍ତି ୮ ହଜାର ୨୬୬ । ଏବେ ସକ୍ରିୟ ଆକ୍ରାନ୍ତ ଅଛନ୍ତି ୧୨୭୧ଜଣ । ଚିହ୍ନଟ ଆକ୍ରାନ୍ତମାନେ ହେଲେ ବାସୁଦେବପୁର ବ୍ଲକର ଚୁଡାମଣି ଗ୍ରାମରୁ ଜଣେ, ଭଦ୍ରକ ବ୍ଲକର ବେନ୍ତାଳ ଗ୍ରାମରୁ ଜଣେ, ରାନ୍ଦିଆ ଗ୍ରାମରୁ ଜଣେ, ଗେଲପୁର ଗ୍ରାମରୁ ୨ଜଣ, ଗେଲଟୁଆ ଗ୍ରାମରୁ ୨ଜଣ । ଭଦ୍ରକ ପୌରପାଳିକାର ୧୧ ନଂ ୱାର୍ଡ ନୂଆବଜାରରୁ ଜଣେ, ୧୨ ନଂ ୱାର୍ଡ ବଙ୍କସାହିରୁ ୨ଜଣ, ୨୭ନଂ ୱାର୍ଡ ପୁରୁଣାବଜାରରୁ ଜଣେ, ୨୯ ନଂ ୱାର୍ଡ ଗରଦପୁରରୁ ୪ଜଣ, ୧୩ ନଂ ୱାର୍ଡ ତହସିଲରୋଡରୁ ଜଣେ, ୧୮ ନଂ ୱାର୍ଡ ପାଟଣାସାହିରୁ ଜଣେ, ୫ ନଂ ୱାର୍ଡ କଣ୍ଟା ପଡାରୁ ୩ଜଣ, ୭ ନଂ ୱାର୍ଡ ଗବସାହିରୁ ଜଣେ, ୮ ନଂ ୱାର୍ଡ ବାଗୁରାଇରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଧାମନଗର ବ୍ଲକର ଅସୁରାଳିରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଚାନ୍ଦବାଲି ଏନ୍‌ଏସିର ୩ ନଂ ୱାର୍ଡରୁ ଜଣେ, ୧୦ ନଂ ୱାର୍ଡ ସୋମପୁରରୁ ୨ଜଣ ଚିହ୍ନଟ ହୋଇଛନ୍ତି । ଭଣ୍ଡାରିପୋଖରୀ ବ୍ଲକ ବୟାଁବନାପୁର ଗ୍ରାମରୁ ୩ଜଣ, ବିଷ୍ଣୁପୁରରୁ ଜଣେ, ଦକ୍ଷିଣବାଡ ଗ୍ରାମରୁ ୨ଜଣ, ଝଟଣା ଗ୍ରାମରୁ ୨ଜଣ, ନେରଡା ଗ୍ରାମରୁ ୨ଜଣ, ସାନଶାସନ ଗ୍ରାମରୁ ଜଣେ, ବେଲଗଡ଼ିଆ ଗ୍ରାମରୁ ଜଣେ, ସରସଦାରୁ ଜଣେ ଚିହ୍ନଟ ହୋଇଥିବା ବେଳେ ବନ୍ତ ବ୍ଲକର ବି.ଟି.ପୁରରୁ ୫ଜଣ, ଗଣିଜାଙ୍ଗରୁ ୨ଜଣ, ଓଡଙ୍ଗ ସବରା ଗ୍ରାମରୁ ୨ଜଣ, ଗୋବିନ୍ଦପୁରରୁ ଜଣେ, ହରିପୁରରୁ ଜଣେ, ଅଣିଜୋ ଗ୍ରାମରୁ ଜଣେ, ଗୋପିନାଥପୁର ଗ୍ରାମରୁ ୬ଜଣ ଓ ପୁରୁଷଣ୍ଡ ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି । ଚାନ୍ଦବାଲି ବ୍ଲକର ବିଜୟନଗରରୁ ଜଣେ ଚିହ୍ନଟ ହୋଇଥିବା ବେଳେ ତିହିଡ଼ି ବ୍ଲକ ପାଳିଆବିନ୍ଧା ଗ୍ରାମରୁ ଜଣେ, ସାହାପୁର ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି । ଅନ୍ୟ ଜିଲ୍ଲା ଭାବେ କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକରୁ ଜଣେ ଚିହ୍ନଟ ହୋଇଛନ୍ତି ।

## ମ୍ୟାଟ୍ରିକ ପରୀକ୍ଷା ବାତିଲ ପରେ ମୂଲ୍ୟାୟନ ନେଇ ଅଚଳାବସ୍ଥା
### ମାଧ୍ୟମିକ ଶିକ୍ଷା ପରିଷଦର ନିଷ୍ପତ୍ତିକୁ ଓଷ୍ଟାର ବିରୋଧ : ପୁନର୍ବିଚାର ଦାବି



ଜଳେଶ୍ୱର,୦୪/୦୫ (ନି.ପ୍ର): ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଏକ ନିଷ୍ପତ୍ତି, ମାଧ୍ୟମିକ ଶିକ୍ଷକ ମାନଙ୍କୁ ଦ୍ୱନ୍ଦରେ ପକାଇଛି । ଜଳେଶ୍ୱର ବ୍ଲକ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ଭର୍ଚୁଆଲ ମିଟିଂ ଆହ୍ୱାନ ହୋଇ ମାଧ୍ୟମିକ ଶିକ୍ଷା ପରିଷଦ ଯେଉଁସବୁ ତଥ୍ୟ ୨୪ ଘଣ୍ଟା ମଧ୍ୟରେ ପେଠ କରିବାକୁ ନିର୍ଦ୍ଦେଶ ଦେଉଛି ସେପରି ନିତୀର ପରିବର୍ତ୍ତନ ଲାଗି ଓଷ୍ଟା ପକ୍ଷରୁ ଦାବି ହୋଇଛି । ମ୍ୟାଟ୍ରିକ ପରୀକ୍ଷା ବାତିଲ ହେବାପରେ ପରୀକ୍ଷାଫଳ ପ୍ରକାଶ ନେଇ ଛାତ୍ର, ଶିକ୍ଷକ ଓ ଅଭିଭାବକ ମଧ୍ୟରେ ଅନିଶ୍ଚିତତା ଲାଗି ରହିଥିଲା । ବୋର୍ଡ ପକ୍ଷରୁ ମେ ୨ ତାରିଖରେ ଏକ ବୈଠକରେ ସିଦ୍ଧାନ୍ତ ନିଆଯାଇ ୩ ତାରିଖରେ ପ୍ରତିସ୍କୁଲ ତଥ୍ୟ ମଗାଯିବ ଦୁର୍ଭାଗ୍ୟଜନକ ବୋଲି ଓଷ୍ଟାଂ ପ୍ରକାଶ କରିଛି । ନବମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଆଭ୍ୟନ୍ତରିଣ ଆକଳନ ମାର୍କ ଦିଆଯିବାକୁ କୁହାଯାଇଛି । ଯେଉଁସବୁ ତଥ୍ୟ ମଗାଯାଉଛି ତାହା ୨୪ ଘଣ୍ଟାରେ ଦେବା ସମ୍ଭବ ନୁହେଁ । ଏଥିରେ ବୋର୍ଡ ପୁନଃର୍ବିଚାର କରିବା ଉଚିତ୍ ବୋଲି ଆୟୋଜିତ ଭର୍ଚୁଆଲ ମିଟିଂର ଓଷ୍ଟାର ଜିଲା ସଂପାଦକ ମନୋରଂଜନ ଦାସ, ସଭାପତି ବାଦଲ ଚନ୍ଦ୍ର ପାତ୍ର ଓ ଜଳେଶ୍ୱର ସଂପାଦକ ଡ. ଅଜିତ୍ କୁମାର ମହାନ୍ତିଙ୍କ ସହିତ ଜଳେଶ୍ୱରର ୫୫ଟି ହାଇସ୍କୁଲର ପ୍ରଧାନ ଶିକ୍ଷକମାନେ ଦାବି କରିଛନ୍ତି ।

## ମୋ ସ୍କୁଲ ଅଭିଯାନରେ ୫ ଲକ୍ଷ ଦାନ



ଭଦ୍ରକ,୦୪/୦୫ (ନି.ପ୍ର): 'ମୋ ସ୍କୁଲ ଅଭିଯାନ' କାର୍ଯ୍ୟକ୍ରମ ଅନୁଯାୟୀ ଭଦ୍ରକ ଚରମ୍ପା ଡଗରାସାହି ସ୍ଥିତ ନଟବର ସରାକରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଜନତା ସେବା କେନ୍ଦ୍ର ଆନୁକୂଲ୍ୟରେ ମା' ତାରିଣୀ ଷ୍ଟିଲ ପ୍ରାଇଭଟେ ଲିମିଟେଡ଼ର ସତ୍ତ୍ୱାଧିକାରୀ ସନ୍ତୋଷ କୁମାର ଅଗ୍ରୱାଲ ଓ ନିର୍ଦ୍ଦେଶକ ସଞ୍ଜୟ କୁମାର ଅଗ୍ରୱାଲ ୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି । ଯାହାକୁ ଜନତା ସେବା କେନ୍ଦ୍ରର ସଭାପତି ବିଶ୍ୱନାଥ ଅଗ୍ରୱାଲ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସଭା ମାଧ୍ୟମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଜେନାଙ୍କୁ ପ୍ରଦାନ କରିଛନ୍ତି । ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଜେନା ଅଧକ୍ଷତା କରିଥିଲେ । ସଭାରେ ଉପସ୍ଥିତ ଯୁଗଳ କିଶୋର ଅଗ୍ରୱାଲ ଉଦ୍‌ବୋଧନ ଦେଇ କହିଥିଲେ କି ସେ ସରକାରଙ୍କ ମୋ ସ୍କୁଲ ଅଭିଯାନ ବିଦ୍ୟାଳୟର ଉନ୍ନତି ନିମନ୍ତେ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ । ସେ ମଧ ଆଗାମୀ ଦିନରେ ବିଦ୍ୟାଳୟକୁ ଅର୍ଥ ପ୍ରଦାନ କରିବେ ଏବଂ ଅନ୍ୟମାନେ ମଧ ଅର୍ଥଦାନ କରିବାକୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ମୋ ସ୍କୁଲ ଅଭିଯାନର ସଂଚାଳକ ତଥା ସଭାର ମୁଖ୍ୟବକ୍ତା ସରୋଜ ପ୍ରଧାନ କହିଥିଲେ କି ଏହି ବିଦ୍ୟାଳୟ ଆଗାମୀ ଦିନରେ ଜିଲ୍ଲାର ଏକ ଆଦର୍ଶ ବିଦ୍ୟାଳୟ ହେବ ଏବଂ ଏଥି ନିମନ୍ତେ ସମସ୍ତଙ୍କ ସହଯୋଗ ଏକାନ୍ତ କାମ୍ୟ ବୋଲି ପ୍ରକାଶ କରିଥିଲେ । ଏହି ସଭାରେ ଜନତା ସେବା କେନ୍ଦ୍ରର ବରିଷ୍ଠ ଉପଦେଷ୍ଟା ଅଧିବକ୍ତା ନିରାକାର ଜେନା ମୁଖ୍ୟ ଅତିଥି, ଉପସଭାପତି କୈଳାସ ମହାପାତ୍ର ସମ୍ମାନିତ ଅତିଥି, କୁଳମଣି ବେହେରା, ପୁରାତନ ଛାତ୍ର ସଂସଦ ସଭାପତି ସୁବ୍ରତ କୁମାର ଦାସ, ସୁଶାନ୍ତଚ ଚୌଧୁରୀ ପ୍ରମୁଖ ସଭା କାର୍ଯ୍ୟ ପରିଚାଳନା କରିଥିଲେ ।

## ସୌମ୍ୟରଂଜନ ଛାତ୍ର କଂଗ୍ରେସର ଜିଲ୍ଲା ସଭାପତି ହେଲେ



ଭଦ୍ରକ,୦୪/୦୫ (ନି.ପ୍ର): ଭଦ୍ରକ ଜିଲ୍ଲା ଛାତ୍ର କଂଗ୍ରେସର ସଭାପତି ଭାବେ ସୌମ୍ୟ ରଂଜନ ବାରିକଙ୍କୁ ଦାୟିତ୍ୱ ମିଳିଛି । ତାଙ୍କ ନିଯୁକ୍ତିକୁ ନେଇ ଛାତ୍ର ସଂଗଠକଙ୍କ ମଧରେ ଆନନ୍ଦ ଦେଖା ଦେଇଛି । ଭଦ୍ରକ ଜିଲ୍ଲାରେ ଛାତ୍ର କଂଗ୍ରେସର ସଂଗଠନ ସୁଦୃଢ଼ ହେବା ସହିତ ଛାତ୍ରଛାତ୍ରୀଙ୍କ ହକ ପାଇଁ ଲଢେଇ ଜାରି ରଖିବେ ବୋଲି ସୌମ୍ୟ ଜଣାଇଛନ୍ତି । ତାଙ୍କ ନିଯୁକ୍ତିକୁ ନେଇ ଓଡିଶା ଛାତ୍ର କଂଗ୍ରେସ ସଭାପତି ୟସୀଦ ନବାଜ, ରାଷ୍ଟ୍ରୀୟ ଛାତ୍ର ସଭାପତି ନିରଜ କୁନ୍ଦନ, ଭଦ୍ରକ ଜିଲ୍ଲାର ସଭାପତି ସୁବ୍ରତ ଦାସ, ନଳିନୀକାନ୍ତ ମହାନ୍ତି, ଯୁବ ନେତା ହେମନ୍ତ ମହାପାତ୍ରଙ୍କ ସହିତ ଦଳୀୟ କର୍ମୀମାନେ ଶୁଭେଚ୍ଛା ଜଣାଇଛନ୍ତି ।

## ମାଲକାନଗିରି ଜିଲ୍ଲାରେ ନୂଆ ୩୨ କରୋନା ପଜିଟିଭ୍ ଚିହ୍ନଟ

ମାଲକାନଗିରି,୦୪/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଆଜି ନୂଆ ୩୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ରିପୋର୍ଟ ପଜିଟିଭ୍ ଆସିବା ପରେ ଗୁରୁତରଙ୍କୁ କୋଭଡ୍ ହସ୍ପିଟାଲ ଓ ସାମାନ୍ୟ ଆକ୍ରାନ୍ତଙ୍କୁ ହୋମ୍ ଆଇସୋଲେସନରେ ରଖାଯାଇ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦିଆଯାଉଛି । ଏହାକୁ ମିଶାଇ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୫୭୩୯ କୁ ବୃଦ୍ଧି ପାଇଛି । ଏଥି ମଧ୍ୟରୁ ୫୩୮୧ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ବର୍ତ୍ତମାନ ଜିଲ୍ଲାରେ ସକ୍ରିୟ ମାମଲା ୩୩୩ ରହିଛି । ସେହିପରି ଅଦ୍ୟାବଧି ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨୫ ରହିଛି ।

## 'ସ୍ୱସ୍ତିକ'ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୦୪/୦୫ (ନି.ପ୍ର): ବାଲେଶ୍ୱରର ନବଗଠିତ ସ୍ୱସ୍ତିକ ସ୍ୱେଚ୍ଛାସେବୀ ସଂଗଠନର ଉଦଘାଟନୀ ଉତ୍ସବ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ 'ଆତିଥ୍ୟ' ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱରର ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ସଂଗଠନର ସମାଜସେବା ମୂଳକ କାର୍ଯ୍ୟଧାରାକୁ ସେ ପ୍ରଶଂସା କରିବା ସହିତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ । କରୋନା ସଂକ୍ରମଣ କାଳରେ ରକ୍ତର ଆବଶ୍ୟକତା ପୂରଣ ପାଇଁ ସ୍ୱସ୍ତିକ ସଂଗଠନର ଏହି କାର୍ଯ୍ୟଧାରା ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିଛି ବୋଲି ଶ୍ରୀ ମହାପାତ୍ର ମତ ପ୍ରକାଶ କରିଥିଲେ । ବାଲେଶ୍ୱର ଟ୍ରାଫିକ ଥାନା ଅଧିକାରିଣୀ ମୋନାଲିସା କର, 'ଫ୍ୟୁଚର ବାଲେଶ୍ୱର' ସଂଗଠନର ସଭାପତି ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ ଓ 'ଓଡ଼ିଶା ମୋ ପରିବାର'ର ଜିଲା ସଂଯୋଜକ ସମାଜସେବୀ ସାହିରୁଲ ହକ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱସ୍ତିକ ସଂଗଠନର ଉଦ୍ୟମକୁ ପ୍ରଶଂସା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ସଂଗଠନର ସଭାପତି ସଂଯୁକ୍ତାରାଣୀ ବେହେରା ଶିବିର ଉଦଘାଟନୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ । ଜିଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ମହେଶ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା । ରକ୍ତଭଣ୍ଡାର କର୍ମଚାରୀମାନେ ଏଥିରେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ । ପ୍ରଶାସନର କୋଭିଡ କଟକଣା ମଧ୍ୟରେ ଆୟୋଜିତ ଏହି ଶିବିରକୁ ସବିତା ମହାନ୍ତି ଓ ସୁଶାନ୍ତ ବାରିକଙ୍କ ସମେତ ସଂଗଠନର ସଦସ୍ୟମାନେ ପରିଚାଳନା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo